
‘ସ୍ପିରିଟ୍’
ପ୍ରଭାସ ନେଇଛନ୍ତି
୧୬୦ କୋଟି
▶ପୃଷ୍ଠା୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-163 •TUESDAY •9 DECEMBER 2025 •PAGE-12 •₹ 6.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୧୬୩ •ମଙ୍ଗଳବାର •୯ ଡିସେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


### ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦: ଲାଲ୍‌ମାଟିରେ ବାରବାଟୀ ଲଢ଼େଇ

# ସରିଲା ଅଭ୍ୟାସ; ଆଜି ମୁହାଁମୁହିଁ

■ କଟକ,୮।୧୨(ସମିସ): ଐତିହାସିକ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ମଙ୍ଗଳବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ଖେଳାଯିବ। ଏହି ମୁକାବିଲା ଲାଗି ଉଭୟ ଦଳ ଯେପରି ପ୍ରସ୍ତୁତି କରିଛି, ଠିକ୍ ସେହିପରି ମ୍ୟାଚ୍‌କୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବାକୁ ଓଡ଼ିଶା କ୍ରିକେଟ ସଂଘ ଓ ସରକାରୀ ଏଜେନ୍ସିଗୁଡିକ ସେହିପରି ପ୍ରସ୍ତୁତ ହୋଇଛନ୍ତି। ଦର୍ଶକଙ୍କୁ ନିୟନ୍ତ୍ରଣ କରିବା, ମ୍ୟାଚ୍‌କୁ ଶୃଙ୍ଖଳିତ କରିବା ଆଦି ପୁଲିସ ଓ ପ୍ରଶାସନ ଲାଗି ଏକ ବଡ ଚ୍ୟାଲେଞ୍ଜ ହୋଇଛି। ପୂର୍ବରୁ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଳେ ୨୦୧୫ରେ ଦର୍ଶକ ବିଶୃଙ୍ଖଳା ଓ ଚଳିତବର୍ଷ ଫ୍ଲଡ୍‌ଲାଇଟ୍ ଲିଭିବା ଘଟଣା ସମସ୍ତଙ୍କ ମନରେ ରହିଛି। ଏହାର ଯେପରି ପୁନରାବୃତ୍ତି ନ ହୁଏ, ସେଥିଲାଗି ସମସ୍ତ ଆୟୋଜକ ଓ ଆୟୋଜନକାରୀ ସଂସ୍ଥାଗୁଡ଼ିକ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି।





ଅନ୍ୟପକ୍ଷରେ ବାରବାଟୀରେ ଉଭୟ ଦଳ ଲାଗି ଦୁଇଟି ଆହ୍ୱାନ ରହିଛି। ପ୍ରଥମଟି ହେଉଛି କାକର ବା କୁହୁଡି ସମସ୍ୟା। ଏହାକୁ କେହି ନିୟନ୍ତ୍ରଣ କରିବା ସମ୍ଭବପର ନୁହେଁ। ଦ୍ୱିତୀୟଟି ହେଉଛି ବାରବାଟୀରେ ନିର୍ମିତ ହୋଇଥିଲା ରେଡ୍ ସଏଲ ପିଚ୍ ବା ଲାଲମାଟିର ପିଚ୍। ବାରବାଟୀରେ ଏହା ପ୍ରଥମଥର ବ୍ୟବହାର କରାଯାଉଛି। ଏ ପ୍ରକାର ପିଚ୍‌ରେ ବଲର ଗତି ତୀବ୍ର ହୋଇଥାଏ। ବାଉନ୍ସ ମଧ୍ୟ ହୁଏ। ପିଚ୍‌ରେ ଘାସ ରହୁଥିବାରୁ ଫାଷ୍ଟ ବୋଲରମାନେ ଏଥିରୁ ଫାଇଦା ନେଇଥାନ୍ତି। ଏଭଳି ପିଚ୍‌ରେ ଆମେ ଅନ୍ୟଠାରେ ଖେଳିଛୁ। ଏଣୁ ଏହା ଆମଲାଗି ସମସ୍ୟା ସୃଷ୍ଟି କରିବ ନାହିଁ। କିନ୍ତୁ କଳାମାଟିରେ ପିଚ୍ ହୋଇଥିଲେ ଭଲ ହୋଇଥାନ୍ତା ବୋଲି ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି। କିନ୍ତୁ ବ୍ୟାଟରଙ୍କ ଲାଗି ଏହି ପିଚ୍ ବେଶ ଉପଯୋଗୀ ବୋଲି ପିଚ୍ ନିର୍ମାତା ଅଞ୍ଜନ ଖୁଣ୍ଟିଆ କହିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାରକ୍ରମଙ୍କ ମତରେ ଆମେ ସମସ୍ତ ପ୍ରକାର ପିଚ୍ ଓ ପରିବେଶରେ ଲଢ଼େଇ କରିବା ଲାଗି ପ୍ରସ୍ତୁତ ରହିଛୁ। ଭାରତୀୟ ଦଳରେ ଅନେକ ଶ୍ରେଷ୍ଠ ଖେଳାଳି ରହିଛନ୍ତି। ଏହା ସତ୍ତ୍ୱେ ଆମେ ନୂଆ ରଣନୀତି ନେଇ ପଡ଼ିଆକୁ ଓହ୍ଲାଇବୁ ବୋଲି ସେ ଦୃଢ଼ ଆତ୍ମବିଶ୍ୱାସର ସହ କହିଛନ୍ତି।

ଗତ ୧୦ ବର୍ଷରେ ଭାରତ ପ୍ରତିପକ୍ଷ ଦକ୍ଷିଣ ଆଫ୍ରିକାଠାରୁ ଟ-୨୦ ଶୃଙ୍ଖଳା ହାରିନାହିଁ। ୨୦୨୪ ଟି-୨୦ ବିଶ୍ୱକପ୍ ଫାଇନାଲରେ ଭାରତଠାରୁ ମଧ୍ୟ ଦକ୍ଷିଣ ଆଫ୍ରିକା ପରାଜିତ ହୋଇଥିଲା। ୨୦୨୬ ବିଶ୍ୱକପ୍ ପୂର୍ବରୁ ନିଜର ଦକ୍ଷତା ଓ ଦୁର୍ବଳତା ଆକଳନ କରିବା ଭାରତକୁ ଏହି ସିରିଜ୍ ବଡ଼ ସୁଯୋଗ ଦେଇଛି। ଏହା ପରେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ସହ ଭାରତର ବିଶ୍ୱକପ୍ ପ୍ରସ୍ତୁତି ଶେଷ ହେବ।

### ବଜେଟ ପ୍ରସଙ୍ଗରେ ନବୀନଙ୍କ କଟାକ୍ଷ

# ଫମ୍ପା ମାଠିଆର ଶବ୍ଦ ବେଶି

■ ଭୁବନେଶ୍ୱର,୮।୧୨(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗୃହରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଧେୟକ ଆଗତ କରିଛନ୍ତି। ଏହାକୁ ନେଇ ଗୃହ ବାହାରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ କହିଛନ୍ତି ଯେ ଆମେ ସମସ୍ତେ ଜାଣୁ ଯେ ଫମ୍ପା ମାଠିଆ ଭଲ ଶବ୍ଦ କରେ, ଆଉ ସେହି ଶବ୍ଦରେ ହିଁ ସେମାନେ (ସରକାର) ସନ୍ତୁଷ୍ଟ। ବଜେଟ ଉପରେ ପ୍ରତିକ୍ରିୟା ରଖି ନବୀନ କହିଛନ୍ତି ଯେ ଦୁଃଖର ସହ କହିବାକୁ ଚାହୁଁଛି ଯେ ଏହା କେବଳ ମୋର ମତ ନୁହେଁ; ଏହା ରାଜ୍ୟର ଅନେକ ଲୋକଙ୍କର ମତ ଅଟେ। ରାଜ୍ୟ ସରକାର ଏହି ରାଜ୍ୟର ଲୋକଙ୍କ ପାଇଁ ଏବଂ ସେମାନଙ୍କ ବିକାଶ ପାଇଁ କୌଣସି ଅର୍ଥ ଖର୍ଚ୍ଚ କରୁନାହାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ। ବାରମ୍ବାର ବିଜେଡି ପକ୍ଷରୁ ରାଜ୍ୟର ଲୋକଙ୍କ ବିକାଶ ପାଇଁ କିଛି ଖର୍ଚ୍ଚ ହେବା ଉଚିତ୍ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ମାତ୍ର ସେମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅବହେଳା କରୁଛନ୍ତି। ଏଥିପାଇଁ କେବଳ କିଛି ଲୋକ ନୁହେଁ, ସମସ୍ତେ ଅସୁବିଧା ଭୋଗୁଛନ୍ତି ବୋଲି ସେ କହିଛନ୍ତି।



**ଲୋକଙ୍କ ବିକାଶ ପାଇଁ ଅର୍ଥ ଖର୍ଚ୍ଚ କରୁନାହାନ୍ତି ସରକାର**

## କଣ୍ଟେନରକୁ ଧକ୍କା ଦେଲା ବାଇକ୍; ୨ ମୃତ

■ ରାଇରଙ୍ଗପୁର,୮।୧୨(ସମିସ): କଣ୍ଟେନରକୁ ପଛପଟୁ ଏକ ବାଇକ୍ ଧକ୍କା ଦେବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଦୁଇ ଜଣ ହେଲେ ବିଶୋଇ ଥାନା ଚତୁରିସାହି ଅଞ୍ଚଳର ସଞ୍ଜୀବ ସିଂ(୩୦) ଓ ମୋଟା ସିଂ (୧୨)। ଉଭୟ ବାପ-ପୁଅ ବୋଲି କୁହାଯାଉଛି। ସୋମବାର ସନ୍ଧ୍ୟାରେ ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ପୁରୁଣାଘାଟି ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ କଣ୍ଟେନରକୁ ପଛପଟୁ ବାଇକ୍ ଧକ୍କା ଦେଇଥିଲା। ▶ପୃଷ୍ଠା-୭

# ଭୋଟରଙ୍କୁ ଏସ୍‌ଆଇଆର୍ ଚିନ୍ତା

### ତାମିଲନାଡୁରେ ହଟିବେ ୮୪ ଲକ୍ଷ

■ ଚେନ୍ନାଇ, ୮।୧୨(ଏଜେନ୍ସି): ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟା ଚାଲୁରହିଛି। ଆସନ୍ତା ୧୧ ତାରିଖ ଫର୍ମ ଦାଖଲ କରିବାର ଶେଷ ଦିନ ରହିଛି। ଇତିମଧ୍ୟରେ ଏପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁସାରେ ଜଣାପଡ଼ିଛି ଯେ, ବିଭିନ୍ନ ରାଜ୍ୟରେ ଏବେକାର ଭୋଟର ତାଲିକାରୁ ବହୁ ସଂଖ୍ୟାରେ ଭୋଟର ବାଦ୍ ପଡ଼ିବେ ବୋଲି ଆଶଙ୍କା କରାଯାଉଛି। ଏହି ରାଜ୍ୟଗୁଡିକ ମଧ୍ୟରେ ତାମିଲନାଡୁ ସର୍ବାଗ୍ରେ ରହିଛି। ତାମିଲନାଡୁରେ ୮୪.୯୧ ଲକ୍ଷ ଫର୍ମ ଅସଂଗ୍ରହଣୀୟ ଶ୍ରେଣୀରେ ରହିଛନ୍ତି। ଅର୍ଥାତ ଏହି ଫର୍ମଗୁଡିକ ଭିନ୍ନ ଭିନ୍ନ କାରଣ ଯୋଗୁଁ ଏକାଠି ହୋଇପାରିନାହିଁ। ଏଥିରେ ଅସମ୍ପୂର୍ଣ୍ଣ ସୂଚନା, ୨୦୦୩ ତାଲିକାରୁ ନାମ ହଜିବା ଭୋଟରଙ୍କ ମୃତ୍ୟୁ କିମ୍ବା ସ୍ଥାନାନ୍ତର ଅନ୍ତର୍ଭୁକ୍ତ। ଇତିମଧ୍ୟରେ ତାମିଲନାଡୁରେ ମିଳିଥିବା ସୂଚନା ଅନୁସାରେ ଏବେକାର ଭୋଟର ତାଲିକାରୁ ୮୪ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କରିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ପଶ୍ଚିମବଙ୍ଗରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି। ଏହି ରାଜ୍ୟରେ ଅସଂଗ୍ରହଣୀୟ ଶ୍ରେଣୀରେ ସାମିଲଥିବା ଫର୍ମ ସଂଖ୍ୟା ହେଉଛି ୫୪.୫୯ ଲକ୍ଷ। ଅର୍ଥାତ ଏହି ସଂଖ୍ୟାର ଭୋଟରଙ୍କ ନାମ ତାଲିକାରୁ କଟିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି କେରଳରେ ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ ବୋଲି ଜଣାପଡ଼ିଛି। କେରଳରେ ଯେଉଁ ଭୋଟରଙ୍କ ଖୋଜ ଖବର ମିଳୁନାହିଁ, ସେମାନ ମୃତ୍ୟୁବରଣ କରିଛନ୍ତି କିମ୍ବା ଅନ୍ୟସ୍ଥାନକୁ ସ୍ଥାନାନ୍ତର ହୋଇଛନ୍ତି ବୋଲି କୁହାଯାଇଛି। ଡିସେମ୍ବର ୧୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେବ। ଏଥିରୁ ଏହି ଭୋଟରଙ୍କ ନାମ କଟିବାର ଯଥେଷ୍ଟ ଆଶଙ୍କା ରହିଛି। ଉଲ୍ଲେଖଥାଉ କି, ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଅକ୍ଟୋବର ୨୮ରୁ ଏସ୍‌ଆଇଆର ପ୍ରକ୍ରିୟା ଚାଲୁ ରହିଛି। ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂସୋଧନ ହେଉଛି। ଏଥିରେ ନୂଆ ଭୋଟରଙ୍କ ନାମ ଯୋଡା ଯାଉଥିବା ବେଳେ ଭୋଟର ତାଲିକାରେ ଥିବା ତ୍ରୁଟିଗୁଡିକୁ ଠିକ୍ କରାଯାଇଥାଏ।

**ପଶ୍ଚିମବଙ୍ଗରେ ଫର୍ମ ଦାଖଲ କରିନାହାନ୍ତି ୫୪ ଲକ୍ଷ**



### ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର ଘଟଣା

# ଗୋଷ୍ଠୀ ସଂଘର୍ଷରେ ଜଳୁଛି ମାଲକାନଗିରି

■ ମାଲକାନଗିରି, ୮।୧୩(ସମିସ): ମୁଣ୍ଡବିହୀନ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ କୋରୁକୁଣ୍ଡା ବ୍ଲକ୍ ମାରିବେଡ଼ା ପଞ୍ଚାୟତ ଅଧୀନ ରଖେଲଗୁଡ଼ା ଓ ଏମ୍‌ଭି-୨୬ ଗ୍ରାମରେ ଲାଗି ରହିଥିବା ସଂଘର୍ଷ ଥମିବାର ନାଁ ଧରୁନି। ଆଜି ମଧ୍ୟ ରଖେଲଗୁଡ଼ାର କିଛି ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମର ବହୁ ଲୋକଙ୍କ ଘର ଜାଳି ଦେଇଛନ୍ତି। ଅପରପକ୍ଷେ, ଏହାର ପ୍ରତିବାଦରେ ବଙ୍ଗଳା ଭାଷାଭାଷୀ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ମାଲକାନଗିରିସ୍ଥିତ ଏମ୍‌ଭି-୩ରୁ ସେମାନେ ଏକ ବିଶାଳ ରାଲିରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ବଙ୍ଗଳା ଭାଷାଭାଷୀଙ୍କ ବିରୋଧରେ ଅତ୍ୟାଚାର ବଢ଼ୁଥିବା ବେଳେ କାହିଁକି ଜିଲ୍ଲା ଏବଂ ପୁଲିସ୍ ପ୍ରଶାସନ କାହିଁକି ଚୁପ୍ ବସିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ପ୍ରଶାସନ ତଦନ୍ତ ଆରମ୍ଭ କରିଛି। ଉତ୍ତେଜନା କ୍ରମଶଃ ବଢ଼ୁଥିବାରୁ ପ୍ରଶାସନ ପକ୍ଷରୁ ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରିଦିଆଯାଇଛି। ଏହାସହ ମଙ୍ଗଳବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ମଦ ଦୋକାନକୁ ମଧ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି, ଆଜି ସଂଧ୍ୟାରେ ପୁଲିସ ଡିଜି ୱାଇ.ବି ଖୁରାନିଆ, ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଅଖିଳେଶ୍ୱର ସିଂ, ଏଡିଜି (ଅପରେସନ୍) ସଂଜୀବ ପଣ୍ଡା ପ୍ରମୁଖ ମାଲକାନଗିରିରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି।

**ମାଲକାନଗିରିରେ ଇଣ୍ଟରନେଟ୍, ମଦ ଦୋକାନ ବନ୍ଦ**

**ଧସ୍ତାଧସ୍ତିରେ ପୁଲିସ ଆହତ**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ବଙ୍ଗଳା ଭାଷାଭାଷୀ**

**ନଦୀ ଜଳସ୍ତର କମାଇ ମୁଣ୍ଡ ଖୋଜିଲା ପୁଲିସ**



ସୂଚନାନୁଯାୟୀ, ରାଖେଲଗୁଡ଼ାର ବିଧବା ଲୋକେ ପଡ଼ିଆମି (୫୧) ଗତ ୧ ତାରିଖ ଦିନ ଜମିକୁ କାମ କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ଦୁଇ ଦିନ ପରେ ମହିଳାଙ୍କ ମୁଣ୍ଡବିହୀନ ଶବ ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛ କଡ଼ରୁ ଉଦ୍ଧାର ହୋଇଥିଲା। ଲୋକେଙ୍କ ସହ ଏମ୍‌ଭି-୨୬ ଗ୍ରାମର ୩ଜଣଙ୍କ ଜମିବାଡ଼ି ବିବାଦ ଥିବାରୁ ତାଙ୍କୁ ସୁପରିକଳ୍ପିତ ଭାବେ ହତ୍ୟା କରାଯାଇଛି ବୋଲି ରାଖେଲଗୁଡ଼ା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ୩ ଦିନ ହେଲା ଉତ୍ତେଜନା ଲାଗି ରହିଛି। ଗତକାଲି ରାଖେଲଗୁଡ଼ା ଗ୍ରାମବାସୀ ଏମ୍‌ଭି-୨୬ ଗ୍ରାମରେ ପଶି ବ୍ୟାପକ ଭଙ୍ଗାରୁଜା ଓ ପୋଡ଼ାଜଳା କରିଥିଲେ। ଆଜି ମଧ୍ୟ ସମାନ ଘଟଣା ଘଟିଛି। ଏମ୍‌ଭି-୨୬ ଗ୍ରାମରେ ପଶି ରାଖେଲଗୁଡ଼ା ଗ୍ରାମବାସୀ ବହୁ ଘରେ ନିଆଁ ଲଗାଇ ଦେଇଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ପୁଲିସ ସେମାନଙ୍କୁ ବାରଣ କରିବାରୁ ପୁଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଛି। ଏଥିରେ ୩ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ନିମନ୍ତେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ଏଚ୍ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ପ୍ରତି ନଜର ରଖିଛନ୍ତି।

ସେପଟେ, ମୃତ ମହିଳା ଲୋକେଙ୍କ କଟା ମୁଣ୍ଡ ଖୋଜିବା ପାଇଁ ପୁଲିସ ପ୍ରଶାସନ ଓ ▶ପୃଷ୍ଠା-୭

# ବିଧାନସଭାରେ ମାଲକାନଗିରି ତାତି

■ ଭୁବନେଶ୍ୱର,୮।୧୨(ସମିସ): ମାଲକାନଗିରିରେ ସୃଷ୍ଟି ହୋଇଥିବା ଗୋଷ୍ଠୀ ସଂଘର୍ଷର ତାତି ଆଜି ବିଧାନସଭାରେ ଅନୁଭୂତ ହୋଇଛି। ବିଜେଡି ଓ କଂଗ୍ରେସର ସଦସ୍ୟ ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ସରକାର କ’ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ପ୍ରତାପ ଦେବ୍ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ରାଜ୍ୟ ସରକାର ନିଘୋଡ଼ ନିଦ୍ରାରେ ଶୋଇଛନ୍ତି। ମାଲକାନଗିରିର ଅଘଟଣ ବିଷୟରେ ଗୃହ ବିଭାଗ ଜାଣି ନ ପାରିବା ଦୁର୍ଭାଗ୍ୟଜନକ। ଆଜି ଖବରକାଗଜରେ ଏହି ପ୍ରସଙ୍ଗ ବାହାରିଛି କିନ୍ତୁ ଘଟଣା ଦୁଇ ଦିନ ବିତି ଗଲାଣି। ଗୃହ ବିଭାଗ ଓ ଗୁଇନ୍ଦା ବିଭାଗ ଶୋଇଥିଲେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ମାଲକାନଗିରି ମାଓପ୍ରବଣ ଦୃଷ୍ଟିରୁ ସମ୍ବେଦନଶୀଳ ଅଞ୍ଚଳ। ସେଠାରେ ୫୦ ଘର ପୋଡ଼ିଲା, ▶ପୃଷ୍ଠା-୭

**ତୁରନ୍ତ ଡିଜିଙ୍କୁ ମାଲକାନଗିରି ପଠାଯିବାକୁ ବିଜେଡିର ଦାବି**

**ଆଇନଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ: କଂଗ୍ରେସ**

### ଚରମ ଅରାଜକତା

# ରାଜ୍ୟରେ ଦିନକୁ ୭ ଦୁଷ୍କର୍ମ, ୨୧ ଅସଦାଚରଣ

■ ଭୁବନେଶ୍ୱର,୮।୧୨(ସମିସ): ଦିନକୁ ଦିନ ବଢ଼ୁଛି ରାଜ୍ୟରେ ମହିଳା ବିରୋଧୀ ହିଂସା। ଅଶାନ୍ତ ହେଉଛି ଓଡ଼ିଶା, ବିପର୍ଯ୍ୟସ୍ତ ହୋଇ ଚାଲିଛି ଆଇନଶୃଙ୍ଖଳା ପରିସ୍ଥିତି। ବିଧାନସଭାରେ ଖୋଦ ସରକାର ଦେଇଛନ୍ତି ଏ ସଂକ୍ରାନ୍ତ ତଥ୍ୟ। ଗତ ୧୫ ମାସ ମଧ୍ୟରେ ରାଜ୍ୟର ୩୨୦୫ ଜଣ ମହିଳା ଦୁଷ୍କର୍ମ ବା ଗଣ ଦୁଷ୍କର୍ମର ଶିକାର ହୋଇଥିବା ସରକାର ସ୍ୱୀକାର କରିଛନ୍ତି। ଗୋଟିଏ ପଟେ ଝିଅ ପୋଡିକୁ ନେଇ ଜାତୀୟ ତଥା ଅର୍ନ୍ତଜାତୀୟ ସ୍ତରରେ ଓଡ଼ିଶା ନିନ୍ଦିତ ହୋଇଛି। ଗୋଟିଏ ପରେ ଗୋଟିଏ ଘଟଣା ରାଜ୍ୟ ପାଇଁ ଅପବାଦ ଡ଼ାକି ଆଣୁଛି। ଏପରି ମାମଲା ଥମିବାର ନାଁ ଧରୁ ନ ଥିବାବେଳେ ଦୁଷ୍କର୍ମ ଓ ମହିଳା ହିଂସା ତଥ୍ୟ ସମସ୍ତଙ୍କୁ ଭୟଭୀତ କରିଛି।

ରାଜ୍ୟରେ ମହିଳା ହିଂସା ସଂକ୍ରାନ୍ତରେ ବିଧାନସଭାରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ମୋଟ୍ ୩୨୦୫ ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ସେହିପରି ଏହି ସମୟ ମଧ୍ୟରେ ୨୦୨ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ମଧ୍ୟ ମାମଲା ରୁଜୁ ହୋଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଅସଦାଚରଣ ମାମଲା ସବୁ ରେକର୍ଡ ଭାଙ୍ଗି ଦେଇଛି। ବିଗତ ୧୫ ମାସ ମଧ୍ୟରେ ରାଜ୍ୟରେ ୯୮୫୧ଜଣ ମହିଳା ଅସଦାଚରଣ ଜନିତ ହିଂସାର ଶିକାର ହୋଇଛନ୍ତି। ଯାହା ସ୍ପଷ୍ଟ କରୁଛି ମହିଳାଙ୍କ ପ୍ରତି ଅପରାଧିଙ୍କ ମାନସିକତା ବଦଳିବାରେ ଲାଗିଛି।



**୧୫ ମାସ ମଧ୍ୟରେ ସର୍ବସାଧାରଣ ସ୍ଥାନରେ ୨୩୧୦ ମହିଳାଙ୍କୁ ବିବସ୍ତ୍ର କରାଯାଇଛି**

**ପୁଲିସ କାର୍ଯ୍ୟାନୁଷ୍ଠାନରେ ଶିଥିଳତା ଯୋଗୁଁ ଅପରାଧୀ ଉପରମୁହାଁ; ରାଜ୍ୟବାସୀ ଚିନ୍ତିତ**

ବିଧାନସଭାରେ ବିଧାୟକ ଅରୁଣ ସାହୁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଉଦ୍‌ବେଗ ପ୍ରକାଶ କରି ମହିଳା ଅସଦାଚରଣ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ଅଛି। ଓଡ଼ିଶା ତଳକୁ ମହାରାଷ୍ଟ୍ର ରହିଥିବା କହି ସେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେହିପରି ୧୫ମାସରେ ୧୪୭୬ ଜଣ ମହିଳା ଯୌନ ପ୍ରତାରଣାର ଶିକାର ହେଉଛନ୍ତି। ୮୮୬୩ ଜଣଙ୍କୁ ମହିଳାଙ୍କୁ ଅପହରଣ କରାଯାଇଛି, ସର୍ବସାଧାରଣ ସ୍ଥଳରେ ୨୩୧୦ ଜଣ ମହିଳାଙ୍କୁ ବସ୍ତ୍ର ହରଣ କରାଯାଇଛି। ଖରାପ ନଜରରେ ଦେଖିବା ଯୋଗୁଁ ୫୫୬ଟି ମାମଲା ରୁଜୁ ହୋଇଛି। ୧୨୯ ଜଣଙ୍କୁ ଟ୍ରାଫିକିଂ କରାଯାଇଛି। ଇବଟ ଟିଜିଂରେ ୭୯୬ ମାମଲା ରୁଜୁ କରାଯାଇଛି ବୋଲି ତଥ୍ୟ ପ୍ରକାଶ ପାଇଛି।

# ଜୀବନ ଯୁଦ୍ଧରେ ହାରିଗଲେ ଶୃତି

■ ରାଉରକେଲା,୮।୧୨(ସମିସ): ଜୀବନ ଯୁଦ୍ଧରେ ସଂଗ୍ରାମ କରି ଶେଷରେ ଗତକାଲି ରାତ୍ରୀରେ ଆଖି ବୁଜିଦେଲେ ଆତ୍ମାହୁତି ଉଦ୍ୟମ କରିଥିବା ଲାଞ୍ଜିବେର୍ଣ୍ଣାର ଛାତ୍ରୀ ଶୃତି ଟପ୍ପୋ। ଜଣେ ଯୁବକଙ୍କ ବାରମ୍ବାର ଫୋନରେ ନିର୍ଯାତନା ସହ୍ୟ କରି ନ ପାରି ଶନିବାର ନିଜକୁ ଜାଳି ଦେଇଥିଲେ ନାବାଳିକା ଛାତ୍ରୀ ଶୃତି। ତାଙ୍କ ଶରୀରର ୯୦ ପ୍ରତିଶତ ଅଂଶ ପୋଡି ଯାଇଥିବାରୁ ତାଙ୍କୁ ରାଉରକେଲାର ଆଇଜିଏଚର ବର୍ଣ୍ଣ ୟୁନିଟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା। ତେବେ ୨୪ ଘଣ୍ଟା ଜୀବନ ▶ପୃଷ୍ଠା-୭

**ଯୁବକଙ୍କ ନିର୍ଯାତନା ସହି ନପାରି କରିଥିଲେ ଆତ୍ମାହୁତି ଉଦ୍ୟମ**

**କ୍ଷତିପୂରଣ, ନ୍ୟାୟ ଦାବିରେ ବିଜେଡି ଓ ପରିବାର ବର୍ଗଙ୍କ ଧାରଣା**

**୪ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା ପରେ ଉଠିଲା ଶବ**



## ହୃଦୟ ବିଦାରକ: ନବୀନ

**ସରକାର ଆଉ କେତେ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ**

■ ଭୁବନେଶ୍ୱର, ୮।୧୨ (ସମିସ): ରାଜଗାଙ୍ଗପୁର ଲାଞ୍ଜିବେର୍ଣ୍ଣାରେ ନିଆଁରେ ଜଳି କଲେଜ ଛାତ୍ରୀ ପ୍ରାଣହରାଇବା ଘଟଣାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଉକ୍ତ ଘଟଣାକୁ ନବୀନ ଅତ୍ୟନ୍ତ ହୃଦୟବିଦାରକ ବୋଲି ନବୀନ ଅଭିହିତ କରିବା ସହ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ନବୀନ କହିଛନ୍ତି ଯେ ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ପ୍ରତି ▶ପୃଷ୍ଠା-୭

**ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ**

# ‘ବନ୍ଦେ ମାତରମ୍’ ଉପରେ ସଂସଦରେ ସ୍ୱତନ୍ତ୍ର ଚର୍ଚ୍ଚା




■ ଜାତୀୟ ସଙ୍ଗୀତକୁ ଖଣ୍ଡ ଖଣ୍ଡ କରିଥିଲା କଂଗ୍ରେସ: ମୋଦୀ

■ ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଛି: ପ୍ରିୟଙ୍କା ଭଦ୍ରା

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ଜାତୀୟ ସଙ୍ଗୀତ ‘ବନ୍ଦେ ମାତରମ’କୁ ୧୫୦ ବର୍ଷ ପୂରଣ ହୋଇଛି। ଏହି ଅବସରରେ ସଂସଦରରେ ଜାତୀୟ ସଙ୍ଗୀତ ଉପରେ ସ୍ୱତନ୍ତ୍ର ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମେ ଏହି ଚର୍ଚ୍ଚା ଆରମ୍ଭ କରି ବନ୍ଦେ ମାତରମକୁ ଖଣ୍ଡ ଖଣ୍ଡ କରିଥିବା ଅଭିଯୋଗ କଂଗ୍ରେସ ଉପରେ ଲଗାଇଛନ୍ତି। ମହମ୍ମଦ ଅଲ୍ଲି ଜିନ୍ନାଙ୍କ ଆଗରେ କଂଗ୍ରେସ ନଇଁ ଯାଇଥିଲା ବୋଲି ସେ କହିଛନ୍ତି। କଂଗ୍ରେସ ସାଂସଦ ପ୍ରିୟଙ୍କା ଭଦ୍ରା ଏହି ଆଲୋଚନାରେ ଭାଗ ନେଇ ୧୫୦ ବର୍ଷ ହେଲା ବନ୍ଦେ ମାତରମ ଦେଶର ଆତ୍ମାର ଅଂଶବିଶେଷ ଥିବା କହିଛନ୍ତି। ଏହା ୭୫ ବର୍ଷ ହେଲା ଲୋକଙ୍କ ହୃଦୟରେ ରହିଛି। ତଥାପି ଆଜି ଏହା ଉପରେ ବିତର୍କ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଭ୍ରାନ୍ତିକର ତଥ୍ୟ ଉପସ୍ଥାପନ କରାଯାଉଥିବା ସେ କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବନ୍ଦେ ମାତରମକୁ ଜନ ଗଣ ମନ ଭଳି ସମ୍ମାନ ଦେବା ପାଇଁ ଦାବି କରିଛନ୍ତି। ତେବେ ସ୍ୱାଧୀନ ସାଂସଦ ପପୁ ଯାଦବ ଏହି ଚର୍ଚ୍ଚାକୁ ବିରୋଧ କରି ସ୍ୱଚ୍ଛ ବାୟୁ, ଜଳ, ପରିବେଶ, ଆର୍ଥିକ ସ୍ୱାଧୀନତା ଆଦି ପ୍ରସଙ୍ଗ ଉପରେ ବିତର୍କ କରାଯାଉ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ବଙ୍କୀମ ଚନ୍ଦ୍ର ଚାଟାର୍ଜୀ ୧୮୭୫ ନଭେମ୍ବର ୭ରେ ବନ୍ଦେ ମାତରମ ଲେଖିଥିଲେ। ୧୮୮୨ରେ ପ୍ରଥମ ଥର ପାଇଁ ତାଙ୍କ ପତ୍ରିକା ବଙ୍ଗଦର୍ଶନରେ ଛପା ଯାଇଥିଲା। ଏହା ଆନନ୍ଦମଠ ଉପନ୍ୟାସର ଅଂଶବିଶେଷ ଥିଲା। ୧୫୦ ବର୍ଷ ପୂର୍ତ୍ତି ହୋଇଥିବାରୁ ଆଜି ମଧ୍ୟାହ୍ନ ୧୨ଟାରେ ଲୋକସଭାରେ ଏହା ଉପରେ ଚର୍ଚ୍ଚା ଆରମ୍ଭ କରି ଘଣ୍ଟାଏ ପର୍ଯ୍ୟନ୍ତ ବକ୍ତବ୍ୟ ରଖିଥିଲେ। ଏହି ସମୟରେ ସେ ୧୨୧ ଥର ବନ୍ଦେ ମାତରମ, ୫୦ ଥର ଦେଶ, ୩୪ ଥର ଇଂରେଜ, ୧୭ ଥର ପଶ୍ଚିମବଙ୍ଗ, ୧୩ ଥର କଂଗ୍ରେସ, ୧୦ ଥର ବଙ୍କୀମ ଚନ୍ଦ୍ର ଚାଟାର୍ଜୀ, ୭ ଥର ଜବାହରଲାଲ ନେହେରୁଙ୍କ ନାମ ନେଇଥିଲେ। ମୋଦୀ ମଝିରେ ବଙ୍କୀମ ଚନ୍ଦ୍ର ଦା କହିବାରୁ ଟିଏମସି ସାଂସଦ ତାଙ୍କୁ ଅଟକାଇ ଥିଲେ। ବଙ୍କୀମ ଚନ୍ଦ୍ର ବାବୁ କହିବା ପାଇଁ ମୋଦୀଙ୍କୁ ପରାମର୍ଶ ଦେଇଥିଲେ। ମୋଦୀ କହିଥିଲେ ଯେ ବନ୍ଦେ ମାତରମ ଇଂରଜଙ୍କୁ ଦୃଢ଼ ଜବାବ ଦେଇଥିଲା। ସ୍ୱାଧୀନତା ପୂର୍ବରୁ ଏହା ପ୍ରେରଣାର ସ୍ରୋତ ପାଲଟି ଥିଲା। ଏହା ମହାତ୍ମା ଗାନ୍ଧୀଙ୍କ ପସନ୍ଦ ଥିଲା। ସେ ଏହାକୁ ଜାତୀୟ ସଙ୍ଗୀତ ଭାବେ ଦେଖୁଥିଲେ। ଏହା ସତ୍ତ୍ୱେ ଗତ କିଛି ଦଶନ୍ଧି ହେଲା ବନ୍ଦେ ମାତରମ ସହ ଅନ୍ୟାୟ ଏବଂ ବିଶ୍ୱାସଘାତ କାହିଁକି କରାଯାଇଥିଲା। କାହା ପାଇଁ ବାପୁଙ୍କ ଭାବନାକୁ ଆଘାତ ଦିଆଯାଇଥିଲା? କଂଗ୍ରେସ ବନ୍ଦେ ମାତରମକୁ ଭାଗ ଭାଗ କରିଥିଲା ବୋଲି ମୋଦୀ ଅଭିଯୋଗ କରିଛନ୍ତି। ତାଙ୍କ ମତରେ, ଜିନ୍ନାଙ୍କ ମୁସଲିମ ଲିଗ୍ ଆଗରେ ନେହରୁ ନଇଁ ଯାଇଥିଲେ। ୧୯୩୬ ଅକ୍ଟୋବର ୧୫ରେ ଜିନ୍ନା ବନ୍ଦେ ମାତରମ ବିରୋଧରେ ବାହାରି ଥିଲେ। ଏହି ସମୟରେ ସେତେବେଳର କଂଗ୍ରେସ ଅଧ୍ୟକ୍ଷ ନେହରୁଙ୍କୁ ନିଜ ସିଂହାସନ ଦୋହଲୁ ଥିବା ଜଣା ପଡ଼ିଥିଲା। ମୁସଲିମ ଲିଗ୍‌କୁ ଜବାବ ଦେବା, ନିନ୍ଦା କରିବା ପରିବର୍ତ୍ତେ ସେ ଓଲଟା ଆଭିମୁଖ୍ୟ ଗ୍ରହଣ କରିଥିଲେ। ସେ ବନ୍ଦେ ମାତରମର ଯାଞ୍ଚ ଆରମ୍ଭ କରି ଦେଇଥିଲେ। ଏହାକୁ ଖଣ୍ଡ ଖଣ୍ଡ କରି ଦେଇଥିଲେ। କଂଗ୍ରେସ ଏମଏନସି ପାଲଟି ଯାଇଥିବାବେଳେ ନୀତି ସମାନ ରହିଥିଲା ବୋଲି ମୋଦୀ କହିଥିଲେ।

ଅନ୍ୟପକ୍ଷରେ ମୋଦୀଙ୍କୁ ପ୍ରିୟଙ୍କା ସମାଲୋଚନା କରି କହିଥିଲେ ଯେ ପଶ୍ଚିମବଙ୍ଗରେ ନିର୍ବାଚନ ହେବାକୁ ଯାଉଛି। ଏଥିରେ ମୋଦୀ ଜୀ ନିଜ ଭୂମିକା ନିର୍ବାହ କରିବାକୁ ଚାହୁଁଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଯେମିତି ଥିଲେ, ଏବେ ମୋଦୀ ଜୀ ସେମିତି ନାହାନ୍ତି। ମୋଦୀ ଯେତିକି ବର୍ଷ ପ୍ରଧାନମନ୍ତ୍ରୀ ଅଛନ୍ତି, ସେତିକି ବର୍ଷ ନେହରୁ ଜେଲ୍‌ରେ କଟାଇ ଥିଲେ। ସେହିପରି କଂଗ୍ରେସ ସାଂସଦ ଗୌରବ ଗୋଗୋଇ ଏହି ଆଲୋଚନାରେ ସାମିଲ ହୋଇ ସରକାରଙ୍କ ନୀତିକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ପଶ୍ଚିମବଙ୍ଗ ନିର୍ବାଚନ ଆସିଥିବାରୁ ବିଭ୍ରାନ୍ତିକର ପ୍ରସଙ୍ଗ ଉଠା ଯାଉଥିବା କହିଥିଲେ।

## ସଂକ୍ଷିପ୍ତ

### ଯୌନ ଉତ୍ପୀଡ଼ନ ମାମଲାରୁ ମାଲାୟଲମ୍ ଅଭିନେତା ଦିଲୀପ ମୁକ୍ତ

କୋଚି, ୮।୧୨(ଏଜେନ୍ସି): ୨୦୧୭ରେ ଘଟିଥିବା ଏକ ଯୌନ ଉତ୍ପିଡନ ମାମଲାରେ ମାଲାୟଲମ ଅଭିନେତା ଦିଲୀପ ଦୋଷ ମୁକ୍ତ ହୋଇଛନ୍ତି। ୨୦୧୭ରେ ଦକ୍ଷିଣର ଜଣେ ଅଭିନେତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ। କେରଳ ଏର୍ଣ୍ଣାକୁଲମ ସେସନ କୋର୍ଟ ସୋମବାର ଏହି ମାମଲାରେ ଦିଲୀପଙ୍କୁ ମୁକ୍ତ କରିଛନ୍ତି। ବିଚାରପତି ହନୀ ଏମ୍ ବର୍ଗିସ କହିଛନ୍ତି ଯେ, ଦୀଲିପ ଅଭିନେତ୍ରୀଙ୍କ ଉତ୍ପୀଡ଼ନ ମାମଲାରେ ସାମିଲ ନଥିଲେ। ତାଙ୍କ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ମଧ୍ୟ କୋର୍ଟ ମୁକ୍ତ କରିଛନ୍ତି। ତେବେ କୋର୍ଟ ମୁଖ୍ୟ ଅଭିଯୁକ୍ତ ସୁନୀଲ ଏନ୍‌ଏସ୍ ଓରଫ୍ ପଲ୍ସର ସୁନୀଙ୍କ ସମେତ ୬ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡିସେମ୍ବର ୧୨ରେ କୋର୍ଟ ଦୋଷୀଙ୍କ ବିରୋଧରେ ଦଣ୍ଡ ଘୋଷଣା କରିବେ। ଛବି ଓ କ୍ୟାରିଅର ଶେଷ କରିବାକୁ ମୋ ବିରୋଧରେ ଷଡଯନ୍ତ୍ର କରାଯାଇଥିଲା ବୋଲି କୋର୍ଟ ରୁମ ବାହରକୁ ଆସି ଦୀଲିପ କହିଛନ୍ତି। ଜଣେ ବିରଷ୍ଠ ମହିଳା ଅଧିକାରୀ ଓ କେତେଜଣ ଗୁଣ୍ଡା ମୋତେ ଫସାଇଥିଲେ ବୋଲି ସେ କହିଛନ୍ତି।

### ବାଂଲାଦେଶରେ ହିନ୍ଦୁ ଦମ୍ପତିଙ୍କ ଗଳାକାଟି ହତ୍ୟା

ଢାକା, ୮।୧୨(ଏଜେନ୍ସି): ବାଂଲାଦେଶର ରଙ୍ଗପୁର ଜିଲ୍ଲାରେ ଜଣେ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରାଯାଇଛି। ୧୯୭୧ ମୁକ୍ତି ସଂଗ୍ରାମରେ ସାମିଲ ଥିବା ୭୫ ବର୍ଷୀୟ ଯୋଗେନ୍ଦ୍ର ଚନ୍ଦ୍ର ରାୟ ଓ ତାଙ୍କ ପତ୍ନୀ ସୁବର୍ଣ୍ଣା ରାୟଙ୍କ ଗଳା କାଟି ନିର୍ମମ ଭାବେ ହତ୍ୟା କରାଯାଇଛି। ରବିବାର ସକାଳେ ଦୁଇଜଣଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର କରାଯାଇଛି। ଏପର୍ଯ୍ୟନ୍ତ କୌଣସି ଏଫ୍‌ଆଇଆର୍ ଦାଏର କରାଯାଇନାହିଁ ଓ କାହାକୁ ଗିରଫ ମଧ୍ୟ କରାଯାଇନାହିଁ। ରବିବାର ସକାଳେ କବାଟ ବନ୍ଦ ଥିବା କାରଣରୁ ଘରୋଇ ସହାୟିକା କବାଟ ବାଡେଇଥିଲେ। କିନ୍ତୁ କିଛି ଜବାବ ମିଳି ନଥିଲା। ଫଳରେ ସେ ସିଡ଼ି ଲଗାଇ ଘର ଭିତରକୁ ଯାଇଥିଲେ ଓ ଦୁଇଜଣଙ୍କ ମୃତଦେହ ଦେଖିଥିଲେ। ଦୁଇଜଣଙ୍କ ଗଳା କଟାଯାଇଥିଲା। ରାତି ୧ଟାରେ ଆକ୍ରମଣ କରାଯାଇଥିଲା ବୋଲି ପୁଲିସ କହିଛି। ଏହି ଦମ୍ପତି ଗାଁ ଘରେ ଏକାଟିଆ ରହୁଥିଲେ। ଦମ୍ପତିଙ୍କ ଦୁଇ ପୁଅ ଶୋଭନ ଚନ୍ଦ୍ର ରାୟ ଓ ରାଜେଶ ଖାନ୍ନା ଚନ୍ଦ୍ର ରାୟ ବାଂଲାଦେଶ ପୁଲିସ ବିଭାଗରେ ଚାକିରି କରନ୍ତି। ସୂଚନା ପାଇବା ପରେ ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। କିନ୍ତୁ ହତ୍ୟାର କାରଣ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ସ୍ଥାନୀୟ ସ୍ୱତନ୍ତ୍ରତା ସେନାନୀ ସଂଗଠନ ଏହି ଘଟଣାରେ କ୍ରୋଧରେ ରହିଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ନ କରାଗଲେ ଆନ୍ଦୋଳନ କରାଯିବ ବୋଲି ଧମକ ଦିଆଯାଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଚାଲିଥିବା ଅନ୍ତରୀଣ ସରକାରଙ୍କ କାର୍ଯ୍ୟକାଳରେ ସାରା ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବା ବେଳେ ଏହି ଘଟଣା ଘଟିଛି। ୨୦୨୪ରେ ଶାସନ ପରିବର୍ତ୍ତନ ପରେ ହିନ୍ଦୁଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରାଯାଉଛି।

### ବାବରୀ ମସଜିଦ୍ ନିର୍ମାଣ ପାଇଁ ୧୧ ବାକ୍ସ ଚାନ୍ଦା ମିଳିଛି

■ ଅନ୍‌ଲାଇନ୍‌ରେ ମିଳିଛି ୯୩ ଲକ୍ଷ

ମୁର୍ସିଦାବାଦ୍, ୮।୧୨(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଜିଲ୍ଲାର ବେଲଡାଙ୍ଗାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନୀଲମ୍ବିତ ବିଧାୟକ ହୁମାୟୁନ କବୀର ଡିସେମ୍ବର ୬ରେ ବାବରୀ ମସଜିଦର ନିଅଁ ରଖିଥିଲେ। ବାବରୀ ମସଜିଦ୍ ଭଙ୍ଗା ଘଟଣାର ୩୩ ବର୍ଷ ପୂରଣ ଦିନ ସେ ଶିଳାନ୍ୟାସ କରିଥିଲେ। କଡ଼ା ସୁରକ୍ଷା ବଳୟ ଭିତରେ କବୀର ମୌଲବୀଙ୍କ ସହ ମଞ୍ଚ ଉପରେ ଫିତା କାଟିବା ସହ ଔପଚାରିକତା ପୂରଣ କରିଥିଲେ। ଏବେ ଏହି ମସଜିଦ ନିର୍ମାଣ ପାଇଁ ଏକାଠି କରାଯାଇଥିବା ଚାନ୍ଦାର ଏକ ଭିଡିଓ ସାମ୍ନାକୁ ଆସିଛି। କବୀର ସାମାଜିକ ଗଣମାଧ୍ୟମ ଫେସ୍‌ବୁକ୍‌ରେ ଏ ନେଇ ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ କିଛି ଲୋକ ଟଙ୍କା ଗଣୁଥିବାର ଦେଖାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ ଶିଳାନ୍ୟାସ ସମାରୋହରେ ୧୧ଟି ବାକ୍ସ ଚାନ୍ଦା ଏକାଠି କରାଯାଇଛି। ଏହାକୁ ଗଣିବା ପାଇଁ ୩୦ ଜଣ ଲୋକ ଓ ନୋଟ ଗଣିବା ମେସିନକୁ ନିୟୋଜିତ କରିବାକୁ ପଡ଼ିଛି। ଇତିମଧ୍ୟରେ କବୀର ଆଉଏକ ନୂଆ ଘୋଷଣା କରିଛନ୍ତି। ସେ ଏକ ଲକ୍ଷ ଲୋକଙ୍କୁ ନେଇ କୋରାନ ପାଠ କରିବାକୁ ଘୋଷଣା କରିଛନ୍ତି।

### ଗୌରବ ଖାନ୍ନା ବିଗ୍ ବସ୍ ୧୯ର ବିଜେତା

ନୂଆଦିଲ୍ଲୀ, ୮।୧୨(ଏଜେନ୍ସି): ଜଣାଶୁଣା ରିୟାଲିଟି ଶୋ ବିଗ୍ ବସ୍‌ର ୧୯ତମ ସଂସ୍କରଣ ଶେଷ ହୋଇଛି। ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇ ଗୌରବ ଖାନ୍ନା ବିଜେତା ଘୋଷିତ ହୋଇଛନ୍ତି। ସେହିପରି ଫରହାନ ଭଟ୍ଟ ରନର୍ସଅପ ବିବେଚିତ ହୋଇଛନ୍ତି। ପ୍ରଣିତ ମୋରେ ତୃତୀୟ, ତାନ୍ୟା ମିତ୍ତଲ ଚତୁର୍ଥ ଓ ଅମାନ ମଲିକ ପଞ୍ଚମ ସ୍ଥାନରେ ରହିଛନ୍ତି। ଗୌରବ ଜଣେ ଜଣାଶୁଣା ଟେଲିଭିଜନ ଅଭିନେତା। ସିଆଇଡି ଓ ଅନୁପମା ଭଳି ଟିଭି ଶୋ’ରେ ତାଙ୍କୁ ଦେଖିବାକୁ ମିଳିଛି। ଶୋ ଜିତିବା ପରେ ଗୌରବଙ୍କୁ ବିଗ ବସ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ନଗଦ ପୁରସ୍କାର ରାଶି ମିଳିଛି। ଗ୍ରାଣ୍ଡ ଫିନାଲେରେ କାର୍ତ୍ତିକ ଆର୍ଯ୍ୟନ, ଅନନ୍ୟା ପାଣ୍ଡେ, ଅରମାନ ମଲିକ, କରଣ କୁନ୍ଦ୍ରାଙ୍କ ଭଳି ତାରକା ଉପସ୍ଥିତ ଥିଲେ। ଭୋଜପୁରୀ ସୁପରଷ୍ଟାର ତଥା ଗାୟକ ପବନ ସିଂ ମଧ୍ୟ ଏଥିରେ ଯୋଗ ଦେଇଥିଲେ।

## ସୁଧୁରୁନି ଇଣ୍ଡିଗୋ, ପୁଣି ୫୦୦ ବାତିଲ




■ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଉଦାହରଣ ସୃଷ୍ଟି କରିବୁ: ମନ୍ତ୍ରୀ

■ ତତ୍କାଳ ଶୁଣାଣି ପାଇଁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ସରକାରଙ୍କ ଉପରେ ଚାପ ସୃଷ୍ଟି କରିଥିବା ଦେଶର ବଡ଼ ଏୟାରଲାଇନ ଇଣ୍ଡିଗୋ ଉଡ଼ାଣ ସମସ୍ୟାରୁ ବାହାରି ପାରୁନି। ନିୟମ କୋହଳ ସତ୍ତ୍ୱେ ‘ଯଥା ପୂର୍ବଂ ତଥା ପରଂ’ ସ୍ଥିତି ଲାଗି ରହିଛି। ବିମାନବନ୍ଦରରେ ଅପେକ୍ଷା କରି କରି ଯାତ୍ରୀ ନାକେଦମ ହେଉଛନ୍ତି। ଏହାକୁ ନେଇ ସଂସଦର ଉଭୟ ଗୃହରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ସରକାର କ’ଣ କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିପର୍ଯ୍ୟୟ ପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ଏପରି ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁ ରାଜ୍ୟସଭାରେ ଇଣ୍ଡିଗୋ ସଙ୍କଟକୁ ନେଇ ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ନୂଆ ନିୟମ କାର୍ଯ୍ୟକାରୀ ହେବା ପରେ କ୍ରୁ ରିଷ୍ଟୋରିଂ ଏବଂ ଆଭ୍ୟନ୍ତରୀଣ ଯୋଜନା ଅଭାବରୁ ଇଣ୍ଡିଗୋରେ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଏଥିପାଇଁ ଯାତ୍ରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର ଏହି ମାମଲାକୁ ହାଲକାରେ ନେଉ ନାହାନ୍ତି। ମାମଲାର ତଦନ୍ତ ଜାରି ରହିଛି। ଏହି ବିଭ୍ରାଟକୁ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ, ଯାହା ଅନ୍ୟ ଏୟାରଲାଇନ ପାଇଁ ଉଦାହରଣ ପାଲଟିବ। ଯଦି ଟିକିଏ ବି ଅବହେଳା ଥାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଏହି କ୍ଷେତ୍ରକୁ ଅଧିକ କମ୍ପାନୀ ଆସନ୍ତୁ ବୋଲି ସରକାର ଚାହୁଁଛନ୍ତି। ଦେଶରେ ପାଞ୍ଚଟି ବଡ଼ ଏୟାରଲାଇନ ହେବାର କ୍ଷମତା ରହିଛି ବୋଲି ସେ କହିଛନ୍ତି। ତେବେ ମନ୍ତ୍ରୀଙ୍କ ଉତ୍ତରରେ ବିରୋଦୀ ସଦସ୍ୟ ସନ୍ତୁଷ୍ଟ ହୋଇ ନ ଥିଲେ। ସେମାନେ ଏହାକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ।

କ୍ରମାଗତ ସପ୍ତମ ଦିନରେ ଏହି ଏୟାରଲାଇନରେ ଅଚଳାବସ୍ଥା ଜାରି ରହିଛି। ଦିଲ୍ଲୀ, ଶ୍ରୀନଗର, ହାଇଦରାବାଦ, ବେଙ୍ଗାଲୁରୁ, ଅହମଦାବାଦ ଆଦି ବିମାନବନ୍ଦରରେ ସୋମବାର ୫୦୦ରୁ ଅଧିକ ଉଡ଼ାଣକୁ ବାତିଲ କରିଦିଆଯାଇଛି। ଦିନକ ତଳେ ୬୫୦ରୁ ଅଧିକ ଉଡ଼ାଣ ରଦ୍ଦ କରିଦିଆଯାଇଥିଲା। ଗତ ୬ ଦିନ ହେଲା ଇଣ୍ଡିଗୋର ୩,୯୫୦ରୁ ଅଧିକ ଉଡ଼ାଣ ବାତିଲ ହେଲାଣି। ଏହାକୁ ନେଇ ଇଣ୍ଡିଗୋ ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ପ୍ରତିଦିନ ସ୍ଥିତି ସୁଧୁରିବାରେ ଲାଗିଛି। ୧୯ ତାରିଖ ସୁଦ୍ଧା ସ୍ଥିତି ସ୍ୱାଭାବିକ ହେବାର ସମ୍ଭାବନା ରହିଛି। ସେହିପରି ଇଣ୍ଡିଗୋ ପକ୍ଷରୁ ଦାବି କରାଯାଇଛି ଯେ ସମ୍ପୂର୍ଣ୍ଣ ନେଟ୍‌ୱର୍କକୁ ରିଷ୍ଟୋର କରିଦିଆଯାଇଛି। ୯୧ ପ୍ରତିଶତ ବିମାନ ଠିକ୍ ସମୟରେ ଚାଲିଛି। ଏହା ରବିବାର ତୁଳନାରେ ୭୫ ପ୍ରତିଶତ ଅଧିକ। ଅନ୍ୟପଟେ ଆଜି ଏକ ଇଣ୍ଡିଗୋ ବିମାନରେ ଅବ୍ୟବସ୍ଥାର ଚିତ୍ର ସାମ୍ନାକୁ ଆସିଛି। ଇଣ୍ଡୋଗର ବେଙ୍ଗାଲୁରୁ-ଭଦଦୋରା ବିମାନ ଭିତରେ ପାରା ପଶି ଯାଇଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଇଣ୍ଡିଗୋର ସ୍ଥିତିରେ ସୁଧାର ଆସି ନ ଥିବା ବେଳେ ବିଭ୍ରାଟକୁ ନେଇ ସିଇଓ ଏବଂ କମ୍ପାନୀଙ୍କୁ ଜାରି କରାଯାଇଥିବା କାରଣ ଦର୍ଶାଅ ନୋଟିସ ଉପରେ ଜବାବ ଦେବାକୁ ଡିଜିସିଏ ଅଧିକ ୨୪ ଘଣ୍ଟା ସମୟ ଦେଇଛି।

ଆଜି ସୁପ୍ରିମକୋର୍ଟରେ ଇଣ୍ଡିଗୋ ବିଭ୍ରାଟ ମାମଲା ଉପରେ ଶୁଣାଣି ହୋଇଥିଲା। ତେବେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଥିଲେ। ସିଜେଆଇ କହିଥିଲେ ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାମଲା। ଲକ୍ଷାଧିକ ଲୋକ ବିମାନବନ୍ଦରରେ ଫସି ରହିଛନ୍ତି। ଅନେକ ଲୋକେ ସ୍ୱାସ୍ଥ୍ୟା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାରେ ପୀଡ଼ିତ ହୋଇ ବିମାନବନ୍ଦରରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଥିବା ଆମେ ଜାଣିଛୁ। ଭାରତ ସରକାର ଏହି ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ନେଇ ସାରିଛନ୍ତି। ତେଣୁ ୧୦ ତାରିଖରେ ଏହାର ଶୁଣାଣି କରାଯିବ।

## ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୦ ପ୍ରଧାପକ ଛାଡ଼ିଲେ ଚାକିରି

ଫରିଦାବାଦ୍, ୮।୧୨(ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ ମାମଲା ସହିତ ଜଡିତ ଫରିଦାବାଦ୍‌ର ଅଲ- ଫଲହା ବିଶ୍ୱବିଦ୍ୟାଳୟରେ ଏବେ ଶିକ୍ଷକ ଓ ପ୍ରଧାପକଙ୍କ ଅଭାବ ପରିଲକ୍ଷିତ ହୋଇଛି। ଫଳରେ ଏମ୍‌ବିବିଏସ୍ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ସପ୍ତାହ ପାଇଁ ଛୁଟିରେ ଯିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ଭିତରେ ଆତଙ୍କର ଜାଲ ସୃଷ୍ଟି କରିଥିବା ମହିଳା ଡାକ୍ତର ଶାହିନ ସହିଦ୍ ଓ ଡା ମୁଜାମିଲ ଶକିଲ ଗିରଫ ହେବା ପରେ ଲଗାତର କର୍ମଚାରୀମାନେ ଚାକିରି ଛାଡି ଚାଲିଯାଉଛନ୍ତି। ଏବେ ୧୦ ଜଣ ମେଡିକାଲ ପ୍ରାଧ୍ୟାପକ ଚାକିରି ଛାଡି ଚାଲିଯାଇଛନ୍ତି। ପ୍ରାଧ୍ୟାପକଙ୍କୁ ବାଦ୍ ଦେଲେ ଅନ୍ୟ ବିଭାଗର କର୍ମଚାରୀମାନେ ମଧ୍ୟରେ ଚାକିରି ଛାଡ଼ି ଯାଉଛନ୍ତି ବୋଲି କୁହାଯାଇଛି। ଫଳରେ ବିଶ୍ୱବିଦ୍ୟାଳୟରେ ମେଡିକାଲ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ଏହି ବିଶ୍ୱବିଦ୍ୟାଳୟ ଉପରେ ବାରମ୍ବାର ଚଢ଼ାଉ କରିଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ହିଁ ବିଶ୍ୱବିଦ୍ୟାଳୟ ସ୍ଥିର ହୋଇପାରୁ ନାହିଁ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୩ ଜଣ ଡାକ୍ତର ରହିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୧୦ରେ ଦିଲ୍ଲୀର ଲାଲକିଲ୍ଲାରେ ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ଏଥିରେ ୧୫ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।

## ୫୦୦ କୋଟି ଦେଲେ ଜଣେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବେ: ସିଦ୍ଧୁଙ୍କ ପତ୍ନୀ

ଚଣ୍ଡିଗଡ଼, ୭।୧୨(ଏଜେନ୍ସି): ପଞ୍ଜାବ କଂଗ୍ରେସରେ ଏବେ ଗୋଡ଼ ଟଣାଟଣା ଚାଲିଛି। ଇତିମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ନଭଜୋତ ସିଂହ ସିଦ୍ଧୁଙ୍କ ପତ୍ନୀ ନଭଜୋତ କୌର ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସରେ ମୁଖ୍ୟମନ୍ତ୍ରୀ ହେବାକୁ ୫ ଜଣ ନେତା ଦୌଡ଼ରେ ଅଛନ୍ତି ଏବଂ ମୁଖ୍ୟମନ୍ତ୍ରୀ ପଦ କ୍ରୟ କରିବାକୁ ଆମ ପାଖରେ ୫୦୦ କୋଟି ଟଙ୍କା ନାହିଁ ବୋଲି ସେ ମନ୍ତବ୍ୟ ଦେଇଛନ୍ତି। ଏହାପରେ ରାଜ୍ୟରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇଛି। ଯଦି ନଭଜୋତଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ଘୋଷିତ କରିବାକୁ ଚାହୁଁଛି, ତେବେ ସେ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି। କିନ୍ତୁ ପାର୍ଟିରେ ଗୋଷ୍ଠୀ ବିବାଦ ଚାଲୁ ରହିଛି ବୋଲି ସେ କହିଛନ୍ତି। ଗୋଷ୍ଠୀ ବିବାଦରୁ କଂଗ୍ରେସ ମୁକୁଳିବାକୁ ପ୍ରୟାସ କରୁଥିବା ବେଳେ ନଭଜୋତ କୌରଙ୍କ ଏହି ମନ୍ତବ୍ୟ ବିଜେପିକୁ ପ୍ରଶ୍ନ କରିବା ପାଇଁ ଖୋରାକ ଯୋଗାଇଛି। କଂଗ୍ରେସ ଉପରୁ ଲୋକଙ୍କ ଭରସା ଉଠିଯାଇଛି ବୋଲି ପଞ୍ଜାବ ବିଜେପି ଅଧ୍ୟକ୍ଷ ସୁନୀଲ ଝାଖଡ଼ କହିଛନ୍ତି। ନଭଜତ କୌର ଦେଇଥିବା ଏହି ମନ୍ତବ୍ୟ ନେଇ ସ୍ପଷ୍ଟିକରଣ ଦେବାକୁ ବିଜେପି ଓ ଶାସନାଧିନ ଆମ ଆଦମୀ ପାର୍ଟି ଦାବି କରିଛନ୍ତି। ଅବଶ୍ୟ ନିଜ ମନ୍ତବ୍ୟ ନେଇ ନଭଜୋତ ସ୍ପଷ୍ଟିକରଣ ଦେଇଛନ୍ତି। କେହି ଆମକୁ ବ୍ୟକ୍ତିଗତ ଭାବେ ୫୦୦ କୋଟି ଟଙ୍କା ମାଗିନାହାନ୍ତି। କିନ୍ତୁ ଯେଉଁ ବ୍ୟକ୍ତି ୫୦୦ କୋଟି ଟଙ୍କା ପ୍ରଦାନ କରିବେ ସେ ମୁଖ୍ୟମନ୍ତ୍ରୀ ହୋଇପାରିବେ। କିନ୍ତୁ ଆମ ପାଖରେ ଏତେ ଅର୍ଥ ନାହିଁ।

## କାମ୍ବୋଡିଆ ଉପରେ ଥାଇଲାଣ୍ଡର ଏୟାର ଷ୍ଟ୍ରାଇକ୍



ବ୍ୟାଙ୍କକ୍, ୮।୧୨ (ଏଜେନ୍ସି): ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟ ପୁଣିଥରେ ସଂଘର୍ଷ ଆରମ୍ଭ ହୋଇଯାଇଛି। ସୋମବାର ସକାଳେ ଏଫ୍-୧୬ ଲଢ଼ୁଆ ବିମାନ କମ୍ବୋଡିଆର ଏକ କାସିନୋ ଉପରେ ଆକ୍ରମଣ କରିଛି। କେବଳ ସୈନ୍ୟ ଠିକଣା ଉପରେ ହିଁ ଆକ୍ରମଣ କରାଯାଇଛି ବୋଲି ଥାଇଲାଣ୍ଡ ତରଫରୁ କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦୁଇ ଦେଶ ମଧ୍ୟରେ ଅସ୍ତ୍ରବିରତି କରାଇଥିଲେ। ଏହାର ଦୁଇମାସ ପରେ ପୁଣି ସଂଘର୍ଷ ଆରମ୍ଭ ହୋଇଛି। କାମ୍ବୋଡିଆ ପ୍ରଥମେ ସୀମାରେ ଆକ୍ରମଣ କରିଥିଲା ବୋଲି ଥାଇଲାଣ୍ଡ ଅଭିଯୋଗ କରିଛି। ଏହି କାସିନୋ ପ୍ରକୃତରେ କାମ୍ବୋଡିଆର ଏକ ସୈନ୍ୟ ଠିକଣା ଓ ଏଥିରେ ଅସ୍ତ୍ରଶସ୍ତ୍ର ଓ ଡ୍ରୋନ ରଖାଯାଇଛି ବୋଲି ଥାଇଲାଣ୍ଡ କହିଛି। ପୁଣି କାମ୍ବୋଡିଆ ସୀମାରେ ତା’ର ସୈନ୍ୟଙ୍କୁ ନିୟୋଜିତ କରୁଛି। ଖାସ୍ ଏହି କାରଣ ପାଇଁ ଆକ୍ରମଣ କରାଯାଇଛି ବୋଲି ଥାଇଲାଣ୍ଡ କହିଛି। ମିଳିଥିବା ସୂଚନା ଅନୁଯାୟୀ ଦୁଇ ଦେଶର ସେନା ମଧ୍ୟରେ ଗୁଳି ବିନିମୟ ଚାଲିଛି ଓ ଏଥିରେ ଥାଇଲାଣ୍ଡର ଜଣେ ସୈନିକ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ସୈନ୍ୟ ଆହତ ହୋଇଛନ୍ତି। ପୂର୍ବରୁ ଦୁଇମାସ ତଳେ ଦୁଇ ଦେଶ ମଧ୍ୟରେ ୫ ଦିନର ସଂଘର୍ଷ ହୋଇଥିଲା। ଏଥିରେ ୪୮ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ ଓ ୩ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ଏହାପରେ ଗତ ଅକ୍ଟୋବରରେ ଦୁଇ ଦେଶ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ଶାନ୍ତି ଚୁକ୍ତିରେ ହସ୍ତାକ୍ଷର କରିଥିଲେ। ଉଲ୍ଲେଖଥାଉ କି, ପ୍ରିହ ଭିହିଅରରେ ଥିବା ଏକ ପୂରାତନ ଶିବ ମନ୍ଦିର ନେଇ ଦୁଇ ଦେଶ ମଧ୍ୟରେ ସଂଘର୍ଷ ଦୀର୍ଘବର୍ଷ ଧରି ଲାଗୁ ରହି ଆସିଛି। ଯଦିଓ ଏହି ମନ୍ଦିର କାମ୍ବୋଡିଆର ସୀମା ଭିତରେ ରହିଛି।

## ସଂସଦରୁ ଦରମା, ବିଧାନ ପରିଷଦରୁ ଭତ୍ତା ନେଉଛନ୍ତି କୁଶ୍ୱାହ-ଠାକୁର

ନୂଆଦିଲ୍ଲୀ, ୮।୧୨ (ଏଜେନ୍ସି): ନିୟମ ପ୍ରସ୍ତୁତ କରି ଭାଙ୍ଗିବାର ସର୍ବାଧିକ ରେକର୍ଡ ବୋଧେ ନେତାମନ୍ତ୍ରୀଙ୍କ ନାମରେ ହିଁ ରହିଛି। ଏମାନେ ସଂସଦ ଏବଂ ବିଧାନସଭାରେ ନୂଆ ନିୟମ ଆଣିଥାନ୍ତି। ଏହାକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ କହିଥାନ୍ତି। କିନ୍ତୁ ଯେତେବେଳେ ନିଜ ଉପରକୁ ଆସିଯାଏ ସେତେବେଳେ ତାହାକୁ ଉଲ୍ଲଘଂନ କରିଥାନ୍ତି। ଆଉ କଥା ବାହାରି ଗଲେ ଆଇନ ତା ବାଟରେ ଯିବ କହି ଦୋଷ ଝାଡ଼ି ଦେଇଥାନ୍ତି। ଏଭଳି ଏକ ଆଇନ ଉଲ୍ଲଘଂନର ଜଘନ୍ୟ ମାମଲା ବିହାର ଏବଂ କେନ୍ଦ୍ର ସରକାରରେ ସାମିଲ ମନ୍ତ୍ରୀ କରିଛନ୍ତି। ମନ୍ତ୍ରୀ ପଦରେ ଥାଇ ବି ମାନନୀୟ ଭତ୍ତା ନେଉଛନ୍ତି। ଏହା ନିୟମ ବିରୋଧୀ ଜାଣି ବି ଚୁପ୍ ହୋଇ ବସି ରହିଛନ୍ତି। ପ୍ରତି ବର୍ଷ ଜୀବିତ ଥିବା ପ୍ରମାଣ ଦେଖା ସରକାରୀ ପାଣ୍ଠି ଲୁଟ୍ କରି ଚାଲିଛନ୍ତି। ଆଉ ସରକାର ନିଜର ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ବି ଶୂନ ରହିଛି। ସୂଚନା ଅଧିକାର (ଆରଟିଆଇ) ବଳରେ ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ଓ ବିହାର କ୍ୟାବିନେଟରେ ସାମିଲ ଜଣେ ଲେଖାଏଁ ମନ୍ତ୍ରୀ ସରକାରଙ୍କଠାରୁ ଦରମା ସହିତ ଭତ୍ତା ବି ନେଉଛନ୍ତି।

ସୂଚନା ଅନୁଯାୟୀ, ବିହାରରେ ଏଭଳି ଅନେକ ନେତା ଅଛନ୍ତି ଯେଉଁମାନେ ସାଂସଦ ହେବା ସହିତ ପୂର୍ବତନ ସଦସ୍ୟ ଭାବେ ସରକାରଙ୍କଠାରୁ ଭତ୍ତା ବି ନେଉଛନ୍ତି। ଏମାନଙ୍କ ମଧ୍ୟରେ ବିହାର ମନ୍ତ୍ରୀ ବିଜେନ୍ଦ୍ର ପ୍ରସାଦ ଯାଦବ ଏବଂ କେନ୍ଦ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ସାମିଲ ଅଛନ୍ତି। ଗତ ୨ ତାରିଖରେ ଆରଟିଆଇ ମାଧ୍ୟମରେ ସାମ୍ନାକୁ ଆସିଥିବା ଏହି ତାଲିକାରେ ୮ ଜଣଙ୍କ ନାମ ରହିଛି। ଦୁବେ ଜୀ ୨୦୧୯ ମେ’ ୨୬ରୁ ୫୯ ହଜାର ଲେଖାଏଁ ଭତ୍ତା ନେଉଛନ୍ତି। ୨୦୦୫ ମେ’ ୨୪ରୁ ବିଜେନ୍ଦ୍ର ପ୍ରସାଦ ଯାଦବ (୧୦ ହଜାର ଟଙ୍କା), ୨୦୦୫ ଏପ୍ରିଲ ୭ରୁ ଉପେନ୍ଦ୍ର କୁଶ୍ୱାହ (୪୭ ହଜାର ଟଙ୍କା), ୨୦୨୦ ମେ’ ୭ରୁ ଦେବେଶ ଚନ୍ଦ୍ର ଠାକୁର (୮୬ ହଜାର ଟଙ୍କା), ୨୦୨୦ ମେ’ ୨୪ରୁ ଲଲନ କୁମାର ସରାଫ (୫୦ ହଜାର ଟଙ୍କା), ୨୦୧୮ ମେ’ ୭ରୁ ସଞ୍ଜୟ ସିଂହ (୬୮ ହଜାର ଟଙ୍କା) ଏବଂ ୨୦୧୫ ସେପ୍ଟେମ୍ବର ୨୨ରୁ ନୀତୀଶ ମିଶ୍ରା (୪୩ ହଜାର ଟଙ୍କା) ଲେଖାଏଁ ଭତ୍ତା ନେଉଛନ୍ତି।

### ଦରମା ସହ ଭତ୍ତା ବି ନେଉଛନ୍ତି ମନ୍ତ୍ରୀ

ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ) ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ପ୍ରଥମେ ନିଜ ନାମ ଉପେନ୍ଦ୍ର ପ୍ରସାଦ ସିଂହ ଲେଖୁଥିଲେ। ସେ ଏବେ ରାଜ୍ୟସଭା ସାଂସଦ ଏବଂ ଏନଡିଏର ସହଯୋଗୀ ଅଛନ୍ତି। ଏଥିପାଇଁ ଦରମା ମଧ୍ୟ ନେଉଛନ୍ତି। ସେହପରି ପଶ୍ଚିମ ଚମ୍ପାରଣର ସତୀଶ ଦୁବେ ରାଜ୍ୟସଭା ସାଂସଦ ଅଛନ୍ତି। ସେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୯ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଜେଡିୟୁର ବରିଷ୍ଠ ନେତା ବିଜେନ୍ଦ୍ର ପ୍ରସାଦ ଯାଦବ ଏବେ ବିହାର ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ଶକ୍ତି ବିଭାଗ ମଧ୍ୟ ତାଙ୍କ ଅଧିନରେ ରହିଛି। ସେ ୧୯୯୦ରୁ କ୍ରମାଗତ ଭାବେ ସୁପୌଲରୁ ନିର୍ବାଚିତ ହୋଇ ଆସୁଛନ୍ତି। ୨୦୨୫ରେ ସେ ପଞ୍ଚମ ଥର ପାଇଁ ଶପଥ ନେଇଥିଲେ।

ଜେଡିୟୁ ନେତା ଦେବେଶ ଚନ୍ଦ୍ର ଠାକୁର ଲୋକସଭା ସାଂସଦ ଅଛନ୍ତି। ସେ ବିଧାନସଭା ବାଚସ୍ପତି ଭାବେ ମଧ କାର୍ଯ୍ୟ କରିଥିଲେ। କିନ୍ତୁ ନିଜେ ନିୟମକୁ ଅଣଦେଖା କରି ଭତ୍ତା ନେଇ ଚାଲିଛନ୍ତି। ସେ ୨୦୨୪ରେ ଦେବେସ ସଂସଦୀୟ ଆସନରୁ ବିଜୟୀ ହୋଇଥିଲେ। ସେହିପରି ବିହାର ବିଧାନ ପରିଷଦ ସଦସ୍ୟ ଭାବେ ଲଲନ ସରାଫ ଦରମା ନେଉଛନ୍ତି। ଏହା ସହିତ ଭତ୍ତା ନେଇ ରାଜକୋଷ ଲୁଟ୍‌ରେ ସାମିଲ ଅଛନ୍ତି। ଜେଡିୟୁର ଏହି ପ୍ରଭାବଶାଳୀ ନେତା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଘନିଷ୍ଠ ଭାବେ ପରିଚିତ। ଏହା ବ୍ୟତୀତ ଝଞ୍ଝାରପୁରର ବିଜେପି ବିଧାୟକ ନୀତୀଶ ମିଶ୍ରା ୪୩ ହଜାର ଟଙ୍କା ଲେଖାଏଁ ଭତ୍ତା ସହିତ ଦରମା ମଧ ପାଉଛନ୍ତି। ତେବେ ସେ କୌଣସି ଭତ୍ତା ନେଉ ନ ଥିବା କହିଛନ୍ତି। ୨୦୧୫ରେ ବିଧାୟକ ନ ଥିବାବେଳେ ମାସେ ପାଇଁ ଭତ୍ତା ନେଇଥିବା ଉଲ୍ଲେଖ କରିଛନ୍ତି। ଜେଡିୟୁର ବିଧାନ ପରିଷଦ ସଦସ୍ୟ ସଞ୍ଜୟ ସିଂହ ୨୦୧୮ରୁ ଭତ୍ତା ନେବା ଜାରି ରଖିଛନ୍ତି।

# ରାସ୍ତାରେ ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ

## ଓଏଭିରେ ପାଠପଢ଼ା ଠପ୍




ଭୁବନେଶ୍ୱର, ୮ ।୧୨(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ର ଶିକ୍ଷକ ଶିକ୍ଷୟିତ୍ରୀମାନେ ୧୩ ଦଫା ଦାବିରେ ସୋମବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୂର୍ବରୁ ସେମାନଙ୍କ ଦାବି ସମ୍ପର୍କରେ ସେମାନେ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରି ନାହାନ୍ତି। ଏଣୁ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି।

ସଂଘର ଅଭିଯୋଗ ଅନୁଯାୟୀ ସରକାରୀ ମାନ୍ୟତା ସହ ଏଚ୍ଆର୍ଏମ୍ଏସ୍ ଆଇଡି ଖୋଲିବା, ୟୁନିଫର୍ମ କ୍ୟାଡ଼ର ମାନ୍ୟତା, ସମାନ କାମକୁ ସମାନ ଦରମା, ପିଇଟି, ମ୍ୟୁଜିକ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ମଧ୍ୟ ୪୬୦୦ ଗ୍ରେଡ୍ ପେ ପ୍ରଦାନ କରିବା, ଓଏଭିକୁ ପିଏମ୍ ଶ୍ରୀ ସ୍କୁଲ ମାନ୍ୟତା, କଳା ବିଭାଗ ଖୋଲିବା ପରି ମୋଟ୍ ୧୩ ଦଫା ପୂରଣ କରିବା ପାଇଁ ସରକାରଙ୍କୁ ଅବଗତ କରିଛନ୍ତି। ୮୦ ରୁ ଅଧିକ ବିଧାୟକ ଓ ମନ୍ତ୍ରୀଙ୍କ ସମେତ ଜିଲ୍ଲା ପ୍ରଶାନକୁ ଦାବିପତ୍ର ଦେଇଛନ୍ତି। ହେଲେ ସେମାନଙ୍କ ଦାବିକୁ କେହି ନ ଶୁଣିବାରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସଂଗଠନର ରାଜ୍ୟ ସଭାପତି ରିପୁଦମନ ମିଶ୍ର କହିଛନ୍ତି। ସେମାନଙ୍କ ଦାବି ଯଥାର୍ଥ ଏବଂ ସରକାର ତାକୁ ତ୍ୱରିତ ପୂରଣ କରିବାକୁ ପଦକ୍ଷେପ ନିଅନ୍ତୁ, ଅନ୍ୟଥା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିବା ସହ ପିଲାଙ୍କ ପାଠ ପଢ଼ାରେ ଯେଉଁ ବାଧା ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ରାଜ୍ୟ ସଂପାଦକ ସୁଭାଶିଷ ଦାସ କହିଛନ୍ତି।

ଓଏଭିର ପ୍ରାୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନକୁ ଓହ୍ଲାଇବା ପରେ ପାଠପଢ଼ା ଠପ୍ ହୋଇଯାଇଛି। ବିଦ୍ୟାଳୟ ଖୋଲା ଥିଲେ ମଧ୍ୟ ଶିକ୍ଷାଦାନ କରିବାକୁ କେହି ନାହାନ୍ତି। ଅନେକ ସ୍ଥାନରେ ଅଧାରୁ ଅଘୋଷିତ ଭାବେ ବିଦ୍ୟାଳୟ ବନ୍ଦ ହୋଇଯାଇଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ଆଉ ମାତ୍ର ଦୁଇମାସ ଥିବାବେଳେ ଶିକ୍ଷକଙ୍କ ଆନ୍ଦୋଳନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ଚିନ୍ତିତ ହୋଇଛନ୍ତି। ଆଗକୁ ଆନ୍ଦୋଳନ ଜାରି ରହିଲେ ଇଂରାଜୀ ମାଧ୍ୟମରେ ସିବିଏସ୍ଇ ପାଠ୍ୟକ୍ରମ ପଢୁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧକାର ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଏଣୁ ତ୍ୱରିତ ଶିକ୍ଷକଙ୍କ ଦାବି ପୂରଣ କରିବା ସହ ବିଦ୍ୟାଳୟରେ ପାଠପଢ଼ା ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନେବାକୁ ଅଭିଭାବକମାନେ ମଧ୍ୟ ଦାବି କରିଛନ୍ତି।

## ବ୍ଲକ୍ ଗ୍ରାଣ୍ଟ ଶିକ୍ଷକଙ୍କୁ ପେନ୍‌ସନ୍ ଦାବିରେ ଆନ୍ଦୋଳନ

**ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ଭୁବନେଶ୍ୱର, ୮ ।୧୨(ସମିସ): ଦୀର୍ଘ ଦିନରୁ ବ୍ଲକ୍ ଗ୍ରାଣ୍ଟ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କୁ ପେନସନ୍ ପ୍ରଦାନ କରିବାକୁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ କେବଳ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି। ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଖାଲି ହାତରେ ଅବସର ନେଇଛନ୍ତି। ଆଉ କିଛି ଅବସର ଦ୍ୱାର ଦେଶରେ ପହଞ୍ଚିଲେଣି। ଏଣୁ ସେମାନଙ୍କୁ ପେନସନ୍ ପ୍ରଦାନ ସହିତ ମୋଟ୍ ୭ ଦଫା ଏହାସହ ଚାକିରି ସର୍ତ୍ତାବଳୀ ପ୍ରଦାନ କରିବା, ଜିପିଏଫ୍, ଅବସର ବୟସ ୬୨କୁ ବଢ଼ାଇବା ପରି ମୋଟ୍ ୭ ଦଫା ଦାବିରେ ଆନ୍ଦୋଳନ କରିଛନ୍ତି। ଅପରପକ୍ଷରେ ଶିକ୍ଷକ ଆନ୍ଦୋଳନକୁ ପ୍ରଶମିତ କରିବା ପାଇଁ ସରକାରଙ୍କ କମିଟି ଗଠନ ରଣନୀତିକୁ ସଂଘର ସଭାପତି କିଶୋର କୁମାର ମହାନ୍ତି ନିନ୍ଦା କରିଛନ୍ତି। କମିଟି ପରେ କମିଟି ଗଠନ କରି ଶିକ୍ଷକଙ୍କୁ ଠକି ଦେବାକୁ ଏହା ସରକାରଙ୍କ ଅପପ୍ରୟାସ ବୋଲି ସେ ଅଭିଯୋଗ କରିଛନ୍ତି। ସରକାର କାଳକ୍ଷେପଣ



ଦାବିରେ ସୋମବାର ବ୍ୟାପକ ଆନ୍ଦୋଳନ କରିଛନ୍ତି।

ସଂଘର ଅଭିଯୋଗ ଅନୁଯାୟୀ ସେମାନଙ୍କ ଦାବିକୁ ସରକାର କର୍ଣ୍ଣପାତ କରୁ ନ ଥିବାରୁ ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସାମାଜିକ ସୁରକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଅଦାଲତଙ୍କ ନିର୍ଦ୍ଦେଶକୁ ମଧ୍ୟ ସରକାର ପାଳନ କରୁ ନାହାନ୍ତି। ମାତ୍ର ମାମଲାକୁ ଦୀର୍ଘ କରିବା ପାଇଁ ରାଜକୋଷରୁ ବ୍ୟାପକ ଅର୍ଥ ଖର୍ଚ୍ଚ କରିବା ସରକାରଙ୍କ କ୍ରୁର ମାନସିକତାକୁ ପ୍ରତିଫଳିତ କରୁଥିବା ସଂଘର ନେତାମାନେ ଅଭିଯୋଗ କରିଛନ୍ତି। ମାନସିକତାରୁ ବାହାରି ଶିକ୍ଷକଙ୍କ ଦାବି ପୂରଣ କରନ୍ତୁ ବୋଲି ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସାଧାରଣ ସମ୍ପାଦକ ଅଶୋକ କୁମାର ଲେଙ୍କା ପ୍ରମୁଖ ଦାବି କରିଛନ୍ତି। ସମସ୍ତ ଦାବି ନେଇ ସରକାରଙ୍କ ସହ ଆଲୋଚନା କରିବା ପରେ ସଂଘ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିଛି। ଆସନ୍ତା ସପ୍ତାହରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଗଣଶିକ୍ଷା ବିଭାଗର ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ସଂଘର ସଭାପତି ଶ୍ରୀ ଲେଙ୍କା ସୂଚନା ଦେଇଛନ୍ତି।

## ଗାନ୍ଧୀ ମାର୍ଗରେ ବସିଛନ୍ତି ଶିକ୍ଷକ

## ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ ଗୌତମବୁଦ୍ଧ

ଭୁବନେଶ୍ୱର,୮ ।୧୨(ସମିସ): ରାଜଧାନୀର ଗାନ୍ଧୀ ମାର୍ଗରେ ୪ଦିନ ହେବ ଶୀତ କାକରରେ ଶିକ୍ଷକମାନେ ବସି ରହିଛନ୍ତି। ହେଲେ ସରକାର ସେମାନଙ୍କ ଦାବି ପ୍ରତି ଆଦୌ ଦୃଷ୍ଟି ଦେଉ ନଥିବା କହି ଗୃହରେ ବର୍ଷିଛନ୍ତି ବିରୋଧୀ। ସୋମବାର ଶୂନ୍ୟକାଳରେ ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ ଓ କଂଗ୍ରେସ ବିଧାୟକ ପବିତ୍ର ସାଉଁତା ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗ ଉଠାଇ ସରକାରଙ୍କୁ ସମାଲୋଚନା କରିଛନ୍ତି।

ବିଜେଡି ବିଧାୟକ ଶ୍ରୀ ଦାସ କହିଛନ୍ତି, ବିଧାନସଭା ଆରମ୍ଭ ହେବାଠାରୁ ଗାନ୍ଧୀ ମାର୍ଗରେ ହଜାର ହଜାର ଶିକ୍ଷକ ଧାରଣାରେ ବସି ରହିଛନ୍ତି। ପ୍ରାଥମିକ ଶିକ୍ଷକମାନଙ୍କର ଏକ ବଡ଼ ସଂଗଠନ ରହିଛି। ପ୍ରାୟ ଦେଢ଼ ଲକ୍ଷ ଶିକ୍ଷକ ଏଥିରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୪୦-୫୦ ହଜାରରୁ ଅଧିକ ଶିକ୍ଷକ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କର ପ୍ରମୁଖ ଦୁଇଟି ଦାବି ରହିଛି। ପ୍ରଥମତଃ ସେମାନଙ୍କ ଗ୍ରେଡ୍ ପେ' ୨୨୦୦ରୁ ୪୨୦୦ ଟଙ୍କା କରିବା ଓ ଠିକା କାର୍ଯ୍ୟକାଳକୁ ଚାକିରିକାଳ ମଧ୍ୟରେ ମିଶାଇବା ପାଇଁ ଦାବି କରି ଆସୁଛନ୍ତି। ସରକାର ଏହି ଦାବିକୁ ୬ ଘଣ୍ଟା କିମ୍ବା ୬ ଦିନ ମଧ୍ୟରେ ପୂରଣ କରିପାରିବେ। ମାତ୍ର ଏହାକୁ ବିଚାର କରିବାକୁ ୬ ମାସ ସମୟ ନେଇଛନ୍ତି। ସରକାର କ'ଣ ପାଇଁ ସମୟ ଗଡ଼ାଉଛନ୍ତି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ସେହିପରି ଅନ୍ୟ ଏକ ପ୍ରସଙ୍ଗରେ ସେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରସଙ୍ଗ ଉଠାଇଛନ୍ତି। ପୂର୍ବ ସରକାରର ଏହା ଏକ ଯୁଗାନ୍ତକାରୀ ଯୋଜନା। କିନ୍ତୁ, ୧୦ବର୍ଷ ଭିତରେ ପ୍ରଥମଥର ପାଇଁ ଆଦର୍ଶ ବିଦ୍ୟାଳୟ ଶିକ୍ଷକମାନେ ରାଜରାସ୍ତାକୁ ଆସିଛନ୍ତି। ଆଦର୍ଶ ବିଦ୍ୟାଳୟରେ ଶିକ୍ଷକ, ପ୍ରିନ୍ସପାଲ୍ ଅଭାବ ରହିଛି। ନିକଟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ହେବ ବୋଲି କୁହାଯାଇଥିବା ବେଳେ ବିଦ୍ୟାଳୟରେ ଥିବା ଲାଇବ୍ରେରୀଆନ୍ ପୋଷ୍ଟକୁ ଉଚ୍ଛେଦ କରି ଦିଆଯାଇଛି। ସେହିପରି ଆଦର୍ଶ

**ବିରୋଧୀରେ ଥିବା ବେଳେ ସମର୍ଥନ; ଏବେ କାହିଁକି ନୁହେଁ: ପବିତ୍ର**

ବିଦ୍ୟାଳୟ ଶିକ୍ଷକମାନଙ୍କ ପାଇଁ ଇଆରପି ପୋର୍ଟାଲ କରାଯାଇଛି। ଏହାକୁ ଏସ୍ଆଇ ପରୀକ୍ଷା ଦାୟିତ୍ୱ ନେଇଥିବା ସିଲିକନକୁ ଦିଆଯାଇଛି। ସେମାନଙ୍କୁ ଏଚ୍ଆରଏମ୍ଏସ୍ ପୋର୍ଟାଲରେ ସାମିଲ କରିବାକୁ ଦାବି କରାଯାଉଥିବା ବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସେହିପରି ଏସ୍ଏସ୍ପିରେ ଯେଉଁ ଅଧ୍ୟାପକ ଅଧ୍ୟାପିକାମାନେ ଚୟନ ହୋଇ ଆସିଥିଲେ, ସେମାନେ ମଧ୍ୟ ସମାନ କାମକୁ ସମାନ ଦରମା ଦାବିରେ ଆନ୍ଦୋଳନରେ ବସିଛନ୍ତି। ଏହାସହ ୫ଲକ୍ଷ ସରକାରୀ କର୍ମଚାରୀଙ୍କୁ ବିଏସ୍‌କେୱାଇ ଦାବିକୁ ମଧ୍ୟ ଶ୍ରୀ ଦାସ ଦୋହରାଇଛନ୍ତି।

କଂଗ୍ରେସ ସଦସ୍ୟ ପବିତ୍ର ସାଉଁତା ମଧ୍ୟ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ବିଜେପି ବିରୋଧୀ ଦଳରେ ଥିବା ବେଳେ ଯେଉଁ ଦାବିକୁ ସମର୍ଥନ କରୁଥିଲା, ସରକାରକୁ ଆସିବା ପରେ କାହିଁକି ପୂରଣ କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ଶିକ୍ଷକମାନେ ରାଜରାସ୍ତାରେ ବସିଛନ୍ତି। ସେମାନଙ୍କ ଦାବି ପୂରଣ ହେଉନାହିଁ। ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଠିକା ବ୍ୟବସ୍ଥା ହଟି ସାରିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମଧ୍ୟ ୫୦୦୦ ହଜାର ଶିକ୍ଷକ ରାସ୍ତାରେ ବସିଛନ୍ତି। ଆଗକୁ ପରୀକ୍ଷା ଅଛି। ଏହି ସମୟରେ ସ୍କୁଲ ବନ୍ଦ ରହିଛି। ତେଣୁ ସରକାର ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ସାଉଁତା ଶୂନ୍ୟକାଳରେ ଦାବି କରିଛନ୍ତି।

**ଚତୁର୍ଥ ଦିନରେ ପ୍ରାଥମିକ ଶିକ୍ଷକଙ୍କ ଧାରଣା**

## ଆଲୋଚନା ବିଫଳ ପରେ ବ୍ୟାପକ ହେଲା ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ଚତୁର୍ଥ ଦିନରେ ପହଞ୍ଚିଛି। ଶନିବାର ଗଣଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା ବିଫଳ ହେବା ପରେ ସୋମବାର ଆନ୍ଦୋଳନକୁ ଶିକ୍ଷକମାନେ ଆହୁରି ତୀବ୍ର କରିଛନ୍ତି। ବହୁ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ଗାନ୍ଧୀ ମାର୍ଗରେ ଏକତ୍ରିତ ହୋଇ ଅହୋରାତ୍ର ଆନ୍ଦୋଳନ ଜାରି ରଖିଛନ୍ତି। ସେମାନଙ୍କ ଦାବି ପୂରଣ ନ

**ଅନ୍ୟ ପ୍ରରୋଚନାରେ ଧାରଣାରେ ବସିଛନ୍ତି ଶିକ୍ଷକ: ଗଣଶିକ୍ଷା ମନ୍ତ୍ରୀ**

ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ରୋକଠୋକ୍ ଭାବେ ସରକାରଙ୍କୁ ଶୁଣେଇ ଦେଇଛନ୍ତି।

ମୂଳ ପଦକୁ ଅପଗ୍ରେଡ୍ କରିବା ସହ ୪୨୦୦ ଗ୍ରେଡ୍ ପେ ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ୍ ଇନକ୍ରିମେଣ୍ଟ ପ୍ରଦାନ କରିବା ପରି ଦୁଇ ଦଫା ଦାବିରେ ଆନ୍ଦୋଳନ କରୁଥିବା ଶିକ୍ଷକଙ୍କ ସହ ସରକାର ପୁନଃ ଆଲୋଚନା ନ କରିବାକୁ ନେଇ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଯଦି ସେମାନଙ୍କ ଦାବିକୁ ନ ଶୁଣନ୍ତି, ତେବେ ବିଦ୍ୟାଳୟ ବନ୍ଦ କରି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ସମୂହ ଛୁଟିରେ ଯିବେ। ଏହି ଆନ୍ଦୋଳନକୁ ବ୍ଲକ୍ ସ୍ତର ପର୍ଯ୍ୟନ୍ତ ନେଇ



ଦୁର୍ବାର ଲଢ଼େଇ ଲଢ଼ିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଗତ ଶନିବାର ଦିନ ଶିକ୍ଷକ ନେତାଙ୍କ ସହ ସେ ସକରାତ୍ମକ ଆଲୋଚନା କରିଛନ୍ତି। ସେମାନେ ଆନ୍ଦୋଳନ ପ୍ରତ୍ୟାହୃତ କରିବ ବୋଲି କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅନ୍ୟ କାହା ପ୍ରରୋଚନାରେ ଆସି ଧାରଣାରେ ବସିଛନ୍ତି। ସରକାର ସେମାନଙ୍କ ସମସ୍ୟାକୁ ତର୍ଜମା କରୁଛନ୍ତି। ଆବଶ୍ୟକ ସ୍ଥଳେ ପୁନର୍ବାର ଶିକ୍ଷକ ପ୍ରତିନିଧିଙ୍କ ସହ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

ଶୀତ କାକରକୁ ଖାତିର ନ କରି ୨ ଦଫା ଦାବିରେ ଅହୋରାତ୍ର ଧାରଣା ଜାରି ରଖିଛନ୍ତି। ୩ଦିନ ଧରି ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆନ୍ଦୋଳନ ଜାରି ରହିବ ବୋଲି ଘୋଷଣା କରାଯାଇଥିବାରୁ ଆଗକୁ ମଧ୍ୟ ଅଚଳାବସ୍ଥା ଲାଗି ରହିବାର ଆଶଙ୍କା ସୃଷ୍ଟି ହୋଇଛି। ପିଲାଙ୍କ ଶିକ୍ଷାଦାନ ଗୁରୁତ୍ର ଭାବେ ପ୍ରଭାବିତ ହେଉଥିବାରୁ ଅଭିଭାବକମାନେ ମଧ୍ୟ ଉଦବେଗ ପ୍ରକାଶ କରିଛନ୍ତି।

**୧୨ ପର୍ଯ୍ୟନ୍ତ ଶୀତ ଲହରୀ**

## ୪.୩ ଡିଗ୍ରୀକୁ ଖସିଲା ଜି. ଉଦୟଗିରି

ଭୁବନେଶ୍ୱର,୮ ।୧୨(ସମିସ): ସାରା ରାଜ୍ୟରେ ପ୍ରବଳ ଶୀତ ଜାରି ରହିଛି। ପଶ୍ଚିମରୁ ଉପକୂଳ ସବୁଠି ପ୍ରବଳ ଥଣ୍ଡା ଅନୁଭୂତ ହେଉଥିବା ବେଳେ କିଛି ସ୍ଥାନରେ ପ୍ରବଳ ଜାଡ ଅନୁଭବ ହେଉଛି। ରାଜ୍ୟକୁ କ୍ରମାଗତ ଭାବେ ଆସୁଥିବା ଥଣ୍ଡା ପବନ ଯୋଗୁଁ ତାପମାତ୍ରା କମିଛି। ତେଣୁ ରାଜ୍ୟରେ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଅନ୍ୟପଟେ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଆଶଙ୍କା କରି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରିଛି।

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ହାଡ଼ଭଙ୍ଗା ଶୀତ ଜାରି ରହିଛି। ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୩ ଡିଗ୍ରୀକୁ ଖସିଥିବା ବେଳେ ସେମିଳିଗୁଡାରେ ୪.୬, ଫୁଲବାଣୀ ୭.୨, ଝାରସୁଗୁଡା ୭.୪, ଦାରିଙ୍ଗବାଡି ୭.୫, ରାଉରକେଲା ୭.୬, ଚିପିଲିମା ୮, ଅନୁଗୁଳ ୮.୮, ସୁନ୍ଦରଗଡ଼ର କିରେଇ ୮.୯, ଭବାନୀପାଟଣା ୯ ଓ ନବରଙ୍ଗପୁରରେ ପାରଦ ୧୦ ଡିଗ୍ରୀ ଛୁଇଁଛି। ଏହି ତାପମାତ୍ରା ସହ ଝାରସୁଗୁଡ଼ାରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୨ ଡିଗ୍ରୀ ତଳକୁ ଖସିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ସାରା ରାଜ୍ୟରେ ବର୍ତ୍ତମାନ ଚାଲିଥିବା ଥଣ୍ଡା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଉତ୍ତର ଆଭ୍ୟନ୍ତରୀଣ (ସୁନ୍ଦରଗଡ଼-ଝାରସୁଗୁଡ଼ା) ଓ ପଶ୍ଚିମ ଓଡ଼ିଶା (ସମ୍ବଲପୁରଠାରୁ ନବରଙ୍ଗପୁର) ଓ ସଂଲଗ୍ନ ଜିଲ୍ଲାରେ ସର୍ବନିମ୍ନ ତାପମାତ୍ରା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ପ୍ରାୟତଃ ଅପରିବର୍ତ୍ତିତ ରହିବ। ୨୧ ତାରିଖ ପରେ ତାପମାତ୍ରା କିଛି ମାତ୍ରାରେ ବଢ଼ିପାରେ। ଉପକୂଳ ଜିଲ୍ଲା (ବାଲେଶ୍ୱର-ଗଞ୍ଜାମ) ଓ ସଂଲଗ୍ନ ଜିଲ୍ଲା (ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼ ଓ ଗଜପତି)ରେ ୧୧ ତାରିଖ ରାତିରୁ ଶୀତ ବଢ଼ିବ୍ୟ ୧୧-୧୩ ମଧ୍ୟରେ ୨ ଡିଗ୍ରୀ ଏବଂ କନ୍ଧମାଳ, ଢେଙ୍କାନାଳ, କୋରାପୁଟ ଜିଲ୍ଲାରେ ୩-୪ ଡିଗ୍ରୀ କମିବାର ସମ୍ଭାବନା ରହିଛି। ତେବେ ୧୪ରେ ଓ ୧୭ରେ ରାତିରେ ପୁଣି ଶିତ ବଢ଼ି ୧୯ ତାରିଖରେ ବର୍ତ୍ତମାନର ସ୍ଥିତି ଫେରିବାର ସମ୍ଭାବନା ରହିଛି। ବର୍ତ୍ତମାନ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ଚଳିତ ବର୍ଷ ଗତ ୪ ତାରିଖରୁ ଆରମ୍ଭ ହୋଇ ୨ ସପ୍ତାହରୁ ଅଧିକ ଦିନ ଥଣ୍ଡା ଜାରି ରହିବ। ଲା-ନିନା ଯୋଗୁଁ ଥଣ୍ଡା ବୃଦ୍ଧିର କରାଣ କୁହାଯାଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ଝାରସୁଗୁଡ଼ା, ଅନୁଗୁଳ ଓ ସୁନ୍ଦରଗଡ଼ ପାଇଁ ଶୀତ ଲହରୀ ଚେତାବନୀ ଜାରି କରାଯାଇଥିବା ବେଳେ ବୁଧବାର ଓ ଗୁରୁବାର ୧୦ ଟି ଲେଖାଏଁ ଜିଲ୍ଲାକୁ ଶୀତ ଲହରୀ ଚେତାବନୀ ଜାରି କରାଯାଇଛି। ପାଣିପାଗ ବିଜ୍ଞାନୀ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ଅଧିକାଂଶ ଜିଲ୍ଲାରେ ମୁଖ୍ୟତଃ ଶୁଖିଲା ପାଗ ରହିବା ସହ କିଛି ସ୍ଥାନରେ ଘନ କୁହୁଡି ପାଇଁ ମଧ୍ୟ ପାଗ ଅନୁକୂଳ ରହୁଛି। ମଙ୍ଗଳବାର ସୁନ୍ଦରଗଡ଼ ଓ କନ୍ଧମାଳରେ ଘନ କୁହୁଡ଼ି ଆଶଙ୍କା ରହିଛି।

## ସହପାଠୀର ଅନ୍ତଃବୁଜୁଳା ବାହାର କରିଦେଲା

**ବିବି କଲେଜ କ୍ୟାମ୍ପସ୍ ଅଶାନ୍ତ ପାଇଁ ଛୁଟି**

ବାରିପଦା, ୮।୧୨ (ସମିସ): ପ୍ରେମ ପାଇଁ ସହପାଠୀକୁ ଛୁରାମାଡ଼। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅଧୀନ ବାଇଗଣବାଡ଼ିଆସ୍ଥିତ ବାବା ବଳିଆ(ବିବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଅପରାହ୍ଣରେ ଏପରି ଏକ ଅଘଟଣ ଘଟିଛି। ଆହତ ଛାତ୍ରଜଣଙ୍କ ହେଲେ, କୁଳିଅଣା ଥାନା ତିଳକଗଡ଼ିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣୀ(୧୭)। ସେ ଯୁକ୍ତ ୨ ବାଣିଜ୍ୟ ବିଭାଗର ଛାତ୍ର। ଛୁରାମାଡ଼ରେ ତାଙ୍କର ଅନ୍ତଃବୁଜୁଳା ବାହାରକୁ ବାହାରି ଆସିଛି। ପ୍ରଥମେ ତାଙ୍କୁ କୁଳିଅଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦା ପିଆର୍ଏମ୍ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାର ଅଭିଯୁକ୍ତ ବାରିପଦା ସଦର



ଥାନା ଦାମୋଦରପୁର ଅଞ୍ଚଳର ନାବାଳକକୁ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଆକ୍ରମଣକାରୀ ଛାତ୍ରଜଣଙ୍କ କଳା ବିଭାଗର ଛାତ୍ର। ସେ ନାବାଳକ ହୋଇଥିବାରୁ ସ୍ୱଧାର ଗୃହକୁ ପଠାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ପ୍ରେମ ବ୍ୟାପାରକୁ ନେଇ ଦୁଇ ଛାତ୍ରଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଆଜି ଦିନ ସାଢ଼େ ୧୨ଟାରେ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ଲାଗିଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଛାତ୍ରଜଣଙ୍କ ପ୍ରହ୍ଲାଦଙ୍କ ପେଟରେ ଛୁରି ଭୁସି ଦେଇଥିଲା।

ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ କଲେଜରେ ପହଞ୍ଚିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ କର୍ତ୍ତୃପକ୍ଷ ସୋମବାର କଲେଜକୁ ଛୁଟି ଘୋଷଣା କରିଥିଲେ। ଖବର ପାଇ ବାରିପଦା ସଦର ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ କୁଳିଅଣା ପୁଲିସ ସହ ସଦଳବଳେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା ଜାରି ରଖିଛନ୍ତି। ଏହାସହ ଆକ୍ରମଣରେ ବ୍ୟବହୃତ ଛୁରିକୁ ଜବତ କରି ଏକ ମାମଲା ରୁଜୁ କରିଛନ୍ତି।

## ହାତୀ ଆକ୍ରମଣରେ ଜଣେ ମୃତ

ଚମ୍ପୁଆ/ତୁରୁମୁଗା, ୮।୧୨ (ସମିସ): ଚମ୍ପୁଆ ବନାଞ୍ଚଳ ଉଖୁଣ୍ଡା ସେକ୍ସନର ଉଚ୍ଚବାଲିଠାରେ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଭଣ୍ଡା ବାଙ୍କସାହିର ମନୋଜ ମହାନ୍ତଙ୍କ ପୁଅ ସମରେନ୍ଦ୍ର ମହାନ୍ତ। ସୂଚନାନୁସାରେ, ସମରେନ୍ଦ୍ର କୌଣସି କାମ ପାଇଁ ଉଚ୍ଚବାଲି ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗୁରୁତର ସମରେନ୍ଦ୍ରଙ୍କୁ ତୁରନ୍ତ ଭଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏବେ ଚମ୍ପୁଆ ରେଞ୍ଜରେ ୩୭ଟି ହାତୀ ରହିଥିବା ବେଳେ ଉଚ୍ଚବାଲିଠାରେ ୩ଟି ହାତୀ ଥିବା ଜଣାପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ମୃତ ସମରେନ୍ଦ୍ରଙ୍କ ପରିବାରକୁ ୧ଲକ୍ଷ ଟଙ୍କା ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏସିଏଫ୍ ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି।

## ପୋଖରୀରେ ବୁଡ଼ି ଦମ୍ପତି ମୃତ

ଥୁଆମୂଳରାମପୁର,୮ ।୧୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ମହୁଲପାଟଣା ଫାଣ୍ଡି ଅନ୍ତର୍ଗତ ଖମାର ଗ୍ରାମର ଏକ ଦମ୍ପତି ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଖମାରଗ୍ରାମର ସ୍ୱାମୀ ସତ୍ୟବାନ୍ ନାଏକ (୬୧),ସ୍ତ୍ରୀ ପ୍ରତିମା ନାଏକ (୬୦)ରବିବାର ସକାଳେ ଗ୍ରାମ ପୋଖରୀକୁ ଶୌଚ ହେବା ପାଇଁ ଯାଇ ଆଉ ଫେରି ନଥିଲେ। ଆଖପାଖ ଅଞ୍ଚଳରେ ଖୋଜାଖୋଜି କଲା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ସୋମବାର ସକାଳୁ ଗ୍ରାମର କିଛି ଲୋକ ଉକ୍ତ ପୋଖରୀକୁ ଶୌଚ ହେବାକୁ ଯାଇଥିବା ବେଳେ ପ୍ରତିମାଙ୍କ ମୃତଦେହ ଉପରେ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ଗ୍ରାମବାସୀ ଥୁଆମୂଳରାମପୁର ପୁଲିସକୁ ମଧ୍ୟ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପୋଖରୀରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଥୁଆମୂଳରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ସମ୍ପର୍କୀୟଙ୍କୁ ଦୁହିଁଙ୍କ ଶବ ହସ୍ତାନ୍ତର କରାଯାଇଛି। ଏନେଇ ଥୁଆମୂଳରାମପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ରହିଛି।

**ମୟୂରଭଞ୍ଜରେ ପୁଣି ଲଜ୍ଜା**

## ଦଶମ ଛାତ୍ରୀ ୭ ମାସର ଅନ୍ତଃସତ୍ତ୍ୱା

ବାରିପଦା, ୮।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ବାରିପଦା ସଦର ଥାନା ଅଞ୍ଚଳର ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଏବେ ୭ ମାସର ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଛି। ପରିବାରଲୋକ ଛାତ୍ରୀ ଓ ଗର୍ଭସ୍ଥ ଶିଶୁ ପାଇଁ ଚିନ୍ତିତ ଥିବା ବେଳେ ଛାତ୍ରୀଜଣଙ୍କ ଦଶମଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଜିଦ୍‌ରେ ରହିଛନ୍ତି। ଅପରପକ୍ଷରେ ଅଭିଯୋଗ ପାଇ ବାରିପଦା ସଦର ପୁଲିସ ଏକ ପୋକ୍ସୋ ମାମଲା ରୁଜୁ କରି ଗଣମାଧ୍ୟମଠାରୁ ଦୂରେଇ ଚୁପ୍ ରହିଥିବା ଜଣାପଡ଼ିଛି। ଏହି ଘଟଣାରେ ନାବାଳିକାଙ୍କ ସମ୍ପର୍କୀୟ ଭାଇ ସମ୍ପୃକ୍ତ ଥିବା ବେଳେ ଏହାକୁ ଲୁଚାଇବାକୁ ସମସ୍ତ ଉଦ୍ୟମ କରାଯାଉଥିବା କୁହାଯାଉଛି। ଘଟଣା ସମ୍ପର୍କରେ ପରିବାରବର୍ଗ ଗତ ମେ' ମାସରୁ ଜାଣିଥିବା ବେଳେ ଛାତ୍ରୀଜଣଙ୍କୁ ତା'ର ସ୍କୁଲ (ମୋରଡ଼ା ବ୍ଲକ୍)ରୁ ଆଣି ଘରେ ରହିଥିବା ଜଣାପଡ଼ିଛି।

ଏନେଇ ଏକ ସ୍ୱେଚ୍ଛାସେବୀ ସଂଗଠନ ଜାଣିବା ପରେ ଉକ୍ତ ଛାତ୍ରୀଙ୍କୁ କାଉନ୍‌ସେଲିଂ କରିଥିଲା। କିନ୍ତୁ ଛାତ୍ରୀଙ୍କ ସମ୍ପର୍କୀୟଜଣଙ୍କ ସ୍ୱେଚ୍ଛାସେବୀଙ୍କୁ ଗାଳିଗୁଲଜ କରି ଧମକ ଦେବାରୁ ସେ ପଳାଇ ଆସିବା ଉଚିତ ମଣିଛନ୍ତି। ଛାତ୍ରୀଜଣକ ନିଜ ଘରେ ରହିଥିବା ବେଳେ ରବିବାର ପୁଲିସ ପକ୍ଷରୁ ଡାକ୍ତରୀ ପରୀକ୍ଷା ପରେ ୭ ମାସର ଅନ୍ତଃସତ୍ତ୍ୱା ଥିବା ଜଣାପଡ଼ିଛି।

ଚଳିତ ଶିକ୍ଷା ବର୍ଷ ଆରମ୍ଭ ହେବା ପରେ ଛାତ୍ରୀଜଣଙ୍କ ସ୍କୁଲକୁ ଯିବା ଆସିବା କରୁଥିଲେ। ଏହି ସମୟରେ ସେ ସମ୍ପର୍କୀୟ ଭାଇର କୁକର୍ମର ଶିକାର ହୋଇଥିଲେ। ଥରେ

**ମାମଲା ରୁଜୁ କରି ସଦର ପୁଲିସ ଚୁପ୍**

ଦୁଇଥର ନୁହେଁ, ଏକାଧିକଥର ସେ ଦୁଷ୍କର୍ମର ଶିକାର ହୋଇଥିବା ବେଳେ ପରିବାର ବର୍ଗ ଗୁରୁତ୍ୱ ଦେଇ ନ ଥିଲେ। ତେବେ କିଛିଦିନ ବ୍ୟବଧାନ ପରେ ଜାଣି ସ୍କୁଲରେ ଲିଖିତ ଭାବେ ଜଣାଇ ଘରକୁ ନେଇ ଆସିଥିଲେ। ପରେ ଘରୋଇ ଉପଚାର କରିବା ପରେ ନାବାଳିକା ଜଣକ ଗର୍ଭବତୀ ରହିଥିବା ଜାଣିବାକୁ ପାଇଥିଲେ। ଏବେ ନାବାଳିକାକୁ ଘରେ ଲୁଚାଇ ରଖିଥିବା ବେଳେ ଗ୍ରାମବାସୀ ମଧ୍ୟରେ ଖବର ପ୍ରଚାରିତ ହେବା ପରେ ପରିବାର ପକ୍ଷରୁ ବାରିପଦା ସଦର ଥାନାରେ ଅଭିଯୋଗ ପରେ ପୁଲିସ ଏକ ପୋକ୍ସୋ ମାମଲା ରୁଜୁ କରି ଅଭିଯୁକ୍ତକୁ ଖୋଜୁଥିବା ଜଣାପଡ଼ିଛି। ମାତ୍ର ଅଭିଯୁକ୍ତ ଫେରାର୍ ଥିବା ଜଣାପଡ଼ିଛି।

ଗୁରୁତ୍ୱପୂର୍ଣ୍ଣ ବିଷୟ, ନାବାଳିକା ଗର୍ଭବତୀ ହେବା ନେଇ ପରିବାରବର୍ଗ କାହିଁକି ୭ ମାସ ଧରି ଲୁଚାଇ ରଖିଥିଲେ ଓ ଉକ୍ତ ସ୍କୁଲ କର୍ତ୍ତୃପକ୍ଷ ଏତେଦିନ ଅନୁପସ୍ଥିତ ଛାତ୍ରୀ ବିଷୟରେ କାହିଁକି ନିରବ ରହିଛନ୍ତି, ଏନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ କହିଛନ୍ତି ଯେ ଘଟଣା ସମ୍ପର୍କରେ ଗଣମାଧ୍ୟମରୁ ଖବର ପାଇଛୁ। ଏନେଇ ଆମେ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରି ୱାନ୍-ଷ୍ଟପ୍ ସେଣ୍ଟର୍‌ରେ ରଖିଛୁ। ଏହା ସହ ଆଇନଗତ ପଦକ୍ଷେପ ନେବୁ। ସଦର ଥାନାଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିବାନୁସାରେ, ଅଭିଯୋଗ ପାଇବା ମାତ୍ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛୁ। ପୀଡ଼ିତାର ବୟାନ ରେକର୍ଡ ସହ ଡାକ୍ତରୀ ମାଇନା କରାଇଛୁ। ଖୁବ୍ ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବ।

# ନକଲି ସୁନା ବିସ୍କୁଟ ଦେଖାଇ ଟଙ୍କା ଓ ସୁନାଚେନ୍ ଲୁଟ୍

ନୀଳଗିରି, ୮।୧୨ (ସମିସ)






ନୀଳଗିରି ଅଞ୍ଚଳରେ ନକଲି ସୁନା ବିସ୍କୁଟ, ନକଲି ସୁନା ଇଟାର କଳା ବଜାର ଚାଲିଥିବା ବେଳେ ନୀଳଗିରି ପୁଲିସ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଚାଲିଛି। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଓ ଇଶ୍ୱରପୁର ଫାଣ୍ଡି ଅଧିକାରୀ ସବ୍ ଇନ୍ସପେକ୍ଟର ବିକାଶ ଭୋଇ ନକଲି ସୁନା ବେପାରୀଙ୍କ କଳା ବଜାରକୁ କାବୁ କରିବାରେ ବିରାଟ ସଫଳତା ମିଳିଛି। କେଇ ଦିନ ପୂର୍ବରୁ ନୀଳଗିରିରେ ନକଲି ସୁନା ଇଟା କାରବାରରେ ନୀଳଗିରି ଆଇ ଆଇ ସି ଅପରାଧୀଙ୍କୁ ଧରିବାରେ ସଫଳ ହୋଇଥିବା ବେଳେ ଗତ ରବିବାର ସଂଧ୍ୟାରେ ସୁନା ବିସ୍କୁଟର ନକଲି ଦେଖାଇ ସୁନା ବେପାରୀଙ୍କ ନିକଟରୁ ୪ଲକ୍ଷ ଟଙ୍କା ସହ ଏକ ସୁନା ହାର ଲୁଟ୍ କରି ନେଇଥିବାର ଦେଖିବାକୁ ମିଳିଛି। ନୀଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଓ ଇଶ୍ୱରପୁର ଫାଣ୍ଡି ଅଧିକାରୀ ବିକାଶ ଭୋଇ ନକଲି ଛଅ ଜଣ ସୁନା ବେପାରୀଙ୍କୁ ଧରିବାରେ ସଫଳ ହୋଇଛି।

ପୁରୀ ଜିଲ୍ଲା ବ୍ରହ୍ମଗିରି ଅଞ୍ଚଳର ଜୈନିକ ଶିକ୍ଷକ ଓ ତାଙ୍କର ଶଳା ସୁନା ବିସ୍କୁଟ ନେବା ପାଇଁ ନୀଳଗିରି ସନ୍ତରାଗଡିଆ ବଜାରରେ ଏକ କାର୍ ଯୋଗେ ନଗଦ ୪ଲକ୍ଷ ଟଙ୍କା ଧରି ପହଞ୍ଚି ଥିଲେ। ଗତ ରବିବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ନକଲି ସୁନା ବେପାରୀଙ୍କ ମଧ୍ୟରୁ ଦୁଇ ଜଣ ସନ୍ତରା ଗଡିଆ ଅରବିନ୍ଦ ସ୍କୁଲ୍‌ର ଅନତି ଦୂରରେ ଥିବା ଏକ ତାଳ ଗଛ ମୂଳରେ ଆରମ୍ଭ ହୋଇଥିଲା କାରବାର। ଟଙ୍କା ଆଣିଛ ନା ବୋଲି ନକଲି ସୁନା ବେପାରୀ ଜଣକ ପଚାରିବାରୁ ସୁନା ନେବା ପାଇଁ ଆସିଥିବା ଶଳା ଭିଣୋଇ ହିଁ ବୋଲି କହିଥିଲେ। ବ୍ୟାଗ୍‌ରେ ରଖିଥିବା ୪ଲକ୍ଷ ଟଙ୍କା ଖୋଲୁ ଥିବା ବେଳେ ଅନ୍ୟ ଚାରି ଜଣ ଦୁଇଟି ବାଇକରେ ନକଲି ପୁଲିସ ବେଶରେ ଘଟଣା ସ୍ଥଳରେ ପହଞ୍ଚି ଶଳା ଭିଣୋଇଙ୍କୁ ଧମକ ଚମକ୍ ଦେବା ସହ ନଗଦ ଚାରି ଲକ୍ଷ ଟଙ୍କା ଓ ଏକ ସୁନା ଚେନକୁ ନେଇ ୬ଜଣ ଯାକ ଫେରାର ହୋଇଯାଇଥିଲା। ପୁରୀ ବ୍ରହ୍ମଗିରି ଅଞ୍ଚଳରୁ

**୬ ଅଟକ, ଦୁଇ ବାଇକ୍, ୬ ମୋବାଇଲ୍ ସହ ୩.୨୯ ଲକ୍ଷ ଟଙ୍କା ଜବତ**

ଆସିଥିବା ଶଳା ଭିଣୋଇ ଲାଜର କଥା କାହାରିକୁ ନ କହି ଇଶ୍ୱରପୁର ଫାଣ୍ଡିରେ ପହଞ୍ଚି ସୁନା ଚେନ୍ ଲୁଟ୍ ହୋଇଥିବାର ଅଭିଯୋଗ କରିଥିଲେ। ମାତ୍ର ଫାଣ୍ଡି ଅଧିକାରୀ ବିକାଶ ଭୋଇ ଘଟଣାକୁ ସହଜରେ ଗ୍ରହଣ କରିପାରି ନ ଥିଲେ। ଶେଷରେ ଉଭୟ ଶଳା ଭିଣୋଇ ସୁନା ବିସ୍କୁଟ ନେବା ପାଇଁ ଆସିଥିବାର ପ୍ରକାଶ କରିବା ସହ ସମସ୍ତ ଘଟଣା ଫାଣ୍ଡି ଅଧିକାରୀ ବିକାଶ ଭୋଇଙ୍କୁ ଲିଖିତ ଭାବେ ଅଭିଯୋଗ କଲା ପରେ ଘଟଣା ବାବଦରେ ନୀଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଙ୍କୁ ସଙ୍ଗେ ସଙ୍ଗେ ଅବଗତ କଲା ପରେ ଦୁଇ ଅଫିସର ମୋବାଇଲ୍ ଟ୍ରାକ କରି ନୀଳଗିରି, ସୋର, ରେମୁଣା ଅଞ୍ଚଳରୁ ୬ଜଣ ଅଭିଯୁକ୍ତଙ୍କୁ ଧରିବା ସହ ନକଲି ପିତଳର ସୁନା ବିସ୍କୁଟ, ଦୁଇଟି ବାଇକ୍, ୫ଟି ମୋବାଇଲ୍, ନଗଦ ୩.୨୯ ଲକ୍ଷ ଟଙ୍କା ଜବତ କରିବାରେ ସଫଳ ହୋଇଛନ୍ତି। ୬ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି ବୋଲି ଏସ୍‌ଡିପିଓ ପ୍ରମୋଦ ମଲ୍ଲିକ ସୂଚନା ଦେଇଛନ୍ତି। ଏପଟେ ପୁରୀ ବ୍ରହ୍ମଗିରି ଅଞ୍ଚଳର ଶିକ୍ଷକତା କରୁଥିବା ଭିଣୋଇ ଓ ତାଙ୍କ ଶାଳକଙ୍କୁ ମଧ୍ୟ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛନ୍ତି। ସେମାନଙ୍କ କାର କୁ ମଧ୍ୟ ଥାନାରେ ରଖାଯାଇଥିବାବେଳେ ଖୁବ୍ ଶୀଘ୍ର ସିନ କ୍ରିଏସନ କରାଯିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଥିବାର ଜଣା ପଡିଛି।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ବିଜ୍ଞାନମେଳା



ବସ୍ତା ବ୍ଲକ, ୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ରୋଡସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବିଜ୍ଞାନ ମେଳା - ୨୦୨୫ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଡିଓ ମିହିର ରଞ୍ଜନ ବେହେରା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପରମେଶ୍ୱର ବାରିକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସ୍କୁଲ ପରିସରରେ ଆୟୋଜିତ ଏହି ବିଜ୍ଞାନ ମେଳାରେ ସିନିୟର୍ ଓ ଜୁନିଅର ବିଭାଗକୁ ମିଶାଇ ୩୨ଟି ପ୍ରକଳ୍ପକୁ ଛାତ୍ରଛାତ୍ରୀ ପ୍ରଦର୍ଶିତ କରିଥିଲେ। ପ୍ରକଳ୍ପଗୁଡ଼ିକୁ ଅତିଥି ମାନଙ୍କ ସହିତ ସ୍କୁଲର ପ୍ରିନ୍ସିପାଲ ବଳରାମ ବିଶ୍ୱାଳ, ଟ୍ରଷ୍ଟି ଅନିଲ କୁମାର ଗୁପ୍ତା, ଧୃତି ସୁନ୍ଦର ପଣ୍ଡା ବୁଲି ଦେଖିଥିଲେ। ସିନିୟର୍ ବର୍ଗରେ ପ୍ରାଂଶୁ କୁଣ୍ଡୁ ପ୍ରଥମ, ଦିବ୍ୟଜ୍ୟୋତି ପଣ୍ଡା ଓ ଧିରେଜ୍ କୁମାର ସେଠୀ ଦ୍ୱିତୀୟ ଏବଂ ମିଲେଶ କୁମାର ସାହୁ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ସେହିପରି ଜୁନିଅର ବିଭାଗରେ ଶେଖ ଆୟତ ରାଜା ପ୍ରଥମ, ରତିକ କୁମାର ଗିରି ଦ୍ୱିତୀୟ ଓ ପୁନମ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶିଳାରାଣୀ ବେହେରା, ଡାଇନା ବେହେରା, ମଧୁସ୍ମିତା ପଣ୍ଡା, ମଧୁସ୍ମିତା ସନ୍ତରା, ହରପ୍ରିୟା ମିଶ୍ର, ସସ୍ମିତା ଘୋଷ, ସହାୟିକା ରାଣୀ ଭୋଳ, କୁନିଲତା ଦେହୁରୀ, ଶିକ୍ଷକ ବୈରାଗୀ ଚରଣ ରାଉଳ, ଚିନ୍ମୟ ମହାନ୍ତି, ପରିଚାଳନା କରିଥିଲେ।

## ପିଏମ୍‌ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଜଳେଶ୍ୱର, ୮।୧୨ (ସମିସ): ଜଳେଶ୍ୱର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ ତମ ବାର୍ଷିକ କ୍ରୀଡ଼ା ଉତ୍ସବ ୨୦୨୫ର ଉଦ୍‌ଘାଟନୀ ସଭା ସୋମବାର ଅନୁଷ୍ଠିତ ହୋଇ ଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ଜେନାଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ଜଳେଶ୍ୱର ଓଷ୍ଟା ସଭାପତି ସୁକୁମାର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନାରାୟଣ ଦାସ, ୧୨ ନମ୍ବର କାଉନସିଲାର ଶିବ ନାରାୟଣ ମହାପାତ୍ର, ସିଆରସିସି ଅଜିତ ପାତ୍ର, ଜଳେଶ୍ୱର ଆଥଲେଟିକ ସମ୍ପାଦକ ହର ମୋହନ ମହାନ୍ତ, ପ୍ରାକ୍ତନ ଶିକ୍ଷକ ଈଶ୍ୱର ଚନ୍ଦ୍ର ଜେନା, ଅଶୋକ କୁମାର ଦାସ ଓ ପୂର୍ଣ୍ଣଚନ୍ଦ୍ର ଭୂୟାଁ ପ୍ରମୁଖ ଯୋଗଦାନ କରିଥିଲେ। ଖେଳ ଶିକ୍ଷୟିତ୍ରୀ ସଞ୍ଜୁଲତା ମଣ୍ଡଳ କାର୍ଯ୍ୟସୂଚୀକୁ ସୁଚାରୁରୂପେ ସମ୍ପାଦିତ କରିଥିଲେ। ଉକ୍ତ ଉଦ୍‌ଘାଟନୀ ସଭାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା, ସିନିଅର ସହକାରୀ ଶିକ୍ଷକ ସୂର୍ଯ୍ୟକାନ୍ତ ଜେନା, ସହକାରୀ ଶିକ୍ଷକ ନିତ୍ୟନାରାୟଣ ଜେନା, ପ୍ରଣବ ଦାସ, ନିମାଇଁ ନାୟକ, କେଶବ ଚନ୍ଦ୍ର ଜେନା, ରାଜେନ୍ଦ୍ର ପାଣିଗ୍ରାହୀ, ମନୋରଞ୍ଜନ ପାଣି, ରାଧାଗୋବିନ୍ଦ ଜେନା, ସରୋଜ ସାସମଲ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ଦାସ, ମମତା ମହାନ୍ତି, ସବିତା ପାଠୀ, ମମତା ଜେନା, ତେଜସ୍ୱିନୀ ବାରିକ, ଅମ୍ରିତା ଗିରି, କଲ୍ୟାଣୀ ନନ୍ଦୀ ଓ ସହକର୍ମୀ ଅଶୋକ ଦାସ, ପରିତୋଷ ବାନାର୍ଜୀ, ଶାନ୍ତନୁ ଦାସ, ସଞ୍ଜୟ ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ ରାଜେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ସଡକ ଦୁର୍ଘଟଣାରେ ବ୍ଲକ ମଙ୍ଗଳ ଅଧିକାରୀ ଗୁରୁତର

ନୀଳଗିରି, ୮।୧୨ (ସମିସ): ନୀଳଗିରି ବ୍ଲକରେ କାର୍ଯ୍ୟରତ ମଙ୍ଗଳ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ନିଜ ଅଫିସ କାର୍ଯ୍ୟ ସାରି ନିଜ ବାଇକରେ ବାଲେଶ୍ୱର ଘରକୁ ଯାଉଥିବା ବେଳେ ଶେରଗଡ଼ ନୀଳଗିରି ରାସ୍ତାର ଗଡ଼ିଆମାଳ ଛକ ନିକଟରେ ଶେରଗଡ ଆଡୁ ଆସୁଥିବା ଏକ ବାଇକ୍ ଆରୋହୀ ନିଶାସକ୍ତ ଅବସ୍ଥାରେ ଧକ୍କା ହେବାରୁ ଦୁଇଟି ଯାକ ବାଇକ୍ ଭାଙ୍ଗି ଚୁରମାର୍ ହୋଇଥିବା ବେଳେ ମଙ୍ଗଳ ଅଧିକାରୀ ଶ୍ରୀ ଶତପଥୀଙ୍କୁ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଅଣା ଯାଇଥିଲା। ଛାତି, ଗୋଡ଼ରେ ଆଘାତ ଲାଗିଥିବାର ଜଣାପଡିଛି। ଖବର ପାଇ ନୀଳଗିରି ମେଡିକାଲରେ ବ୍ଲକର ସମସ୍ତ ପଦାଧିକାରୀ, କର୍ମଚାରୀମାନେ ପହଞ୍ଚିଥିଲେ।

## ତିନିଦିନିଆ ବିଜ୍ଞାନ ଓ ଗଣିତ ମେଳା ଉଦ୍‌ଯାପିତ




ବସ୍ତା ବ୍ଲକ, ୮।୧୨ (ସମିସ): ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ୩ ଦିନ ବ୍ୟାପୀ ଚାଲିଥିବା ବିଜ୍ଞାନ ଓ ଗଣିତ ମେଳା ଉଦ୍‌ଯାପିତ ହୋଇଛି। ପ୍ରଥମ ଦିବସରେ ସାର୍ଥୀ ମହାବିଦ୍ୟାଳୟର ଅଧକ୍ଷ ଅଧ୍ୟାପକ ମାନସ ମାଇତି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟବକ୍ତା ଭାବେ ଗଣିତ ଅଧ୍ୟାପକ ହରିଶଙ୍କର ପାଢୀ ପ୍ରକଳ୍ପ ଗୁଡ଼ିକ ପ୍ରଦର୍ଶନ କରିଥିଲେ। ଏଥର ପରିବେଶ ଓ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଉତ୍କଳ ଶିକ୍ଷା ପରିଷଦ ର ସମ୍ପାଦକ ଶିକ୍ଷାବିତ ଯୋଗେନ୍ଦ୍ର ଦାଶ, ମୁଖ୍ୟବକ୍ତା ବସ୍ତା ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ପାତ୍ର, ସମ୍ମାନିତ ଅତିଥି ସିଆରସିସି ଅଶୋକ କୁମାର ପାଢୀ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ଓ ଗଣିତରେ ସର୍ବମୋଟ ୨୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବରେ ବିଜ୍ଞାନ ଶିକ୍ଷକ ତ୍ରିଲୋଚନ ବେହେରା, ସନ୍ତୋଷ ମଣ୍ଡଳ, ଅରବିନ୍ଦ ପାତ୍ର, ବେଦପ୍ରକାଶ ମୁଦୁଲି, ରଣଜିତ ମଣ୍ଡଳ, ଆଶିଷ ନାୟକ ପ୍ରମୁଖ ମୂଲ୍ୟାୟନ କରିବା ସହ ଛାତ୍ର ଛାତ୍ରୀଙ୍କ ମୌଖିକ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ସଭାପତି ଶଙ୍କର କୁମାର କର, ସରପଞ୍ଚ ଗୌରାଙ୍ଗ ବେହେରା, ଉପଦେଷ୍ଟା ଶ୍ୟାମାପ୍ରସାଦ ବେହେରା, ସମ୍ପାଦକ ରାମଚନ୍ଦ୍ର ଦେବ, କୋଷାଧ୍ୟକ୍ଷ ପ୍ରଦୀପ ପରିଡା, ଉପସଭାପତି ଶିଶିର କୁମାର ରଥ, ସଦସ୍ୟ କୁମୁଦ ରଞ୍ଜନ ଗିରି, ଇଂ ଜଗନ୍ନାଥ ମାଝୀ, ହରେକୃଷ୍ଣ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷା କେନ୍ଦ୍ରର ଉପ ପ୍ରଧାନଚାର୍ଯ୍ୟା ସୁଶ୍ରୀ ରଞ୍ଜିତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଭୋଗରାଇ, ୮।୧୨(ସମିସ) : ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ସାତଗୋହଲିଆ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିକ୍ରମାଦିତ୍ୟ ଗିରିଙ୍କ (୭୨) ବର୍ଷ ବୟସରେ ତାଙ୍କ ଅନଳିଆ ପଞ୍ଚାୟତ ଚାକୁଆ ଗ୍ରାମସ୍ଥ ବାସଭବନରେ ଶନିବାର ପରଲୋକ ହୋଇଯାଇଛି।



୧୯୮୨ ମସିହାରେ ଶିକ୍ଷକତା ବୃତ୍ତି ଆରମ୍ଭ କରି ଶେଷରେ ୨୦୧୩ ମସିହାରେ ସାତଗୋହଲିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଖବର ପାଇ ଅନଳିଆ ସରପଞ୍ଚ ସଙ୍ଗୀତାରାଣୀ ମହାନ୍ତି, ସମିତି ସଭ୍ୟା ଅଞ୍ଜଳି ପାଢ଼ୀ, ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାନ୍ତି, ଚିତ୍ରାନନ୍ଦ ପାଳ, ପୂର୍ବତନ ସମିତି ସଭ୍ୟା ନମିତା ପାଳ, ପୂର୍ବତନ ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ପାଳ, ଶିକ୍ଷକ ରାଜକିଶୋର ମହାନ୍ତି ଶ୍ରଦ୍ଧାସୁମନ ଅର୍ପଣ କରି ଶେଷ ଦର୍ଶନ କରିଥିଲ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ବଡ଼ପୁଅ ଯତୀନ୍ଦ୍ର ଗିରି, ସାନପୁଅ ଦୁର୍ଗାଶଙ୍କର ଗିରି, ବଡ଼ବୋହୂ ଅଞ୍ଜଳି ଗିରି, ସାନବୋହୂ ଇପ୍ସିତା ଗିରି, ନାତି ନାତୁଣୀ, ଝିଅଜ୍ୱାଇଁ, ପୁତୁରା, ପୁତୁରାବୋହୂ, ପରିବାରବର୍ଗ ତଥା ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଗ୍ରାମ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## କୁଲଡ଼ିହାରୁ ପୁଣି ଦୁଇ ଶିକାରୀ ଗିରଫ

ନୀଳଗିରି, ୮।୧୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧିନ କୁଲଡିହା ଅଭୟାରଣ୍ୟରୁ ପୁଣି ଦୁଇ ଶିକାରୀଙ୍କୁ ଧରାଇଦେଲା ଏଆଇ କ୍ୟାମେରା। କିଛି ଦିନ ପୂର୍ବରୁ ଯୋଡ଼ାଚୁଆ ବିଟ୍ ଅଞ୍ଚଳରେ ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା କ୍ୟାମେରାରେ କଏଦ ହୋଇଥିବା ଚିତ୍ର ଅନୁଯାୟୀ କେସିପୁର ପଞ୍ଚାୟତ ଟୁଲୁକଡାବ ଅଞ୍ଚଳର ସୁକାନ୍ତ ଖଣ୍ଡେଇ ଓ ନିରଞ୍ଜନ ମଡେଇ ଜଙ୍ଗଲକୁ ଅବାଧ ଶିକାର କରିବା ପାଇଁ ପ୍ରବେଶ କରିଥିଲେ। ବନବିଭାଗ ଦ୍ୱାରା ଖଞ୍ଜା ଯାଇଥିବା ଦୁଇଟି ଟ୍ରାପ କ୍ୟାମେରାରେ କଏଦ ହୋଇଥିଲା ଏମାନଙ୍କ ଫଟୋ। ବନବିଭାଗର ରୁଟିନ୍ ଚେକ୍ ସମୟରେ ଘଟଣା ଜଣାପଡିବା ପରେ ସେମାନଙ୍କ ସନ୍ଧାନରେ ଥିଲା। ଗତ ରବିବାର ରାତ୍ରିରେ କୁଲଡ଼ିହା ବନବିଭାଗ ଉଭୟ ଶିକାରୀଙ୍କୁ ତାଙ୍କ ଘରୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଫାସ, ଧନୁତୀର ଜବତ କରାଯାଇଛି। ଅଧିକ ତଦନ୍ତ ଚାଲିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।



# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ



ବାଲେଶ୍ୱର, ୮ ।୧୨(ସମିସ): 'ପୁରୁଣା ଘରେ ରଙ୍ଗ ବୋଳି ନେଇଗଲେ ଟଙ୍କା' ଶୀର୍ଷକ ଏକ ଖବର ପ୍ରକାଶକୁ ନେଇ 'ସକାଳ' ଜଳେଶ୍ୱର ବ୍ଲକ ପ୍ରତିନିଧି ଅଶ୍ରୁମୋଚନ ଘୋଷଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସେ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ନେଇ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଜଳେଶ୍ୱର ବ୍ଲକ ଅର୍ନ୍ତଗତ ଖୁଆଡ ପଞ୍ଚାୟତ ଖୁଆଡ ଗ୍ରାମର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ବେଆଇନ ଭାବେ ଏକ ପୁରୁଣା ଘରେ ରଙ୍ଗ ବୋଳି କନିଷ୍ଠଯନ୍ତ୍ରୀ ରବୀନ୍ଦ୍ର କୁମାର ପ୍ରଧାନ ଓ ଠିକାଦାର ଫଲ୍ସ ବିଲ୍ କରାଇ ଟଙ୍କା ଉଠାଇ ନେଇଥିବାର ଜଳେଶ୍ୱର ବିଡିଓ ଓ ଜିଲ୍ଲାପାଳଙ୍କଠାରେ ମିଳିତ ଜନଶୁଣାଣି ଅଭିଯୋଗ ଶିବିରରେ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଆଧାର କରି 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ କେନ୍ଦ୍ରକରି ସୋମବାର ଖୁଆଡ ଗ୍ରାମର ଶିବ ଶଙ୍କର ସାହୁ, ଅର୍ଜୁନ ରଣା, ରାଜକିଶୋର ଗିରି ଓ ରାଜୀବ ପାତ୍ର ସଂଘବଦ୍ଧ ଭାବେ ଅଶ୍ରୁମୋଚନଙ୍କୁ ଆକ୍ରମଣ କରି ହତ୍ୟା ଧମକ ଦେଇଥିଲେ। ଏଥିସହ ତାଙ୍କ ଗାଡି ଚାବି ସହ ମୋବାଇଲ, ପର୍ସ ଛଡାଇ ନେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଇଥିଲେ। ଏ ନେଇ ଅଶ୍ରୁମୋଚନ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଔପଦା, ୮।୧୨ (ସମିସ) : ଔପଦା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ସମ୍ମୁଖରେ ପଡିଆରେ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କ୍ରୀଡା ଶିକ୍ଷକ ଚନ୍ଦ୍ରକାନ୍ତ ଘଡେଇ, ସମ୍ମାନିତ ଅତିଥି ଏବିଓ ରତ୍ନାକର ଦାସ, ତଳକିଆ ସରପଞ୍ଚ ଦୀପ୍ତିରାଣୀ ନାୟକ, କ୍ରୀଡା ଶିକ୍ଷକ ସନ୍ତୋଷ କୁମାର ପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ମଞ୍ଚକୁ ଆହ୍ୱାନ କରିଥିବା ବେଳେ ସହକାରୀ ଶିକ୍ଷକ ଜଗଦୀଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଦିବସର ଏହି କ୍ରୀଡା ଉତ୍ସବକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଉଦଘାଟନୀ ସଭା ପରେ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତିଯୋଗିତା କରାଯାଇ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଚୟନ କରାଯାଇଛି।

## ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ଦାବି

ନୀଳଗିରି, ୮।୧୨ (ସମିସ): ନୀଳଗିରି ଏନ୍‌ଏସିର ସର୍ବପୁରାତନ ପୋଖରୀ ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲ ଡିଭିଜନ ପୋତି ଦେଇଥିଲା। ଉକ୍ତ ଘଟଣାକୁ ନିନ୍ଦା କରାଯାଇ ଉକ୍ତ ପୋଖରୀକୁ ପୁନରୁଦ୍ଧାର ପାଇଁ ସିପିଆଇ (ଏମ) ଦଳ ତରଫରୁ ଜିଲ୍ଲାପାଳଙ୍କଠାରେ ଦାବି କରାଯାଇଥିଲା। ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ନୀଳଗିରି ତହସିଲଦାରଙ୍କୁ ଲକ୍ଷ୍ମୀ ସାଗର ପୋଖରୀକୁ ପୁନରୁଦ୍ଧାର ପାଇଁ ଦାୟିତ୍ୱ ଦେଇଥିଲେ। ନୀଳଗିରି ତହସିଲଦାର ଉଭୟ ପକ୍ଷଙ୍କ କଥାକୁ ଆଲୋଚନା କରି ଲକ୍ଷ୍ମୀ ସାଗର ପୋଖରୀର ପୁନରୁଦ୍ଧାର ପାଇଁ ସୋର କେନାଲ ଡିଭିଜନକୁ ନିର୍ଦ୍ଦେଶ ଦେଇଥିଲେ। ସୋର କେନାଲ ଡିଭିଜନ ଉକ୍ତ କାର୍ଯ୍ୟକୁ ନଭେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୁଃଖ ପରିତାପର ବିଷୟ ବର୍ତ୍ତମାନ ସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଲକ୍ଷ୍ମୀସାଗର ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ସିପିଆଇ (ଏମ) ର ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲ୍ଲାପାଳ ନୀଳଗିରିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ସିପିଆଇ (ଏମ) ନୀଳଗିରି ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠୀ, ପ୍ରଦୀପ ମିଶ୍ର, ରତ୍ନାକର ଦାସ, ଗଙ୍ଗାଧର ମହାପାତ୍ର, ବିଷ୍ଣୁମୋହନ ପ୍ରମାଣିକ, ଗଜେନ୍ଦ୍ର ସିଂ ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ। ଆଗାମୀ ପନ୍ଦର ଦିନ ମଧ୍ୟରେ ପୋଖରୀ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ନ ହେଲେ ଦଳ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପାତ୍ର ପ୍ରଶାସନକୁ ଚେତାବନୀ ଦେଇଥିବା ଜଣାଯାଇଛି।

## ଜଳିଗଲା ଦୁଇ ବଖରା

ରାଜଘାଟ, ୮।୧୨ (ସମିସ): ବସ୍ତା ଥାନା ଥେଙ୍ଗଡିଆ ଗ୍ରାମର ସସ୍ମିତା ଖଣ୍ଡାଙ୍କ ଘରେ ରବିବାର ବିଳମ୍ବିତ ରାତିରେ ହଠାତ୍ ଘର ନିଆଁ ଲାଗି ଯାଇଥିଲା। ଘରେ କେହି ନଥିବା ବେଳେ ପଡୋଶୀ ମାନେ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହିତ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇ ଯାଇଛି। ନିଆଁ କେଉଁ କାରଣରୁ ଲାଗିଛି ତାହା ଜଣାପଡ଼ି ନାହିଁ। ଗରିବ ପରିବାରର ହୋଇଥିବାରୁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ପରିବାର ଲୋକେ। ଘଟଣା ସ୍ଥଳରେ ଗୁଡିଖାଳ ରାଜସ୍ୱ ନିରୀକ୍ଷକ



ମନୋଜ ସେଠୀ ପହଞ୍ଚି ତଦନ୍ତ କରିବା ସହ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଆଦିବାସୀ ମହୋତ୍ସବ




କାଳିପଦା/ଲଙ୍ଗଳେଶ୍ୱର, ୮।୧୨ (ସମିସ): ଆଦିବାସୀ ପରମ୍ପରା, ସଂସ୍କୃତି ଓ ଐତିହ୍ୟକୁ ଆହୁରି ସୁଦୃଢ଼ କରିବା ତଥା ଏହାର ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ଟାଟାଷ୍ଟିଲ ଫାଉଣ୍ଡେସନ ତରଫରୁ ଆଜି ବାଲିଆପାଳ ବ୍ଲକ ଦଉଳା ପଞ୍ଚାୟତଠାରେ ଆଦିବାସୀ ମହୋତ୍ସବ "ଆଞ୍ଚଳିକ ସମ୍ବାଦ' ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୬୦ ଜଣ ଆଦିବାସୀ ନେତୃବୃନ୍ଦ ଯୋଗ ଦେବା ସହ ଏଥିରେ ଦକ୍ଷତା ବିକାଶ, ଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ତମାଖୁ ସେବନ ଓ ମଦ୍ୟପାନର ହାନିକାରକ ପ୍ରଭାବ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଥିଲେ। ଏଥିରେ ଆଦିବାସୀ ଭାଷା "ଅଲିଚିକି' ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ଆଦିବାସୀ ସଂସ୍କୃତି ଉପରେ ଆଧାରିତ ଏକ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଦଉଳା ସରପଞ୍ଚ ସରୋଜ କୁମାର ପିଳା ଯୋଗ ଦଇ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ବାଲିଆପାଳ ୟୁନିଟ୍ ମୁଖ୍ୟ ପ୍ରମୋଦ ପାତ୍ର ଅତିଥି ମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପର ପ୍ରଶାସନିକ ମୁଖ୍ୟ ବିରଜା ଦାସ ଓ ଭୂଅର୍ଜନ ଅଧିକାରୀ ଧର୍ମେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଆମ୍ବୁଲାନ୍ସରେ ଅକ୍ସିଜେନ ଅଭାବରୁ ଶିଶୁ ମୃତ୍ୟୁ ଘଟଣା**

# କାର୍ଯ୍ୟାନୁଷ୍ଠାନ ଦାବିକଲା ସୂଚନା ଅଧିକାର ଅଭିଯାନ

କାଳିପଦା, ୮।୧୨ (ସମିସ)




୧୦୮ ଆମ୍ବୁଲାନ୍ସରେ ଅକ୍ସିଜେନ ଅଭାବରୁ ଗଲା ଏକ ସପ୍ତାହ ତଳେ ସ୍ଥାନୀୟ ଜଳେଶ୍ୱର ବ୍ଲକ ବାଇଗଣ ବାଡିଆ ପଞ୍ଚାୟତ ଘଣ୍ଟିଆଡ଼ି ଗ୍ରାମର ରାମ କୃଷ୍ଣ ନନ୍ଦିଙ୍କ ଦଶ ମାସର ଶିଶୁ ପୁତ୍ର ଦେବାଶିଷର ମୃତ୍ୟୁ ହୋଇ ଯାଇଥିଲା। ଦେବାଶିଷକୁ ତାର ଅସୁସ୍ଥତା ପାଇଁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ଅବହେଳାରୁ ଏପରି ଅଭାବନୀୟ ଘଟଣା ଘଟିଥିଲା। ଏହାର ଏକ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ଦାବି କରିଛି। ସୂଚନା ଅଧିକାର ଅଭିଯାନ ସଂଘ ଆଜି ସାମ୍ବାଦିକ ସମ୍ମିଳନୀ ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ କରି ପ୍ରଶାସନକୁ ଚେତାବନୀ ଦେଇଛି। ମୃତ ଶିଶୁର ମାଆ ଲକ୍ଷ୍ମୀପ୍ରିୟା ବାଲିଆପାଳ ଥାନାରେ ଏତଲା ଦେଇଥିଲେ ମଧ୍ୟ କୌଣସି ପ୍ରତିକାର ଅଦ୍ୟାବଧି ହୋଇ ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା, ରାମକୃଷ୍ଣ ନନ୍ଦୀ, ଲକ୍ଷ୍ମୀପ୍ରିୟା ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ସୂଚନା ଅଧିକାର ଅଭିଯାନ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛି।

### ସରକାର ବଦଳିବା ପରେ ଉପେକ୍ଷିତ ଆବାସ ହିତାଧିକାରୀ

# ବର୍ଷେରୁ ଊର୍ଦ୍ଧ୍ୱ ହେଲାଣି ମିଳୁନି ବୋନସ୍ ରାଶି

ରାଇରଙ୍ଗପୁର, ୮।୧୨(ସମିସ)



ଜନସାଧାରଣଙ୍କ ବିକାଶ ଉଦ୍ଦେଶ୍ୟରେ ଘୋଷଣା ହେଉଥିବା ସରକାରୀ ଯୋଜନାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରୁନି। ଆଜି ବି ହିତାଧିକାରୀ ଯୋଜନାର ସୁଫଳ ନେବାରୁ ବଞ୍ଚିତ ହୋଇ ରହୁଛନ୍ତି। ବର୍ଷ ପରେ ବର୍ଷ ବିତିଯାଉଥିଲେ ସୁଦ୍ଧା ହିତାଧିକାରୀମାନଙ୍କୁ ପ୍ରାପ୍ୟ ରାଶି ମିଳିପାରୁ ନାହିଁ। ଏହିଭଳି ଘଟଣା ସରକାରୀ ଆବାସ ଯୋଜନାରେ ସମ୍ମୁଖକୁ ଆସିଛି।

ଆଦିବାସୀ ବହୁଳ ବାମନଘାଟି ଓ ପାଞ୍ଚପିଢ଼ ଉପଖଣ୍ଡର ଆବାସ ଯୋଜନାରେ ସାମିଲ୍ ହୋଇଥିବା ହିତାଧିକାରୀମାନଙ୍କୁ ବର୍ଷ ବର୍ଷ ବିତିଯାଉଥିଲେ ମଧ୍ୟ ଆବାସ ବୋନସ୍ ରାଶି ମିଳୁନାହିଁ। ପ୍ରଦତ୍ତ ସରକାରୀ ସମୟ ମଧ୍ୟରେ ଆବାସ ଘର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଲେ ଉକ୍ତ ରାଶି ମିଳିବା ନେଇ ସରକାରୀ ନିୟମ ରହିଛି। କିନ୍ତୁ ତାହା ଆଉ ହିତାଧିକାରୀଙ୍କୁ ମିଳୁନାହିଁ। ଗତ ୩ ବର୍ଷ ମଧ୍ୟରେ ମଞ୍ଜୁର ହୋଇଥିବା ଆବାସ ଗୃହ ମଧ୍ୟରୁ ୫୦ପ୍ରତିଶତରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। କିନ୍ତୁ ଏହାପରେ ବି ବୋନସ୍ ରାଶି ମିଳିନାହିଁ। ଏପରିକି ଆଦିମ ଜନଜାତିମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରଧାନମନ୍ତ୍ରୀ ଜନ ମନ ଯୋଜନାରେ ସାମିଲ୍ ଥିବା ହିତାଧିକାରୀଙ୍କ ଅବସ୍ଥା ମଧ୍ୟ ସମାନ ରହିଛି। ପିଏମ୍ ଆବାସ ଗ୍ରାମୀଣ ଯୋଜନାରେ ବହଳଦା ବ୍ଲକରେ ୩୫୨୦ଟି ଗୃହରୁ ୨୩୧୮ଟି, ବିଜାତଳା ବ୍ଲକରେ ୪୫୬୫ଟି ଗୃହରୁ ୩୬୫୩ଟି, ବିଶୋଇ ବ୍ଲକରେ ୪୨୮୫ଟି ଗୃହରୁ ୨୪୭୬ଟି, ଜାମଦା ବ୍ଲକରେ ୪୧୪୫ଟି ଗୃହରୁ ୨୯୩୦ଟି, ଯଶିପୁର ବ୍ଲକରେ ୭୪୩୨ଟି ଗୃହରୁ ୪୭୧୩ଟି, କରଞ୍ଜିଆ ବ୍ଲକରେ ୮୧୨୮ଟି ଗୃହରୁ ୫୬୩୫ଟି, କୁସୁମୀ ବ୍ଲକରେ ୬୬୦୯ଟି ଗୃହରୁ ୪୦୫୪ଟି, ରାଇରଙ୍ଗପୁର ବ୍ଲକରେ ୫୫୨୮ଟି ଗୃହରୁ ୩୭୯୫ଟି, ରରୁଆଁ ବ୍ଲକରେ ୬୪୫୯ଟି ଗୃହରୁ ୩୯୧୧ଟି, ଶୁକ୍ଳି ବ୍ଲକରେ ୪୦୭୮ଟି ଗୃହରୁ ୨୮୫୬ଟି, ଠାକୁରମୁଣ୍ଡା ବ୍ଲକରେ ୬୬୬୧ଟି ଗୃହରୁ ୪୦୨୯ଟି ଓ ତିରିଂ ବ୍ଲକରେ ୧୮୪୮ଟି ଗୃହରୁ ୧୪୯୪ଟି ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ସେହିପରି ପିଏମ୍ ଜନମନ ଯୋଜନାରେ ବିଶୋଇ ବ୍ଲକରେ ୯୩ଟି ଗୃହରୁ ୨୨ଟି, ଯଶିପୁର ବ୍ଲକରେ ୩୪୫ଟି ଗୃହରୁ ୧୧୪ଟି, କରଞ୍ଜିଆ ବ୍ଲକରେ ୧୩୯ଟି ଗୃହରୁ ୬୫ଟି, କୁସୁମୀ ବ୍ଲକରେ ୬୪ଟି ଗୃହରୁ ୨୩ଟି, ରାଇରଙ୍ଗପୁର ବ୍ଲକରେ ୮୯ଟି ଗୃହରୁ ୬୦ଟି ଓ ଠାକୁରମୁଣ୍ଡା ବ୍ଲକରେ ୪୬ଟି ଗୃହରୁ ୩ଟି ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ରାଜ୍ୟର ବୃହତ୍ତମ ଜିଲ୍ଲାରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ଅଟନ୍ତି। ସାନ୍ତାଳୀ, କୋହ୍ଲ, ଭୂମିଜ, ବାଥୁଡ଼ି ଆଦି ସମ୍ପ୍ରଦାୟ ସମେତ ଆଦିମ ଜନଜାତି ଲୋଧା, ଖଡ଼ିଆ ଓ ମାଙ୍କଡ଼ିଆ ଲୋକେ ବସବାସ କରନ୍ତି। ଏମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ଆବାସ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ ପ୍ରକୃତ ହିତାଧିକାରୀ ଏହି ଯୋଜନାର ଲାଭ ଉଠାଇପାରୁ ନାହାନ୍ତି।

**ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବୋନସ୍ ଅପେକ୍ଷାରେ ହିତାଧିକାରୀ**

ଆବାସ ଗୃହ ସଠିକ୍ ସମୟରେ ସମ୍ପୂର୍ଣ୍ଣ କରିଲେ ବୋନସ୍ ରାଶି ମିଳିବାର ଯୋଜନା ରହିଛି। ୧୨୦ ଦିନ ଅର୍ଥାତ୍ ୪ ମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କଲେ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ମିଳିଥାଏ। ୧୮୦ ଦିନ ଅର୍ଥାତ୍ ୬ ମାସରେ ଘର ସମ୍ପୂର୍ଣ୍ଣ କଲେ ୧୦ ହଜାର ଟଙ୍କା ପୁରସ୍କାର ରାଶି ମିଳିଥାଏ। ମାତ୍ର ପୁରସ୍କାର ରାଶି ପାଇବା ଆଶାରେ ଧାରଉର୍ଦ୍ଧ୍ୱାର କରି କିମ୍ବା କରଜ କରି ସଠିକ୍ ସମୟରେ ଘର ସମ୍ପୂର୍ଣ୍ଣ କରି ଏବେ ବର୍ଷ ବର୍ଷ ଧରି ପୁରସ୍କାର ରାଶି ଆଶାରେ ହିତାଧିକାରୀ ରହିଛନ୍ତି। ଦେଢ଼ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଘର ସମ୍ପୂର୍ଣ୍ଣ କରି ମଧ୍ୟ ପୁରସ୍କାର ରାଶି ପାଉନାହାନ୍ତି। ଧାର କରଜ ଟଙ୍କା କିପରି ପରିଶୋଧ କରିବେ ସେନେଇ ହିତାଧିକାରୀ ଚିନ୍ତାରେ ପଡ଼ିଛନ୍ତି। ସରକାରୀ ଉଦାସିନତା ପାଇଁ ଏପର୍ଯ୍ୟନ୍ତ କୌଣସି ହିତାଧିକାରୀ ବୋନସ୍ ଟଙ୍କା ପାଇପାରୁନାହାନ୍ତି। ଉକ୍ତ ସମସ୍ୟା ନେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଛନ୍ତି। ସରକାରୀ ପୋର୍ଟାଲ ଖୋଲିବାରେ କିଛି ସମସ୍ୟା ଥିବା ଯୋଗୁଁ ଏଭଳି ଅସୁବିଧା ଦେଖାଦେଇଛି ବୋଲି ସେ କହିଛନ୍ତି। ତେବେ ଖୁବ୍‌ଶୀଘ୍ର ସମାଧାନ କରି ପୁଣି ଥରେ ବୋନସ୍ ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏବେ ପ୍ରଶ୍ନ ଉଠୁଛି ସତରେ କ'ଣ ପୋର୍ଟାଲ ସମସ୍ୟା ନା ରାଜ୍ୟରେ ସରକାର ବଦଳିବା ପରେ ବୋନସ୍ ରାଶି ପ୍ରଦାନରେ ବିଳମ୍ବ ହେଉଛି। ଆବାସ ଯୋଜନା କେନ୍ଦ୍ର ସରକାରଙ୍କର ହୋଇଥିବାବେଳେ ବୋନସ୍ ରାଶି ଟଙ୍କା ରାଜ୍ୟ ସରକାର ଦେଇଥାନ୍ତି। ତେବେ ଯୋଗ୍ୟ ହିତାଧିକାରୀମାନଙ୍କୁ ତାଙ୍କର ପ୍ରାପ୍ୟ ତୁରନ୍ତ ପ୍ରଦାନ ନିମନ୍ତେ ଦାବି ହୋଇଛି।

## ଆଞ୍ଚଳିକ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା




**କୁଆମରା, ୮।୧୨(ସମିସ):** ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ କଲେଜରେ ଦୁଇ ଦିନ ଧରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ବାଳକ ଓ ବାଳିକା ବିଭାଗରୁ ମୋଟ୍ ୨୦ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷୟିତ୍ରୀ ସୁକାନ୍ତି ବିଶ୍ୱାଳ ଓ ଅଧ୍ୟାପକ ଗଣେଶ ପ୍ରସାଦ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳକୁ ଅଧ୍ୟାପିକା ଇପ୍‌ସିତା ମୋନାଲିସା ମିଶ୍ର, ଅଧ୍ୟାପକ ଉମାକାନ୍ତ ବେହେରା, ଗୋପାଳକୃଷ୍ଣ ନାୟକ, ଅଜୟ ସାହୁ, ଦୀପକ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବାଳକ ବିଭାଗର ଶୀବା ହେମ୍ବ୍ରମ ଓ ବାଳିକା ବିଭାଗର ଶ୍ରାବଣୀ ନାଏକ ଚଳିତ ବର୍ଷ ଚାମ୍ପିଅନ ହୋଇଛନ୍ତି।

## ବାରିପଦାରେ ଆରୋଗ୍ୟ ମିତ୍ର ତାଲିମ ଶିବିର




**ବାରିପଦା, ୮।୧୨(ସମିସ):** ସ୍ଥାନୀୟ ସାଗର ପ୍ୟାଲେସ୍ ସମ୍ମିଳନୀ କକ୍ଷରେ ସୋମବାର ଭାରତ ସରକାରଙ୍କ ଜନସ୍ୱାସ୍ଥ୍ୟ ରକ୍ଷାକାରୀ 'ଆରୋଗ୍ୟ ଭାରତ' ଯୋଜନା ଅନ୍ତର୍ଗତ କାର୍ଯ୍ୟରତ 'ଆରୋଗ୍ୟ ମିତ୍ର'ମାନଙ୍କ ଲାଗି ଉଦ୍ଦିଷ୍ଟ ଏକ ଜିଲ୍ଲାସ୍ତରୀୟ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଭାଗରୁ ଆଗତ ବହୁ ସଂଖ୍ୟକ ଶିବିରାର୍ଥୀ ଅଂଶଗ୍ରହଣ କରିଛନ୍ତି। 'ଜଳବାୟୁ ସୁରକ୍ଷା ପରିଷଦ' ଓ 'ଜଗନ୍ନାଥ ଶିକ୍ଷା ଟ୍ରଷ୍ଟ'ଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ନେତା ଓ ଲେଖକ କବି ବିଷ୍ଣୁ ଶତପଥୀ ମୁଖ୍ୟବକ୍ତା ଏବଂ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ସମ୍ମାନିତ ଅତିଥି ଭାବେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଜଗନ୍ନାଥ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାକୁଡ଼ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜଳବାୟୁ ସୁରକ୍ଷା ପରିଷଦର ଶଶୀଭୂଷଣ ସେଠୀ, ଆରୋଗ୍ୟ ମିତ୍ର ଶିବିର ଅଧିକାରୀ ଉତ୍କଳ ରାଉତ, ସମାଜସେବୀ ରସିକାନନ୍ଦ ମିଶ୍ର ଓ ସୁବ୍ରତ ମୁଖୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।

## ଏମ୍‌ପିସି ସ୍ୱୟଂଶାସିତ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଦକ୍ଷତା ବିକାଶ କାର୍ଯ୍ୟକ୍ରମ



**ବାରିପଦା, ୮।୧୨(ସମିସ):** ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ କଲେଜରେ ଉଦ୍ଭିଦ ବିଜ୍ଞାନ ବିଭାଗ ଓ ରାଜ୍ୟ ସରକାରଙ୍କ ସେଣ୍ଟର ଫର୍ ଏନ୍‌ଭିରନ୍‌ମେଣ୍ଟ ଷ୍ଟଡିଜ୍‌ର ମିଳିତ ସହଭାଗିତାରେ ଔଷଧୀୟ ବୃକ୍ଷରୋପଣ ସମ୍ପର୍କିତ ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ ଅତିଥିମାନଙ୍କ ଦ୍ୱାରା ଏକ ଔଷଧୀୟ ବୃକ୍ଷ ଉଦ୍ୟାନ ଉଦ୍‌ଘାଟିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ପ୍ରଫେସର ବେହେରା କହିଥିଲେ ଯେ, ଭାରତୀୟ ଜ୍ଞାନ ପରମ୍ପରାରେ ଆୟୁର୍ବେଦ ଉପଚାର ଓ ଔଷଧୀୟ ବୃକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଔଷଧୀୟ ବୃକ୍ଷରୋପଣ, ପାଳନ ଓ ବ୍ୟବହାର ବୃଦ୍ଧି ସାମ୍ପ୍ରତିକ ସମୟର ସବୁଠୁ ବଡ଼ ଆବଶ୍ୟକତା। କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ ଏମ୍‌ପିସି କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ର. ହରିହର ଦାସ, କୃଷି ବିଜ୍ଞାନ କେନ୍ଦ୍ର, ଶ୍ୟାମାଖୁଣ୍ଟାର ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକ, ଶ୍ୟାମାଖୁଣ୍ଟା ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସଞ୍ଜୀବ କୁମାର ସିଂ ଯୋଗଦେଇ ଔଷଧୀୟ ବୃକ୍ଷରୋପଣ ଓ ପାଳନ ସମ୍ପର୍କରେ ବିଶଦ୍ ବ୍ୟାଖ୍ୟା କରିଥିଲେ। ପ୍ରାରମ୍ଭରେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅନନ୍ତ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ କାର୍ଯ୍ୟକ୍ରମର ଆବାହକ ଡ. ପ୍ରମୋଦ କୁମାର କର କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଔଷଧୀୟ ବୃକ୍ଷର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। କଲେଜର ଆଇକ୍ୟୁଏସି ସଂଯୋଜକ ଦେବାଶିଷ ଦାସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ ବିଭାଗୀୟ ଅଧ୍ୟାପକ/ଅଧ୍ୟାପିକା ଓ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପିକା ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଔଷଧୀୟ ବୃକ୍ଷ ଉଦ୍ୟାନ ଉଦ୍‌ଘାଟିତ**

## ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ୩ ଦିନିଆ ରାଇରଙ୍ଗପୁର ଗସ୍ତ



**ରାଇରଙ୍ଗପୁର, ୮।୧୨(ସମିସ):** ପଶ୍ଚିମବଙ୍ଗ ରାଜ୍ୟପାଳ ଡ. ସିଭି ଆନନ୍ଦ ବୋଷ ୩ ଦିନିଆ ରାଇରଙ୍ଗପୁର ଗସ୍ତରେ ଆସିଛନ୍ତି। ଗସ୍ତର ପ୍ରଥମ ଦିନରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗ୍ରାମ ପରିଦର୍ଶନ କରିଛନ୍ତି। କୋଲକାତାରୁ ବାହାରି ଝାଡ଼ଖଣ୍ଡର ଟାଟାନଗର ହୋଇ ସୋମବାର ପୂର୍ବାହ୍ନରେ ରାଇରଙ୍ଗପୁରରେ ଆସି ପହଞ୍ଚିଥିଲେ। ରାଜ୍ୟପାଳ ଡ. ବୋଷ ରାଇରଙ୍ଗପୁରସ୍ଥିତ ପୂର୍ତ୍ତ ଡାକବଙ୍ଗଳାରେ ପହଞ୍ଚିବା ପରେ ତାଙ୍କୁ ଜିଲ୍ଲାପାଳ ହେମକାନ୍ତ ସୟ ଓ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ ସ୍ୱାଗତ ଜଣାଇଥିଲେ। ଏହାପରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ବ୍ୟକ୍ତିବିଶେଷ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଶଶୁର ଘର ବାଦାମପାହାଡ଼ ବ୍ଲକ ଅନ୍ତର୍ଗତ ପାହାଡ଼ପୁର ଗ୍ରାମ ପରିଦର୍ଶନ କରିଥିଲେ। ତାଙ୍କ ସ୍ୱାମୀ ଓ ପୁତ୍ର ସ୍ମୃତିରେ କରିଥିବା ଏସ୍‌ଏଲ୍‌ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଏସ୍‌ଏଲ୍‌ଏସ୍ ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ କୁନିକୁନି ପିଲାଙ୍କ ସହ କଥା ହୋଇଥିଲେ। ଏହାସହିତ ପାହାଡ଼ପୁରସ୍ଥିତ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରି କିପରି କାର୍ଯ୍ୟ କରୁଛି ଆଲୋଚନା କରିଥିଲେ। ସେ ଗସ୍ତ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଦିବାସୀ ବହୁଳ ଗ୍ରାମରେ କିପରି ଜୀବନ କଟିଥିଲା ସେନେଇ ସ୍ମୃତି ସାଉଁଟିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଆଦିବାସୀ ଗ୍ରାମଗୁଡ଼ିକ ସଂସ୍କୃତି, ପରମ୍ପରା, ଲୋକକଳା ଆଦି ବାବଦରେ ତଥ୍ୟ ସଂଗ୍ରହ କରିଥିଲେ। ଲୋକଙ୍କ ସହ ମିଶି ଖୁସି ପ୍ରକାଶ କରିଛନ୍ତି। ଏହାପରେ ବାଦାମ ପାହାଡ଼ସ୍ଥିତ ବନ ଦୁର୍ଗା ମନ୍ଦିରରେ ପୂଜା କରି ଆଶିଷ କାମନା କରିଛନ୍ତି। ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା ଓ ବିଜେପିର କିଛି ବରିଷ୍ଠ ନେତା ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ସେ ସ୍ଥାନୀୟ ଛଉ ନୃତ୍ୟ ଓ ସଂସ୍କୃତି ସମ୍ପନ୍ନ ଲୋକଙ୍କ ସହ ମିଶି ଆଲୋଚନା କରିବେ। ଏହାସହିତ ରାଷ୍ଟ୍ରପତି ପାଠ ପଢ଼ୁଥିବା ରାଇରଙ୍ଗପୁରସ୍ଥିତ ଶ୍ରୀଅରବିନ୍ଦ ବିଦ୍ୟାଳୟ ଏବଂ ସ୍ୱଚ୍ଛ ଗ୍ରାମ ଭାବେ ଦେଶରେ ପରିଚୟ ଲାଭ କରିଥିବା ବୋବେଇଯୋଡ଼ା ଗ୍ରାମ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ବୁଧବାର ପଶ୍ଚିମବଙ୍ଗକୁ ପ୍ରତ୍ୟାବର୍ତ୍ତନ କରିବେ। ସୋମବାରଠାରୁ ବୁଧବାର ପର୍ଯ୍ୟନ୍ତ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ପେନ୍‌ସନ୍ ନ ମିଳିବାରୁ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ବାରିପଦା, ୮।୧୨(ସମିସ): ଅବସର ପରେ ନିଜର ସମ୍ପୂର୍ଣ୍ଣ ପେନ୍‌ସନ୍ ପାଇବାରୁ ବଞ୍ଚିତ ଜଣେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସୋମବାର ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ପାଇଁ ଧାରଣାରେ ବସିଛନ୍ତି। ସ୍ୱାସ୍ଥ୍ୟକର୍ମୀ ଜଣକ ହେଲେ ସୁଭାଷ ଚନ୍ଦ୍ର ମହାନ୍ତ। ତାଙ୍କ ଧାରଣାକୁ ସମର୍ଥନ ଜଣାଇ ତାଙ୍କର ସହଯୋଗୀ ତଥା ଓଏମ୍‌ପିଏଚ୍‌ଏସ୍(ଏମ୍) ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦ୍ର ମୋହନ ରାଉତ, ସଭାପତି ଅମରେଶ ଚନ୍ଦ୍ର ପୁହାଣ, ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଓ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପତି ଉପସ୍ଥିତ ରହିଥିଲେ। ସିଡିଏମ୍‌ଓ ଡା. କିଶୋର ଆଚାର୍ଯ୍ୟ ଧାରଣାସ୍ଥଳରେ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ। ଏକ ସପ୍ତାହ ମଧ୍ୟରେ ତାଙ୍କର ସମସ୍ୟାକୁ ସମାଧାନ କରିବେ ବୋଲି ଆବଶ୍ୟକ କାଗଜପତ୍ର ନେଇ ସମାଧାନର ପ୍ରତିଶ୍ରୁତି ଦେବାରୁ ଶ୍ରୀ ମହାନ୍ତ ଅନଶନରୁ ଓହରିଛନ୍ତି।

## ୩୦୦ ଲୋକଙ୍କୁ କମ୍ବଳ ବାଣ୍ଟିଲେ ଯୁବନେତା

**ରାସଗୋବିନ୍ଦପୁର, ୮।୧୨(ସମିସ):** ରାସଗୋବିନ୍ଦପୁର ବ୍ଲକର ବିଜୁ ଜନତା ଦଳର ଯୁବନେତା ତଥା ସମାଜସେବୀ ଉତ୍ତମ ମହାନ୍ତିଙ୍କ ନେତୃତ୍ୱରେ ୩୦୦ରୁ ଅଧିକ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଶ୍ରୀ ମହାନ୍ତି ଗରିବ, ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରିଛନ୍ତି। ରବିବାର ସନ୍ଧ୍ୟାରେ ଉକ୍ତ ବ୍ଲକ ଅଧୀନ ପାରୁଳିଆ ଗ୍ରାମର ୨୩୦ ଏବଂ ସୋମବାର ମଡ଼ମଡ଼ି ଗ୍ରାମର ୮୦ ଜଣ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ବଣ୍ଟନ ସମୟରେ ଉତ୍ତମଙ୍କ ସହିତ ସାରୁମୂଳା ସରପଞ୍ଚ ମନୋରଞ୍ଜନ ସିଂ, ସମିତିସଭ୍ୟା ମମତା ମହାନ୍ତି, ୪୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଶ୍ୟାମସୁନ୍ଦର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।



## ଟ୍ରେଲର ଧକ୍କାରେ ବାଇକ୍ ଚାଳକ ଗୁରୁତର

**ବେତନଟୀ, ୮।୧୨(ସମିସ):** ବୈଶିଙ୍ଗା ଥାନା ୧୮ ନମ୍ବର ଜାତୀୟ ରାଜପଥର ଖଇରିବଣି ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ରବିବାର ରାତି ୧୦ଟାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଉପକଣ୍ଠ ପଣପଣା ଗ୍ରାମର ମହେଶ୍ୱର ଦାଶଙ୍କ ପୁଅ ଚନ୍ଦନ ଦାଶ ବାଲେଶ୍ୱର କୁରୁଡ଼ାସ୍ଥିତ ବୁଲେଟ୍ ଶୋ'ରୁମ୍‌ରେ କାର୍ଯ୍ୟରତ ଅଛନ୍ତି। କୌଣସି କାମରେ ବାରିପଦା ଯାଇ ନିଜ କାମ ସାରି ବାଇକ୍ ଯୋଗେ ଫେରୁଥିବା ସମୟରେ ଖଇରିବଣି ଆଶ୍ରମ ବିଦ୍ୟାଳୟ ସମ୍ମୁଖରେ ପଛପଟୁ ଆସୁଥିବା ଏକ ଟ୍ରେଲର ଧକ୍କା ଦେଇଥିଲା। ଫଳରେ ଟ୍ରେଲରର ଚକା ତାଙ୍କ ୨ ଗୋଡ଼ ଉପରେ ଚଢ଼ିଯାଇଥିଲା। ଚନ୍ଦନଙ୍କର ଗୋଟିଏ ଗୋଡ଼ ଆଣ୍ଠୁ ତଳକୁ ସମ୍ପୂର୍ଣ୍ଣ ଚାପି ହୋଇଯାଇଥିବା ବେଳେ ଅନ୍ୟ ଗୋଡ଼ର ପାଦ ପାର୍ଶ୍ୱ ସମ୍ପୂର୍ଣ୍ଣ ଚାପି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକ ଖବର ଦେବା ପରେ ଆମ୍ବୁଲାନ୍ସ ଆସି ଗୁରୁତର ଚନ୍ଦନଙ୍କୁ ପୁଲିସ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲା।






### ଖଡ଼ାଖାଇ ନଦୀରୁ ଦିନତମାମ୍ ହେଉଛି ବାଲି ଉତ୍ତୋଳନ

# ଝାଡ଼ଖଣ୍ଡକୁ ଅବାଧ ଚୋରା ଚାଲାଣ

ବହଳଦା, ୮।୧୨(ସମିସ)




ବାଲି ଚୋରା ଚାଲାଣ ଓ ବାଲି ମାଫିଆଙ୍କ ଔଦ୍ଧତ୍ୟ ବର୍ତ୍ତମାନ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ପ୍ରଶାସନିକସ୍ତରରେ ନିଷ୍କ୍ରିୟତା ଫଳରେ ସରକାରଙ୍କ ବିପୁଳ ରାଜସ୍ୱ ହାନୀ ହେବା ସହିତ ପରିବେଶ ଅସନ୍ତୁଳନ ଚିନ୍ତାର ବିଷୟ ପାଲଟିଛି। ବହଳଦା ତହସିଲ୍ ଅନ୍ତର୍ଗତ ଖଡ଼ଖାଇ ନଦୀର ବହଳଦା ବାଲିଘାଟ ଏବଂ ବିପରୀତ ପାର୍ଶ୍ୱରେ ଜାମଦା ତହସିଲ୍ ଅଧୀନରେ ଥିବା ଦୁହୁ ବାଲିଘାଟରୁ ପ୍ରତ୍ୟହ ଦିନ ତମାମ ବେଧଡ଼କ ଶହଶହ ଟ୍ରାକ୍ଟର ବାଲି ଉତ୍ତୋଳନ ହେବା ସହିତ ସ୍ଥାନୀୟ ଅଞ୍ଚଳ ଓ ଝାଡ଼ଖଣ୍ଡ ଅଞ୍ଚଳକୁ ହାଇୱା ଯୋଗେ ଅବାଧରେ ଚାଲାଣ ଚାଲିଛି। ଏନେଇ ବହଳଦା ତହସିଲ୍‌ଦାରଙ୍କ ସହ ଯୋଗାଯୋଗ କରାଯିବାରୁ ବହଳଦା ବାଲିଘାଟ କାହାକୁ ଲିଜ୍ ପ୍ରଦାନ କରାଯାଇ ନ ଥିବା ପ୍ରକାଶ କରିଥିଲେ।

ସେହିପରି ଦୁହୁ ଘାଟରୁ ସରକାରୀ ବାସଗୃହ ନିର୍ମାଣ ଓ ସ୍ଥାନୀୟ ଅଞ୍ଚଳର ନିର୍ମାଣ କାର୍ଯ୍ୟ ପାଇଁ କେବଳ ଟ୍ରାଞ୍ଜିଟ୍ ପାସ୍ (ପରିବହନ ଅନୁମତି) ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ଚୋରାରେ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟକୁ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଚଢ଼ାଦରରେ ବାଲି ବିକ୍ରି ଫଳରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କରୁଥିବା ପରି ସାଧାରଣ ଲୋକେ ଆବଶ୍ୟକତାଠାରୁ ବହୁ ଅଧିକ ମାତ୍ରାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏପଟେ ବହଳଦା, ବାସିଙ୍ଗି ଓ ଗମ୍ଭାରିଆ ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ଦିନରାତି ଚୋରା ଚାଲାଣ କରାଯାଉଛି। କିଛିଦିନ ପୂର୍ବରୁ ବାଲି ମାଫିଆଙ୍କ ଦ୍ୱାରା ଝରାଡିହିର ଜନୈକ ବ୍ୟବସାୟୀଙ୍କୁ ଜନଗହଳିପୂର୍ଣ୍ଣ ବଜାର ମଧ୍ୟରୁ ଅପହରଣ ଉଦ୍ୟମ ଘଟଣା ପରେ ବହଳଦାରୁ ଝରାଡିହି ବାଟରେ ଝାଡ଼ଖଣ୍ଡ ଅଞ୍ଚଳକୁ ବାଲି ଚୋରା ଚାଲାଣ ବନ୍ଦ ଥିବାବେଳେ ବର୍ତ୍ତମାନ ପୁଣିଥରେ ଝରାଡିହି ବାଟ ଦେଇ ରାତି ତମାମ ହାଇୱା ଜରିଆରେ ବାଲି ଚୋରା ଚାଲାଣ ଚାଲିଥିବା ଦେଖିବାକୁ ମିଳିଛି। ଦିନବେଳେ ଝାଡ଼ଖଣ୍ଡରୁ ପଥର ଚିପ୍‌ସ ଆସୁଥିବା ହାଇୱାଗୁଡ଼ିକ ରାତିରେ ଚୋରା ବାଲି ନେଇ ଫେରିଥାନ୍ତି। ଖଣି ବିଭାଗର ନିଷ୍କ୍ରିୟତା ଓ ପୁଲିସ୍ ପ୍ରଶାସନର ଅନୁକମ୍ପା ଫଳରେ ବିନା ଦ୍ୱିଧାରେ ଚାଲିଛି ବାଲି ଚୋରା ଚାଲାଣ। ଚୋରା ଚାଲାଣ ଯୋଗୁଁ ବିପୁଳ ରାଜସ୍ୱ ହାନୀ ଘଟୁଥିବାବେଳେ ମାତ୍ରାଧିକ ବାଲି ଉତ୍ତୋଳନ ଫଳରେ ପରିବେଶ ଅସନ୍ତୁଳନ ହେବା ସହ ସ୍ଥାନୀୟ ଅଞ୍ଚଳରେ ବାଲି ଅଭାବ ଓ ଦରବୃଦ୍ଧି ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏପଟେ ପୁଣି ବାଲି ମାଫିଆଙ୍କ ଗୁଣ୍ଡାଗିରି ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ବାଲି ଚୋରା ଚାଲାଣ ଉପରେ ଅଙ୍କୁଶ ଲଗାଯିବା ସହିତ ସ୍ଥାନୀୟ ଅଞ୍ଚଳରେ ସୁଲଭ ମୂଲ୍ୟରେ ବାଲି ଉପଲବ୍ଧ କରାଯିବା ଦିଗରେ ସରକାର ଓ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ନେଇ ସାଧାରଣରେ ଦାବି ହେଉଛି।

## ବାଲିବୋଝେଇ ଟିପ୍ପର ଜବତ, ଡ୍ରାଇଭର ଗିରଫ

**ଶୁଳିଆପଦା, ୮।୧୨(ସମିସ):** ବାଲି ମାଫିଆମାନେ ତହସିଲ୍‌ଦାରଙ୍କୁ ମାଡ଼ ମାରିବା ଓ ପୁଲିସକୁ ଆକ୍ରମଣ କରିବା ଘଟଣାକୁ ଗୁରୁତ୍ୱର ଭାବେ ନେଇଛି ପ୍ରଶାସନ। ଯାହାକୁ ନେଇ ପୁଲିସ ବିଭିନ୍ନ ବେଆଇନ ଘାଟ ଉପରେ ଚଢ଼ଉ କରୁଛି। ତେବେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ କୋଷ୍ଟା ରାସ୍ତା ହୋଇ ଯାଉଥିବା ଏକ ବେଆଇନ ବାଲି ଟିପ୍ପରକୁ ପୁଲିସ ଜବତ କରିଛି। ଟିପ୍ପର ଡ୍ରାଇଭରକୁ ମଧ୍ୟ ଗିରଫ କରାଯାଇଛି। ଡ୍ରାଇଭର ଜଣକ ହେଉଛନ୍ତି ଉକ୍ତ ଥାନା ଅନ୍ତର୍ଗତ କୁସମି ଗ୍ରାମର ବିଶ୍ୱନାଥ ମହାକୁଡ଼। ଯାହାକୁ ନେଇ ଶୁଳିଆପଦା ଥାନାରେ ୧୯୦/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ସତ୍ୟନାରାୟଣ ବଳ।

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷର ମୂଳ ତିକ୍ତ, କିନ୍ତୁ ଏହାର ଫଳ ମିଠା।
-ଆରିଷ୍ଟୋଟଲ୍

ସକାଳ
THE SAKALA

## ବିବାଦରେ ପରୀକ୍ଷା ଓ ପ୍ରଶ୍ନପତ୍ର

ରାଜ୍ୟ ସରକାରଙ୍କ ନିଯୁକ୍ତି ପରୀକ୍ଷା ପରିଚାଳନା ଓ ପ୍ରଶ୍ନପତ୍ର ପ୍ରଘଟ ଏତେ ବିବାଦୀୟ ଓ ଦୋଷଯୁକ୍ତ ଯେ ଯେତେ ଯାହା କହିଲେ ବି ତାହା ସୁଧୁରିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡ଼ୁଥିବାର ଲକ୍ଷ୍ୟ କରାଯାଉଛି। ନିକଟରେ ଏଏନଏମ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏକାଧିକ ବାର ଏଭଳି ବିଭ୍ରାଟ ପରିଦୃଷ୍ଟ ହୋଇଥିଲେ ମଧ୍ୟ ସବୁକିଛି ସେହି ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତିରେ ସୀମିତ ରହିଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପରୀକ୍ଷା ଘୁଞ୍ଚାଇ ଦେବା ନିଷ୍ପତ୍ତି ଘୋଷଣା ହେବା ପୂର୍ବରୁ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପାଇ ପରୀକ୍ଷାଖାତାରେ ଉତ୍ତର ଲେଖିବା ଆରମ୍ଭ କରିଦେଇଥିଲେ। ସେମାନଙ୍କୁ ପରୀକ୍ଷାଖାତା ଓ ପ୍ରଶ୍ନପତ୍ର ଫେରାଇ ଦେଇ ଚାଲିଯିବାକୁ କୁହାଯାଇଥିଲା। ପରୀକ୍ଷାର୍ଥୀଙ୍କ ପ୍ରସ୍ତୁତି ଓ ବହୁମୂଲ୍ୟ ସମୟରେ ଅପଚୟ ସ୍ୱାଭାବିକ ଭାବେ ହତାଶା ସୃଷ୍ଟି କରିଛି।

ପରୀକ୍ଷା ପରିଚାଳନାର ଅନ୍ୟ ଏକ ଦିଗ ସାମ୍ନାକୁ ଆସିଛି। ଏଲଟିଆଇ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ହୋଇଥିବା ଯୋଗ୍ୟତା ପରୀକ୍ଷାରେ ଶହେ ନମ୍ବରରୁ ୧ ରଖିଲେ ପାସ ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ଏମାନେ ମୁଖ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ବିଦ୍ୟାଳୟରେ କି ପାଠ ପଢ଼ାଇବେ? ଅନୁସୂଚିତ ଜାତି ଓ ଜନଜାତି ଏବଂ ମହିଳାଙ୍କ ସକାଶେ ସ୍ୱତନ୍ତ୍ର ସୁବିଧା ସୃଷ୍ଟି କରିବାରେ କାହାର ଆପତ୍ତି ନାହିଁ। କିନ୍ତୁ ଏକ ବେଞ୍ଚମାର୍କ ନିର୍ଦ୍ଧାରଣ କରି ତାହାକୁ ଅତିକ୍ରମ କରିପାରୁଥିବା ପରୀକ୍ଷାର୍ଥଙ୍କୁ ବର୍ଗ ବିଶେଷରେ ଚୟନ କରିବାରେ କିଛି ଅସୁବିଧା ନଥିଲା। ଯେଉଁ ଉଦ୍ଦେଶ୍ୟରେ ଏମାନଙ୍କୁ ନିଯୁକ୍ତି ଦିଆଯିବ ତାହା ଯେ ଚରିତାର୍ଥ ହେବ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ହାସଲ ଦିଗରେ କର୍ତ୍ତୃପକ୍ଷ ବର୍ଗବିଶେଷରେ କଟଅଫ ମାର୍କ ୧, ୨.୫, ୨.୭୫, ୩,୨୩.୫ ଓ ୨୯ ରଖିଛନ୍ତି। ଏଭଳି ଏକ ଅର୍ଥହୀନ ପରୀକ୍ଷା କରିବା ଅପେକ୍ଷା ସମସ୍ତଙ୍କୁ ମୁଖ୍ୟ ପରୀକ୍ଷା ଦେବାକୁ ସୁଯୋଗ ଦେଇଥିଲେ ଅସୁବିଧା ହୋଇନଥା'ନ୍ତା। ଏଠାରେ ଉଲ୍ଲେଖଯୋଗ୍ୟ କି ଦୁଇମାସ ତଳେ ନିୟମ ଉଲ୍ଲଙ୍ଘନ କରି ୭୧୧ ହିନ୍ଦୀ ଶିକ୍ଷକଙ୍କୁ ଦିଆଯାଇଥିବା ନିଯୁକ୍ତିକୁ ହାଇକୋର୍ଟ ରଦ୍ଦ କରିଥିଲେ। ଆମେ ଆଶା କରିବା ଅନ୍ତତଃ ଏହି ଯେଉଁ ପ୍ରକ୍ରିୟା ଚାଲିଛି ତାହା ପୁଣି ଥରେ ବାତିଲ ନହେଉ। ତାହାପୂର୍ବରୁ କର୍ତ୍ତୃପକ୍ଷ ବ୍ୟବସ୍ଥାରେ ଅନ୍ତତଃ ସଂଶୋଧନ ଆଣିବା ଉଚିତ।

ବିହାର, ଉତ୍ତର ପ୍ରଦେଶ ଭଳି ଆମ ରାଜ୍ୟରେ ପ୍ରଶ୍ନପତ୍ର ପ୍ରଘଟ ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ଏଦିଗରେ ସରକାର କେତେଦୂର ସଚେତନ ଅଛନ୍ତି ତାହା ଆମେ ଜାଣୁନା। ତେବେ ଘଟଣାର ପୁନରାବୃତ୍ତି କେବଳ ପରୀକ୍ଷାର୍ଥୀ ନୁହନ୍ତି, ଅଭିଭାବକ ମହଲରେ ସରକାରଙ୍କ ନିଷ୍ଠା ଓ ଆନ୍ତରିକତା ପ୍ରତି ସନ୍ଦେହ ସୃଷ୍ଟି କରିଛି। ଅବଶ୍ୟ ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି ଆଉ ପ୍ରଶ୍ନପତ୍ର ପ୍ରଘଟ ହେବନି, ସରକାରୀ ବ୍ୟବସ୍ଥାରେ କୌଣସି ରାଜନୈତିକ ହସ୍ତକ୍ଷେପ ହେବନି। ତାଙ୍କର ଏହି ବକ୍ତବ୍ୟରୁ ପ୍ରମାଣିତ ହେଉଛି ଯେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ଏପର୍ଯ୍ୟନ୍ତ ରାଜନୈତିକ ହସ୍ତକ୍ଷେପ ଚାଲିଛି। ଏମିତିରେ ବ୍ୟବସ୍ଥା ସୁଧୁରି ଗଲେ ତ ଭଲ କଥା।

## କାହା ପାଇଁ ସୁଧହ୍ରାସ

ଖୁଚୁରା ମୁଦ୍ରାସ୍ଫୀତି ହାର ଗତ ଅକ୍ଟୋବର ମାସରେ ୦.୨୫ ପ୍ରତିଶତରେ ପହଞ୍ଚିଛି। ଆମ ଅର୍ଥନୈତିକ ବ୍ୟବସ୍ଥାରେ ବଜାର ପରିସ୍ଥିତିର ଆକଳନ ସାଧାରଣତଃ ଚାହିଦା ଓ ଯୋଗଣ ସ୍ଥିତିରୁ ସ୍ଥିରୀକୃତ ହୋଇଥାଏ। କିନ୍ତୁ ଯୋଗାଣ ତୁଳନାରେ ଚାହିଦା ହ୍ରାସ ପାଇଲେ ଦରଦାମ କମିବା ସ୍ୱାଭାବିକ। ଆମର ଏମିତି କ'ଣ ଉତ୍ପାଦନ ବଢ଼ିଗଲା ଯେ ତାହା ଚାହିଦା ତୁଳନାରେ ବଳକା ହେଉଛି? ଅସଲ କଥା ହେଉଛି ବଜାରରେ ଉପଲବ୍ଧ ସାମଗ୍ରୀ କିଣିବା ପାଇଁ ଆମର କ୍ରୟ ସାମର୍ଥ୍ୟ ଅପେକ୍ଷାକୃତ କମ। ରିଜର୍ଭବ୍ୟାଙ୍କ ମୁଦ୍ରାନୀତି ନିର୍ଦ୍ଧାରକମାନେ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମୁଦ୍ରା ପ୍ରଚଳନକୁ କ୍ରମାଗତ ଭାବେ ସଂକୋଚନମୁକ୍ତ କରି ଚାଲିଛନ୍ତି। କାରଣ ଭାରତ ଭଳି ବିଶାଳ ବଜାରର କାରବାର ଉପରେ ଦେଶର ଅର୍ଥନୈତିକ ସମୃଦ୍ଧି ନିର୍ଭରଶୀଳ। ଯେହେତୁ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ ପାଇଁ କୌଣସି ବିଦେଶୀ ସଂସ୍ଥା ଆମ ଉପରେ ଭରସା କରିପାରୁନାହାନ୍ତି ତେଣୁ ଦେଶୀ ମହାଜନ ଓ ଖରିଦଦାର ଉପରେ ସରକାର ନିର୍ଭର କରିବାର ବାଧ୍ୟବାଧକତା ଉପୁଜିଛି। ବିଶ୍ୱର ଚତୁର୍ଥ ଅର୍ଥନୀତି ଭାରତର ଜିଡିପି ଅଭିବୃଦ୍ଧି ହାର ୮.୨ ପ୍ରତିଶତ ହୋଇଥିଲେ ମଧ୍ୟ ଆମ ମହାଜନଙ୍କ ଦୌରାତ୍ମ୍ୟରେ ବିଦେଶୀ ବଣିକ ଛାନିଆରେ ମୁହଁ ଫେରାଉଛନ୍ତି। ଏହା ହେଉଛି ଭାରତୀୟ ଅର୍ଥନୀତିର ବାସ୍ତବ ଚିତ୍ର।

ଗତ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ ୪ଟି ଦଫାରେ ୧.୨୫ ବେସିସ୍ ପଏଣ୍ଟ ରିପୋରେଟ ହ୍ରାସ କରିଛନ୍ତି। ଏହାଫଳରେ ଦେଶରେ ମୁଦ୍ରା ପ୍ରଚଳନ ସଂପ୍ରସାରିତ ହୋଇଚାଲିଛି। ହେଲେ ତାହାର ଅନୁକୂଳ ପ୍ରଭାବ କ'ଣ ପଡ଼ିଛି? ମୁଦ୍ରାସ୍ଫୀତି ବା ଦରଦାମ କ୍ରମାଗତ ଭାବେ ହ୍ରାସ ପାଇଛି। ବଜାରରେ ଲୋକଙ୍କ ଯେଉଁ ଅନୁପାତରେ ଚାହିଦା ବୃଦ୍ଧି ପାଇବା କଥା ତାହା ଅନୁଭୂତ ହେଉନି। ଏଭଳି ପରିସ୍ଥିତିରେ ଦେଶର ସାମଗ୍ରିକ ଅଭିବୃଦ୍ଧି ହାର ପୂର୍ବ ଆକଳନକୁ ଅତିକ୍ରମ କରି ୮.୨ ପ୍ରତିଶତ ହେଲା କିପରି? ଏହି ଯୁକ୍ତିର ଯଥାର୍ଥତା ଥିଲେ ମଧ୍ୟ ଦେଶକୁ ଯଦି 'ଇଣ୍ଡିଆ' ଓ 'ଭାରତ' ଦୁଇବର୍ଗରେ ବିଭକ୍ତ କରାଯାଏ ତେବେ 'ଭାରତ'ର ଗତିଶୀଳତା ଏବେ ମଧ୍ୟ ଶିଥିଳ। ଅନ୍ୟପକ୍ଷରେ 'ଇଣ୍ଡିଆ' ଦୌଡ଼ୁଛି ଏବଂ ଦେଶର ଅଭିବୃଦ୍ଧି ହାର ବଢ଼ିଚାଲିଛି। ଆମେ ଯେଉଁ ବିକଶିତ ଭାରତରେ ସୁଖ ସ୍ୱପ୍ନ ଦେଖୁଛେ ଓ ଲୋକଙ୍କୁ ଦେଖାଉଛେ ଏହି ପ୍ରଗତି ଧାରା ତାହାର ପରିପନ୍ଥୀ।

ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଗତ ମୁଦ୍ରାନୀତି ନିର୍ଦ୍ଧାରଣ କମିଟି ବୈଠକ ପରେ ୦.୨୫ ପ୍ରତିଶତ ରିପୋରେଟ ହ୍ରାସ ଘୋଷଣା କଲା ବେଳେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ଦୁର୍ବଳ ସ୍ଥିତି ସଂପର୍କରେ କୌଣସି ମତାମତ ନଦେବା ବିସ୍ମୟକର। ଅଥଚ ରିଜର୍ଭବ୍ୟାଙ୍କ ଡଲାର କ୍ରୟ କରି ଭାରତୀୟ ମୁଦ୍ରାକୁ ସବଳ କରିବା ସକାଶେ ପାରୁପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଛନ୍ତି। ରିପୋରେଟ ୪ଟି କିସ୍ତିରେ ହ୍ରାସ ପାଇ ୫.୨୫ ପ୍ରତିଶତରେ ପହଞ୍ଚିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଛି ବ୍ୟାଙ୍କ କାରବାର ଉପରେ। ଦେଶର ବାଣିଜ୍ୟକୁ ନେଇ ଉପୁଜିଥିବା ପ୍ରତିକୂଳ ପରିସ୍ଥିତିରେ ରପ୍ତାନିଯୋଗ୍ୟ ଉତ୍ପାଦନ ବୃଦ୍ଧି ପାଇଁ ଏହି କୋହଳ ସୁଧହାରର ସଠିକ ଉପଯୋଗ ହୋଇପାରିଛି କି? ଏହାର ଉତ୍ତର ହେଉଛି ଭାରତ ପାଇଁ ବ୍ୟାଙ୍କରେ ରହିଛି ନାନା କଟକଣା। କିଏ ଯୁଝିବ, କିଏ ଉପରକୁ ଉଠିବ?

# ଆମ ସମୟର କିଛି କଥା, କିଛି ବ୍ୟଥା

ଆରାଧନା ଦାଶ

ଏବେ ଆମ ଦେଶର ଜନସଂଖ୍ୟା ବୃଦ୍ଧି ସହିତ ଲୋକମାନଙ୍କର ଜୀବନଯାପନ ଶୈଳୀ ମଧ୍ୟ ବଦଳୁଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ମଣିଷ ଜୀବନକୁ ଅଧିକ ସହଜ ଓ ଆରାମଦାୟକ କରିଛି। ହାତ ପାଆନ୍ତାରେ ମିଳୁଛି ସୁଖ ସ୍ୱାଚ୍ଛନ୍ଦର ସବୁ ସାମଗ୍ରୀ। ମାତ୍ର ଆମ ମାନଙ୍କର ଅସାବଧାନତା ଯୋଗୁଁ ଅନେକ ବର୍ଷର ପରମ୍ପରା ଓ ସଂସ୍କୃତିର ଅବକ୍ଷୟ ହୋଇଚାଲିଛି। ମଣିଷ ପୁରୁଣା ସଂସ୍କୃତିର ଗଳାଚିପି ପାଶ୍ଚାତ୍ ସଂସ୍କୃତିକୁ ବେଶୀ ଆପଣେଇ ନେଇଛି। ଏପରି ଏକ ପରିସ୍ଥିତିର ଗମ୍ଭୀରତା ସଂପର୍କରେ ଜାଣି ମଧ୍ୟ ଆମେ ସମସ୍ତେ ଚୁପ୍ ରହିଛେ।

ସମୟର ସ୍ରୋତରେ ଆମେ ସମସ୍ତେ ଆଗକୁ ଆଗକୁ ଆଗେଇ ଚାଲିଛୁ। ପ୍ରତ୍ୟେକ ମଣିଷ ଜୀବନ ସଂଗ୍ରାମ ପାଇଁ ସଂଘର୍ଷରତ। କିନ୍ତୁ ଏହାର ଶେଷ କେଉଁଠି? ଆମେ ସମସ୍ତେ ନଦୀ କୂଳରେ ଠିଆ ହୋଇ ପାଣି ପାଣି ହେଉଛୁ। ହେଲେ ଶୋଷ ମେଣ୍ଟୁଛି କେଉଁଠି? ଆମେ ସମସ୍ତ ବୃଦ୍ଧିଜୀବୀ ସଭା ସମିତିରେ ନିଜ ଭାଷା ପାଇଁ ଭାଷଣ ଦେଉଛୁ, ସଂସ୍କୃତିର ସୁରକ୍ଷା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛୁ। କିନ୍ତୁ ଏଥିରେ କ'ଣ ସଂସ୍କୃତିର ସୁରକ୍ଷା ହୋଇପାରୁଛି? ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର ଏବେ ମଧ୍ୟ ଅପେକ୍ଷା କରିଛି କେବେ ତା'ଦେଶର ଜନତା ସଚେତନ ହେବେ! କେବେ ତାଙ୍କର ନିଦ ଭାଙ୍ଗିବ! ଆଉ କେବେ ଫେରିବ ନବ ଜାଗରଣ! ହେଲେ କଳ୍ପନାଠାରୁ ବାସ୍ତବିକତା ଯେ ଅନେକ ଦୂର ଆଉ ଏକଥା ବୁଝିବାକୁ ଡେରି ନାହିଁ।

ଯୁଗର ପରିବର୍ତ୍ତନ ହୋଇଛି ସତ; କିନ୍ତୁ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସୁନାହିଁ। ଆମେ ସମସ୍ତେ ଆଜି ଆତ୍ମକୈନ୍ଦ୍ରିକ ହୋଇପଡ଼ିଛୁ। କ୍ଷଣିକ ମୋହର ବଶବର୍ତ୍ତୀ ହୋଇ ଯେକୌଣସି ହୀନ କାମ କରିବାକୁ ପଛାଉନାହୁଁ। ଏବେ ତ ଦେଖାଯାଉଛି ରାଜକୋଷରୁ କେତେ ଧନ ବାଣ୍ଟିଲେ ଭୋଟ ହାତେଇବାକୁ ସୁବିଧା ହେବ ସେ ନେଇ ନେତାମାନେ ବ୍ୟସ୍ତ। କିଛି ଅସୁବିଧା ନ ଥିଲେ ମଧ୍ୟ ଛତର (ରିଲିଫ୍) ଖାଇବା ପାଇଁ ଆମେ ରାଜରାସ୍ତା ଉପରେ ବସିବାକୁ କୁଣ୍ଠାବୋଧ କରୁନାହୁଁ। ଦରିଦ୍ରନାରାୟଣଙ୍କ ସେବା କରିବା ତ ଦୂରର କଥା କେଉଁବାଟେ ସେମାନେ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ ହେବେ ସେହି କାର୍ଯ୍ୟ କରିବା ପାଇଁ ଆମେ ସଦାତପ୍ର। ସବୁଠାରୁ ଦୁଃଖର କଥା ଆମ ଦେଶର ଲୋକମାନେ ଯେତେ ସୁଖରେ ଥିଲେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ନାମ ରଖିବାକୁ ବିଭିନ୍ନପ୍ରକାର କୌଶଳ ଅବଲମ୍ବନ କରି ସୁଯୋଗ ହାତେଇବାକୁ ଆଗ୍ରହୀ। ଫଳରେ ଏମାନଙ୍କ ସଂଖ୍ୟା ବଢ଼ି ବଢ଼ିଚାଲିଛି।

ପ୍ରତିଦିନ ଖବରକାଗଜର ପୃଷ୍ଠାମଣ୍ଡନ କରେ କିଛି କାପୁରୁଷତାର, ଆଉ କିଛି ବର୍ବରତାର କାହାଣୀ ତ କେତେବେଳେ ଅବକ୍ଷୟ ଓ ଅଧୋଗତିର ବାର୍ତ୍ତା। ଦିନକୁ ଦିନ ବଢ଼ି ଚାଲିଛି ଆତଙ୍କବାଦ ଆଉ ପୁଞ୍ଜିବାଦର ଆଧିପତ୍ୟ। ଧର୍ମ, ପ୍ରେମ ଓ ସାମ୍ପ୍ରଦାୟିକତା ନାମରେ ପ୍ରତିଦିନ ଘଟୁଛି ରକ୍ତାକ୍ତ ଘଟଣା। ଚାରିତ୍ରିକ ଦୁର୍ବଳତା ଓ ଆତ୍ମିକ ଇଚ୍ଛାଶକ୍ତିର ଅଭାବ ଆମକୁ ଭ୍ରଷ୍ଟାଚାର ଆଡ଼କୁ ଟାଣି ନେଉଛି। ଆମେ ଭୁଲିଛୁ ଆମର ନୈତିକ କର୍ତ୍ତବ୍ୟ ଆଉ ଆମର ସମାଜ ତଥା ଦେଶ ପ୍ରତି ଦାୟିତ୍ୱ। ତ୍ୟାଗ ଓ ମଣିଷପଣିଆ ସତେଯେମିତି ଆମଠାରୁ ବହୁଦୂରକୁ ଚାଲି ଯାଇଛି। ଏସବୁ ପାଇଁ ଆମେ ସମସ୍ତେ ନିଜ ନିଜକୁ ଦାୟୀ କରିବା ଉଚିତ୍।

ଉପଯୁକ୍ତ ସମାଜଟିଏ ଗଠନ କରିବା ପୂର୍ବରୁ ଉତ୍କୃଷ୍ଟ ଭାଷା, ଉଚ୍ଚ ଚିନ୍ତାଧାରା, ନିଃସ୍ୱାର୍ଥପରତା ଓ ସୁସ୍ଥ ମାନସିକତା ରହିବା ନିତାନ୍ତ ଆବଶ୍ୟକ। କିନ୍ତୁ ଆଜି ତାହା ସମ୍ଭବ ହୋଇ ପାରୁନାହିଁ। କାରଣ ମଣିଷ ଆଜି ତା' ନିଜ ଭାଷାକୁ ଆପଣେଇ ପାରୁନାହିଁ କି ନିଜ ମାତୃଭୂମିକୁ ଶ୍ରଦ୍ଧା ମଧ୍ୟ କରି ପାରୁନାହିଁ। ଏପରିସ୍ଥଳେ ଗୋଟିଏ ସୁସ୍ଥ ସମାଜର ପରିକଳ୍ପନା କ'ଣ ସମ୍ଭବ? ଗୋଟିଏ ଭଲ ସମାଜ ଗଠନ ପାଇଁ କିଛି ଭଲ ନାଗରିକଙ୍କର ଆବଶ୍ୟକତା ରହିଛି। ଏବେ ଦେଖା ଦେଉଛି ପ୍ରତ୍ୟେକ ପରିବାରରେ ସ୍ନେହ ପ୍ରେମର ଅଭାବ। ଆମେ ସମସ୍ତେ ବସ୍ତୁବାଦୀ ହୋଇପଡୁଛୁ ଏବଂ କିଛି ବସ୍ତୁକୁ ଆଖି ଆଗରେ ରଖି ଆମେ ସମସ୍ତେ ସେହି ଲକ୍ଷ୍ୟରେ ଧାଉଁଛୁ। ତେଣୁ ଆଦର୍ଶ ଓ ସତ୍‌ପଥର ପ୍ରତିକୂଳରେ ଆମେ ପ୍ରବାହିତ ହୋଇ ଚାଲିଛୁ।

ଯୌଥ ପରିବାର ଅଭାବ ଗୋଟିଏ ଶିଶୁର ଅନ୍ୟକୁ ଭଲ ପାଇବା ଏବଂ ସମାଜ ପାଇଁ କିଛି କରିବାର ମନୋବୃତ୍ତି କ୍ରମଶଃ କମି ଯାଉଛି। ପିଲାଦିନରୁ ଆଜିର ଶିଶୁ ଏକ ଯନ୍ତ୍ର ପରି ବଢ଼ୁଛି। ତା'ର ନୈତିକ କର୍ତ୍ତବ୍ୟ କ'ଣ ସେ ଜାଣିପାରୁ ନାହିଁ। ତା'ର ପରିବାର, ପଡ଼ୋଶୀ, ଗାଁ, ସର୍ବୋପରି ସମାଜ ପ୍ରତି ଯେ ତା'ର କିଛି କର୍ତ୍ତବ୍ୟ ରହିଛି ସେ ତାହା ଜାଣିପାରୁନି। ଯେଉଁ ପିଲା ନିଜର ବାପା ମାଆ ତଥା ପଡ଼ୋଶୀଙ୍କର ଦୁଃଖରେ ସାମିଲ୍ ହୋଇନାହିଁ ସେ ସମାଜ ପ୍ରତିଥିବା ତା'ର କର୍ତ୍ତବ୍ୟକୁ କିପରି ବା ବୁଝି ପାରିବ? ପିଲାବେଳୁ ସେମାନଙ୍କ ମୁଣ୍ଡରେ ପାଠପଢ଼ା ଓ ପରୀକ୍ଷା ଚିନ୍ତା ଛଡ଼ା ଅନ୍ୟ କୌଣସି ଭାବନା ପଶିବାକୁ ଦିଆଯାଉନାହିଁ। ସେମାନଙ୍କ ପାଇଁ ଜୀବନଟା କେତେଗୁଡ଼ିଏ ପରୀକ୍ଷାର ସମାହାର ପାଲଟି ଯାଇଛି। ତାଙ୍କର ଶୈଶବ ଆଜି ଅପହୃତ। ଶୈଶବର ଚପଳତା, ଶିଶୁର ଦରୋଟି ହସଠାରୁ ସେମାନେ ବହୁଦୂରରେ। ସେ ଦେଖୁଛି ତା' ଚାରି ପାଖର ସମସ୍ତ ବ୍ୟକ୍ତି ବସ୍ତୁବାଦୀ ହୋଇ ମାୟା ମରୀଚିକା ପଛରେ ଧାଇଁଛନ୍ତି। ସେ ଅବା ସେଥିରୁ ବାଦ୍ ପଡ଼ନ୍ତା କିପରି? ନିଜର ସଂସ୍କାର ଓ ସଂସ୍କୃତି ବିଷୟରେ ଭାବିବାକୁ ତା'ର ବେଳ ବା କାହିଁ?

ଏପରି ଅବସ୍ଥାରେ ଭାରତୀୟ ପରମ୍ପରା ଓ ଉତ୍କଳୀୟ ସଂସ୍କୃତି ଆଜି ଧୀରେ ଧୀରେ ତା'ର ସତ୍ତା ହରାଉଛି। ସମସ୍ତେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣେଇବାରେ ବ୍ୟସ୍ତ। ଯେଉଁ ଦେଶ ତା'ର ମହାନ ସଂସ୍କୃତି ପାଇଁ ବିଶ୍ୱ ଦରବାରରେ ପରିଚିତ ଥିଲା, ତା'ର ସାଂସ୍କୃତିକ ଅବକ୍ଷୟରେ ମଧ୍ୟ ତା'ର ଅତୀତ ଗୌରବକୁ ନିଶ୍ଚୟ ହରାଇ ବସିବ। ଆଜି ଦେଶରେ କୋଣ ଅନୁକୋଣରେ ସହରୀ ସଭ୍ୟତା ମୁଣ୍ଡଟେକିଛି। ଏହି ସଭ୍ୟତାର ରସାସ୍ୱାଦନରେ ଆମେ ସମସ୍ତ ବିଭୋର। ସମସ୍ତେ ଗାଁ କୁ ଛାଡ଼ି ଆଜି ସହରାଭିମୁଖୀ। ସହରର ଚାକଚକ୍ୟ, କୋଠାବାଡ଼ି, ଗାଡ଼ିମଟର ସବୁ ଆମର ଅତିପ୍ରିୟ ହୋଇପଡ଼ିଛି। ଗାଁ ତୋଟାମାଳ ନଦୀକୂଳ ସବୁ ଆଜି ଖାଁ ଖାଁ। ଗାଁମାନଙ୍କର ଥିବା ଭାଗବତ ଟୁଙ୍ଗି ଆଜି ଶ୍ରୀହୀନ। ଗାଁକୁ ରଜ ଆସିଲେ ଜଣାପଡୁନି। ପାନଭଙ୍ଗା, ପିଠାପଣା, ବାଗୁଡ଼ିଖେଳ ଓ ଦୋଳିଖେଳ ସବୁ ଆଜି ସ୍ୱପ୍ନ ପାଲଟିଛି। ହୋଲି, ଦୀପାବଳି ଭଳି ବିଭିନ୍ନ ପର୍ବପର୍ବାଣିରେ କୋଳାହଳରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ଶୂନଶାନ୍। ଘର ଅଗଣାରେ ଚଉଁରା ଅଛି, ହେଲେ ମୁରୁଜ ଆଉ ଝୋଟି, କାର୍ତ୍ତିକ ମାସରେ ନାମ ସଂକୀର୍ତ୍ତନରେ ଫାଟି ପଡୁଥିବା ଗାଁ ଦାଣ୍ଡ ଆଜି ନିରବ ହୋଇପଡ଼ିଛି। ସବୁକିଛି ତା'ର ପୂର୍ବ ମହିମା ହରେଇ ବସିଛି। ପିଲାର ଜନ୍ମଦିନରେ ଆଉ କେହି ମେଳା ପୂଜାଟିଏ କରୁନାହିଁ, ବରଂ ପାଶ୍ଚାତ୍ୟଦେଶର କେକ୍ କଟା ଆଉ ମହମବତୀ ଜଳା ଏବେ ଘରେ ଘରେ ପ୍ରଚଳିତ। ପୂଜାପାର୍ବଣରେ ଅଶ୍ଳୀଳ ନାଚ ଆଉ ଗୀତରେ ଫାଟି ପଡୁଛି ପରିବେଶ, ତାହା ପୁଣି ଗୁରୁଜନମାନଙ୍କ ଆଗରେ। ଏସବୁ ଦେଖି ଆମେ ମଧ୍ୟ କେବେ ପ୍ରତିବାଦ କରିନୁ। ଏ ସବୁ ଆମ ସଂସ୍କୃତିର ଅବକ୍ଷୟର ଗୋଟିଏ ଗୋଟିଏ ନିଚ୍ଛକ ନମୁନା। ଆମ ସଂସ୍କୃତିକୁ ଭଲ ପାଇବାର ଅଭାବ ହିଁ ଆଜି ଆମ ବିପନ୍ନତାର କାରଣ।

ବସ୍ତୁବାଦୀ ଦୁନିଆ ପଛରେ ଦୌଡ଼ି ଦୌଡ଼ି ଆମେ ଯେତେ ହିନସ୍ତା ହେଲୁଣି ତାହା ଆମେ ସମସ୍ତେ ଜାଣିଛୁ। ଆମର ସୁଦୃଢ଼ ପାରିବାରିକ ଭିତ୍ତିଭୂମି, ସୁସ୍ଥ ସମାଜ ବ୍ୟବସ୍ଥା ଆଜି ଧ୍ୱଂସାଭିମୁଖୀ। ବୁଦ୍ଧିଜୀବୀମାନେ ନିର୍ବିକାର। ସରକାର ନିର୍ଲିପ୍ତ, ଦେଶବାସୀ ସୁପ୍ତ। ଆମେ ସମସ୍ତେ ମାୟା ସଂସାରରେ ପାର୍ଥିବ ବସ୍ତୁ ପ୍ରତି ଅଧିକ ମୋହଗ୍ରସ୍ତ। ଲୋଭର ବଶୀଭୂତ ହୋଇ ଆମେ ନିଜର ବୁଦ୍ଧି ବିବେକକୁ ଜଳାଞ୍ଜଳି ଦେଉଛୁ। ନିଜକୁ ନିଜେ ଶୁଣିବା ପାଇଁ ଭଲ କାନଟିଏ ଏବଂ ନିଜେ ନିଜକୁ ଦେଖିବା ପାଇଁ ଯେଉଁ ଆଖିଟିଏ ଆବଶ୍ୟକ ହୁଏ, ତାହାକୁ ଆମେ ଗୁରୁତ୍ୱ ଦେଉନାହୁଁ। ଶ୍ରୀଅରବିନ୍ଦଙ୍କ ଭାଷାରେ ଏ ଦୁନିଆରେ ଏମିତି କେହି ବ୍ୟକ୍ତି ନାହାନ୍ତି, ଯାହାର ଜୀବନ ତ୍ରୁଟିରହିତ। କିନ୍ତୁ ଏହି ତ୍ରୁଟି ଆଦୌ ଅସାମର୍ଥ୍ୟର ଚିହ୍ନ ନୁହେଁ। ଏହି ତ୍ରୁଟିକୁ ସୁଧାରିବା ପାଇଁ ଚେଷ୍ଟା ନକରିବା ହିଁ ବିଡ଼ମ୍ବନା। ଥରେ ପରିବର୍ତ୍ତନ ରୂପୀ ଫୁଲର ବାସ୍ନାରେ ବିମୋହିତ ହେଲେ ଆଉ ନର୍ଦ୍ଦମାର ଦୁର୍ଗନ୍ଧ ଆଡ଼କୁ ମନ ଯିବ ନାହିଁ।

ଆମର ଅତୀତ ଆମ ଆୟତ୍ତରେ ନାହିଁ। ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ମଧ୍ୟରେ। କେବଳ ବର୍ତ୍ତମାନ ହିଁ ସତ୍ୟ ଓ ଆମ ଆୟତ୍ତାଧୀନ। ତେଣୁ ବର୍ତ୍ତମାନ ପ୍ରତି ସଚେତନତା ହିଁ ବୁଦ୍ଧିମାନର କାର୍ଯ୍ୟ। ଏଥିନିମନ୍ତେ ଆମେ ଅଧିକରୁ ଅଧିକ ସଚେତନ ହେବା ପାଇଁ ପ୍ରୟାସ କରିବାକୁ ପଡ଼ିବ। ପ୍ରତି ମୁହୂର୍ତ୍ତରେ ଠିକ୍ ଓ ଭୁଲ୍‌ର ତର୍ଜମା କରି ଠିକ୍ ମାର୍ଗରେ ଯିବାକୁ ହେବ। ସତ୍ୟର ସନ୍ଧାନ କରିବାକୁ ହେବ। ନଚେତ ନେଡ଼ିଗୁଡ଼ କହୁଣୀକୁ ବୋହି ସାରିଥିବ।

(ପ୍ରଧାନ ଶିକ୍ଷୟିତ୍ରୀ)
କେନ୍ଦ୍ରାପଡ଼ା, ମୋ: ୯୯୩୭୩୦୬୭୭୯

# ଘାତକ ହେଉଛି ବାୟୁ

ବୈଷ୍ଣବ ମେହେର

ଉତ୍ତର ଭାରତରେ ଭୟଙ୍କର ବାୟୁ ପ୍ରଦୂଷଣକୁ ନେଇ ଲୋକସଭା ଓ ରାଜ୍ୟସଭାର ଚଳିତ ଅଧିବେଶନରେ ବିରୋଧୀ ଦଳଙ୍କ ଦ୍ୱାରା ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀ ଏନସିଆର ଓ ଉତ୍ତର ଭାରତର ଅନେକ ସହରରେ ଏକ୍ୟୁଆଇ ୪୦୦ ଅତିକ୍ରମ କରି ଗମ୍ଭୀର ସ୍ତରରେ ରହିଥିବା ଦର୍ଶାଇ ବିରୋଧୀ ଦଳ ଜାତୀୟ ସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା କରିବାକୁ ଦାବି କରିଛନ୍ତି। କେବଳ ରାଜନୈତିକ ସ୍ତରରେ ନୁହେଁ, ବାୟୁ ପ୍ରଦୂଷଣକୁ ନେଇ ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଉଦବେଗ ପ୍ରକାଶ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମସ୍ୟାର ସମାଧାନ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ବାୟୁ ଗୁଣବତ୍ତା ପରିପାଳନ ଆୟୋଗ (ସିଏକ୍ୟୁଏମ) କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ତଥ୍ୟ ଅନୁସାରେ ୨୦୨୧ ନଭେମ୍ବରରେ ରାଜଧାନୀ ଦିଲ୍ଲୀର ହାରାହାରି ଏକ୍ୟୁଆଇ ମାତ୍ରା ୨୮ ଥିବା ବେଳେ ୨୦୨୨ରେ ୨୨୭, ୨୦୨୩ରେ ୨୧୮ ଓ ୨୦୨୪ରେ ୩୦୩କୁ ବୃଦ୍ଧି ପାଇଥିଲା। ବିଶେଷଜ୍ଞଙ୍କ ମତରେ ସାଧାରଣ ବାୟୁର ମାନ ସୂଚକାଙ୍କ (ଏକ୍ୟୁଆଇ) ୫୦ କିମ୍ବା ତା'ଠାରୁ ତଳକୁ ରହିଲେ ଏହା ଉତ୍ତମ ବାୟୁ ବୋଲି ଧରାଯାଏ। ଅପରପକ୍ଷେ ସୂଚକାଙ୍କ ୫୦ ରୁ ୧୦୦ ମଧ୍ୟରେ ରହିଲେ ସନ୍ତୋଷଜନକ, ୧୦୧ ରୁ ୨୦୦ ମଧ୍ୟରେ ମଧ୍ୟମ, ୨୦୧ ରୁ ୩୦୦ ଭିତରେ ସାଂଘାତିକ ଓ ୩୦୧ ରୁ ୪୦୦ ମଧ୍ୟରେ ରହିଲେ ଅତିସାଂଘାତିକ ବୋଲି କୁହାଯାଏ।

୨୦୧୮ ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ସାତବର୍ଷଧରି ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ତାଲିକାର ଶୀର୍ଷରେ ରହିଛି ବୋଲି ସ୍ୱିସ୍ କମ୍ପାନିର ଆଇକ୍ୟୁଏୟାର କହିଛି। ଦୁଇବର୍ଷ ତଳେ ଦିଲ୍ଲୀ ଓ ମୁମ୍ବାଇର ୪୦୦ ଲୋକଙ୍କ ଉପରେ ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ସଂସ୍ଥା ପ୍ରିଷ୍ଟିନ କେୟାର ଦ୍ୱାରା କରାଯାଇଥିବା ସର୍ବେକ୍ଷଣରେ ପ୍ରତି ୧୦ ଜଣରେ ୯ ଜଣ ପ୍ରଦୂଷିତ ବାୟୁ ଦ୍ୱାରା ପ୍ରଭାବିତ ବୋଲି ଜଣାପଡ଼ିଛି। ପୀଡ଼ିତ ବ୍ୟକ୍ତିମାନେ କାଶ, ଶ୍ୱାସକ୍ରିୟା ସମସ୍ୟା, ମୁଣ୍ଡ ବୁଲାଇବା, ଗଳା ଯନ୍ତ୍ରଣା, ଆଖିଖରାପ ଭଳି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି। ବାୟୁ ପ୍ରଦୂଷଣ ଅନେକ ସାଂଘାତିକ ରୋଗର ବାହକ ହେଉଛି। ଏଥିଯୋଗୁଁ କର୍କଟ, ହୃଦରୋଗ ଓ ଶ୍ୱାସପ୍ରଶ୍ୱାସ ଜନିତ ରୋଗ ସହ ଛୋଟ ପିଲାଙ୍କ ମସ୍ତିଷ୍କର ବିକାଶରେ ବାଧକ ହେବା ନିଶ୍ଚିତ ଉଦବେଗର ବିଷୟ। ବାୟୁ ପ୍ରଦୂଷଣ ଦ୍ୱାରା ମଣିଷର ପ୍ରଜନନ ଶକ୍ତି ପ୍ରଭାବିତ ହେଉଥିବା ମଧ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ସମ୍ବେଦନଶୀଳ ବିଷୟ ଯେ, ପ୍ରଦୂଷିତ ବାୟୁ ଯୋଗୁଁ କୋଭିଡ୍ ଟିକାର ପ୍ରଭାବ ହ୍ରାସ ପାଉଥିବା ଭଳି ଚିନ୍ତାଜନକ ତଥ୍ୟ ମଧ୍ୟ ସାମନାକୁ ଆସିଛି। 'ଜର୍ଣ୍ଣାଲ୍ ଅଫ୍ ହେଲଥ୍ ପରସପେକ୍ଟିଭ'ରେ ପ୍ରକାଶିତ ଏକ ଗବେଷଣାତ୍ମକ ତଥ୍ୟ ଅନୁଯାୟୀ କୋଭିଡ୍ ଟିକାରେ ଆଣ୍ଟିବଡି ପ୍ରସ୍ତୁତ କରୁଥିବା ପ୍ରକ୍ରିୟାକୁ ବାୟୁ ପ୍ରଦୂଷଣ ପ୍ରଭାବିତ କରୁଥିବା ସ୍ପଷ୍ଟ ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପ୍ରଦୂଷିତ ବାୟୁ କାରଣରୁ ବିଶ୍ୱରେ ବର୍ଷକୁ ପାଖାପାଖି ୫୦ ଲକ୍ଷରୁ ଅଧିକ ଏବଂ ଭାରତରେ ପ୍ରାୟ ପାଞ୍ଚଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଛି।

ଓଡ଼ିଶାରେ ମଧ୍ୟ ବାୟୁ ପ୍ରଦୂଷଣର ମାତ୍ରା କିଛି କମ ନୁହେଁ। ବାୟୁମଣ୍ଡଳକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରଖିବାକୁ ପଦକ୍ଷେପ ନେବା ପାଇଁ ଗତ ଜୁନ ମାସରେ ଓଡ଼ିଶାରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି) ଆରମ୍ଭ କରାଯାଇଛି। ସେହିଭଳି ଜାତୀୟ ସ୍ତରରେ ବାୟୁମଣ୍ଡଳର ସ୍ୱଚ୍ଛତା ନିମନ୍ତେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏନସିଏପି) କାର୍ଯ୍ୟ କରୁଥିବା ବେଳେ ଏହା ଅଧୀନରେ ଆମ ରାଜ୍ୟର ରାଉରକେଲା, ଅନୁଗୁଳ, ତାଳଚେର, ବାଲେଶ୍ୱର, ରାଇରଙ୍ଗପୁର, କଟକ ଓ ଭୁବନେଶ୍ୱର ଭଳି ଶିଳ୍ପାଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ଅନ୍ୟପକ୍ଷରେ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ଅପେକ୍ଷାକୃତ ଅଧିକ ପ୍ରଦୂଷିତ ବଡ଼ବିଲ, ବ୍ରହ୍ମପୁର, ବେଲପାହାଡ଼, ବଣାଇ, ବ୍ରଜରାଜନଗର, ଝାରସୁଗୁଡ଼ା, ଯୋଡ଼ା, କେନ୍ଦୁଝର, ପାରାଦୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହରକୁ ପ୍ରାଧାନ୍ୟ ଦିଆଯାଇଛି।

ଦେଶର ଛୋଟ ପିଲାଙ୍କଠାରୁ ବୟସ୍କ ଯାଏଁ ପ୍ରଦୂଷିତ ବାୟୁମଣ୍ଡଳର ଅଦୃଶ୍ୟ ବିଷ ପ୍ରଭାବରେ ଯେ କେବଳ ଆକ୍ରାନ୍ତ ହେଉଛନ୍ତି ତା'ହା ନୁହେଁ, ବରଂ ଏହା ଯୋଗୁଁ ଦେଶର ଅର୍ଥନୀତି ଉପରେ ମଧ୍ୟ ଭୟାବହ ପ୍ରଭାବ ପଡ଼ିଆସୁଛି। ପ୍ରଦୂଷିତ ବାୟୁର ପ୍ରଭାବରେ ଆକ୍ରାନ୍ତ ହୋଇ ଫୁସଫୁସ କର୍କଟ, ପିଲାଙ୍କ ଶ୍ୱାସ ସମସ୍ୟା, ବୟସ୍କଙ୍କ ହୃଦରୋଗ ଭଳି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାରେ ପ୍ରପୀଡ଼ିତ ଦେଶର ଲକ୍ଷଲକ୍ଷ ପରିବାରର ଚିକିତ୍ସା ଜନିତ ଆର୍ଥିକ କ୍ଷତି ଯୋଗୁଁ ଗତ ୨୦୨୨ରେ ଆମ ଦେଶର ଜିଡିପିର ୯.୫ ପ୍ରତିଶତ ଖର୍ଚ୍ଚ ହୋଇଥିବା ଜଣାପଡ଼େ।

ମଣିଷ ଚାହିଁଲେ ବାୟୁ ପ୍ରଦୂଷଣକୁ ଅନେକାଂଶରେ ନିୟନ୍ତ୍ରଣ କରିପାରିବ। ଅତୀତରେ ଆମ ଦେଶରେ ଚୁଲି କାଠ ଜାଳି ପାରମ୍ପରିକ ପଦ୍ଧତିରେ ରୋଷେଇ କରାଯାଉଥିଲା। ଫଳରେ ଲକ୍ଷଲକ୍ଷ ପରିବାରରୁ ପ୍ରତ୍ୟହ ଧୂଆଁ ବାହାରି ବାୟୁଣ୍ଡଳକୁ ପ୍ରଦୂଷିତ କରୁଥିଲା। ଏବେ ଏହି ରୋଷେଇ ପଦ୍ଧତିରେ ବ୍ୟାପକ ପରିବର୍ତ୍ତନ ଘଟି ଧୂଆଁମୁକ୍ତ ରୋଷେଇ ପ୍ରକ୍ରିୟାକୁ ଆପଣା ଯାଇସାରିଛି। ଜୀବାଶ୍ମ ଇନ୍ଧନ ଧୀରେଧୀରେ ବନ୍ଦ କରି ସୌର, ପବନ, ଜଳବିଦ୍ୟୁତ ଆଦି ସ୍ୱଚ୍ଛ ଶକ୍ତିକୁ ଏବେ ବହୁଳ ବ୍ୟବହାର କରିବାର ସମୟ ଆସିଛି। ଏଭଳି ଉପଯୋଗୀ ବିକଳ୍ପ ପଦ୍ଧତି ପାରମ୍ପରିକ ଶବଦାହ, ଯାନବାହନ ଚଳାଚଳ, ଶିଳ୍ପାୟନ ଆଦି କ୍ଷେତ୍ରରେ ଆପଣାଯାଇ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସଂରକ୍ଷଣ ସହ କଳକାରଖାନାଗୁଡ଼ିକରେ କଠୋର ପ୍ରଦୂଷଣ ନିୟନ୍ତ୍ରଣ ନିୟମ ଲାଗୁ, ଫିଟନେସ ଯୁକ୍ତ ଯାନବାହନ ଚଳାଚଳ, ବ୍ୟକ୍ତିଗତ ଗାଡ଼ି ବଦଳରେ ସାର୍ବଜନୀନ ଗାଡ଼ି ସେବାର ବ୍ୟବହାରକୁ ପ୍ରାଧାନ୍ୟ, ବିଦ୍ୟୁତଶକ୍ତିର ଅପବ୍ୟବହାର ଓ ପ୍ଲାଷ୍ଟିକ ବ୍ୟବହାରରେ କଟକଣା, ଆବର୍ଜନା ଜଳାଇବା ବନ୍ଦ କରିବା ଆଦି ବିହିତ ପଦକ୍ଷେପ ବାୟୁରେ ସ୍ୱଚ୍ଛତା ଆଣିବାରେ ସହାୟକ ହୋଇପାରିବ।

ସୁନ୍ଦର ଜୀବନ ପାଇଁ ସ୍ୱଚ୍ଛ ଜଳ ଭଳି ନିର୍ମଳ ବାୟୁ ମଧ୍ୟ ଅତ୍ୟନ୍ତ ଜରୁରୀ। ଆମେ ନିଜେ ଯଦି ବାୟୁକୁ ସ୍ୱଚ୍ଛ, ପ୍ରଦୂଷଣ ମୁକ୍ତ ନରଖିବା ତେବେ ଆଗାମୀ ଦିନରେ ସ୍ୱଚ୍ଛ ବାୟୁ ପାଇବା ଦୁଃସ୍ୱପ୍ନ ହୋଇଯିବ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

# ମାନସିକ ଚାପ ନିବାରକ ତୁଳସୀ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଆମ ସଂସ୍କୃତିରେ ତୁଳସୀ କେବଳ ପବିତ୍ରତମ ବୃକ୍ଷ ନୁହେଁ, ଆମ ଆୟୁର୍ବେଦରେ ମଧ୍ୟ ରହିଛି ଏହାର ଔଷଧୀୟ ଗୁଣ ସମ୍ପର୍କରେ ବହୁଳ ସୂଚନା। ଏହି ସୁଦୀର୍ଘ ତାଲିକାରେ ଏବେ ନୂଆ ହୋଇ ଯୋଗ ଦେଇଛି ତାହାର ମାନସିକ ଚାପ ହ୍ରାସକାରୀ ସାମର୍ଥ୍ୟ। ନିକଟରେ 'ଦ ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍'(ଅଗଷ୍ଟ ୨୦୨୫ ସଂଖ୍ୟା)ରେ ପ୍ରଦତ୍ତ ଏକ ସୂଚନା ଅନୁସାରେ ଏହା ଶରୀରରୁ 'ଚାପ ହର୍ମୋନ୍' ବୋଲି କୁହାଯାଉଥିବା 'କୋର୍ଟିସଲ୍'ର ସ୍ତର ନିମ୍ନଗାମୀ କରି ମାନସିକ ଚାପ ଏବଂ ଅସନ୍ତୁଳନକୁ ଦୂର କରେ।

ଆମ ମନରେ ନାନାଦି କାରଣରୁ ଚାପ ବୃଦ୍ଧି ଘଟେ। ଏହାର ପ୍ରାକୃତିକ ପ୍ରତିକ୍ରିୟା ରୂପେ ଶରୀରରେ ଏହାର କ୍ଷରଣ ଅଧିକ ହୁଏ। ଏହା ସାଧାରଣ ମାତ୍ରାରେ ଘଟିଲେ କିମ୍ବା ଅଳ୍ପ ସମୟ ପାଇଁ ଅଧିକ ହେଲେ ତାହାର ପ୍ରଭାବ ଦୃଶ୍ୟମାନ ହୁଏ ନାହିଁ। କିନ୍ତୁ ଦୀର୍ଘ ସମୟ ଧରି ତାହା ହେଲେ ଦେହ ଓ ମନ ଉପରେ ନାନାଦି କୁପ୍ରଭାବ ପଡ଼େ। ଫଳରେ ଦୁଶ୍ଚିନ୍ତା ଓ ରକ୍ତଚାପ ବୃଦ୍ଧି, ରୋଗ ପ୍ରତିରୋଧ ଶକ୍ତି ହ୍ରାସ, ହୃତ୍‌ସ୍ପନ୍ଦନ ହାର ବୃଦ୍ଧି, ରକ୍ତ ଶର୍କରାର ସ୍ତର ଉର୍ଦ୍ଧ୍ୱଗାମୀ ହେବା ଆକାରରେ ତାହା ପ୍ରକଟିତ ହୋଇଥାଏ। ତୁଳସୀ ଏସବୁ ଦୂର କିମ୍ବା ହ୍ରାସ କରେ। ଏହାର ପତ୍ରରେ ରହିଛି ନାନାଦି ସ୍ୱାସ୍ଥ୍ୟ ପ୍ରଦାନକାରୀ ଉପାଦାନ। ସେଗୁଡ଼ିକ ହେଲା ବିବିଧ ପ୍ରକାର ପଲିଫିନଲ୍, ଫ୍ଲାଭାନଏଡ, ଭିଟାମିନ୍, ଧାତବ ଲବଣ, ଆଲ୍କା ଲଏଡ, ଟ୍ୟାନିନ୍, ଗ୍ଲାଇକୋସାଇଡ ଓ ଫ୍ୟାଟି ଏସିଡ୍। ଏହି ଫ୍ୟାଟି ଏସିଡମାନଙ୍କ ଅନ୍ତର୍ଭୁକ୍ତ ହେଲା ୟୁରୋସୋଲିକ୍ ଏସିଡ୍ ଓ ୟୁଜେନଲ। ଏ ଦୁଇଟି ରସାୟନ ଶରୀର ମଧ୍ୟରେ 'କୋର୍ଟିସଲ୍' ର ସ୍ତର ହ୍ରାସ କରନ୍ତି।

କୋର୍ଟିସଲ୍ ଉପରେ ତୁଳସୀର ଏଭଳି ପ୍ରଭାବ ୨୦୨୪ ମସିହାରେ ଆବିଷ୍କୃତ ହୋଇଥିଲା ଜାତୀୟ ଆୟୁର୍ବେଦିକ ସଂସ୍ଥାନର ଗବେଷକମାନଙ୍କ ଦ୍ୱାରା। ସେମାନଙ୍କ ପରୀକ୍ଷାରେ ୧୮ ରୁ ୨୫ ବର୍ଷ ବୟସ୍କ ୧୦୦ ଜଣ ପ୍ରାପ୍ତ ବୟସ୍କଙ୍କୁ ଦୁଇଭାଗରେ ବିଭକ୍ତ କରି ଗୋଟିକୁ ପ୍ଲାସେବୋ (ମିଛ ଔଷଧ, ଅର୍ଥାତ୍ ଔଷଧ ଭଳି ମନେ ହେଉଥିବା, କିନ୍ତୁ ତାହାର ଔଷଧୀୟ ଗୁଣ ନଥିବା ପଦାର୍ଥ) ଏବଂ ଅନ୍ୟଟିକୁ ୧୨୫ ମିଲିଗ୍ରାମ ତୁଳସୀପତ୍ର ରସ ଦିନକୁ ଦୁଇଥର କରି ୮ ଦିନ ପର୍ଯ୍ୟନ୍ତ ଦିଆଯାଉଥଲଲା। ସେହି ଅବସରରେ ସେମାନଙ୍କ କେଶ ଓ ଲାଳରେ କୋର୍ଟିସଲର ସ୍ତର ମାପିବା ସହିତ ତାଙ୍କ ରକ୍ତ ଚାପ, ନିଦ୍ରାର ଗଭୀରତା, ହୃତସ୍ପନ୍ଦନ ହାର ଇତ୍ୟାଦି ମପା ଯାଉଥିଲା। ଏହାର ଲକ୍ଷ୍ୟ ଥିଲା ମାନସିକ ଚାପ ପ୍ରତି ଶରୀରର ପ୍ରତିକ୍ରିୟାକୁ ଏହି ଔଷଧୀୟ ଗୁଳ୍ମଟି କେତେ ଦୂର କରିପାରିବ ତାହା ଆକଳନ କରିବାକୁ। ଉକ୍ତ ପରୀକ୍ଷାରେ ଅଂଶ ଗ୍ରହଣକାରୀ ସ୍ୱେଚ୍ଛାସେବୀଙ୍କ ସେବନ ପାଇଁ ଦିଆଯାଉଥିବା ପଦାର୍ଥ ସଂପର୍କରେ କୌଣସି ସୂଚନା ଦିଆଯାଉ ନଥିଲା। ନିର୍ଦ୍ଧାରିତ ୮ ସପ୍ତାହ ସମୟ ପରେ ଦେଖାଗଲା ଯେ ତୁଳସୀ ରସ ସେବନକାରୀଙ୍କ କେଶ ଓ ଲାଳରେ କୋର୍ଟିସଲ ୩୬ ଶତାଂଶ ହ୍ରାସ ପାଇଛି। ଅତଏବ ସେମାନଙ୍କ ମାନସିକ ଚାପ ନିମ୍ନଗାମୀ ହୋଇଛି। ନିଦ୍ରା ଅଧିକ ଗାଢ଼ ହୋଇଛି। ହୃଦ୍‌ସ୍ପନ୍ଦନ ହାର ସ୍ଥିର ହୋଇଛି। ରକ୍ତଶର୍କରା ହ୍ରାସ ପାଇଛି ଏବଂ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପ୍ରାପ୍ତ ହୋଇଛି।

ବର୍ତ୍ତମାନ ଜୀବନ ଅଧିକ ଜଞ୍ଜାଳମୟ ହେବା ସହିତ ବଢ଼ିଚାଲିଛି କାର୍ଯ୍ୟଭାର ଏବଂ ଜୀବନ ସଂଗ୍ରାମର ତୀବ୍ରତା। ଏହା ମନକୁ ଅଧିକ ଚାପଗ୍ରସ୍ତ କରୁଛି। ଫଳରେ କୋର୍ଟିସଲର ସ୍ତର ବୃଦ୍ଧି ପାଇଁ ନାନାଦି ଶାରୀରିକ ଓ ମାନସିକ ରୋଗର କାରଣ ହେଉଛି। ତୁଳସୀପତ୍ରର ରସ ସେବନ ଏହି ହରମୋନଟିକୁ ହ୍ରାସ କରିବା ଫଳରେ ତାହାର ସବୁ କମ୍ ହେବାର ଦେଖାଯାଉଛି। ଅତଏବ ହ୍ରାସ ପାଇଚାଲୁଛି ଦେହ ଓ ମନ ଉପରେ ତାହାର ନକାରାତ୍ମକ ପ୍ରଭାବ। ଏପରି ସ୍ଥଳେ ଆମ ପରମ୍ପରା ଅନୁସାରେ ପ୍ରତ୍ୟହ ଏଥିରୁ କିଛି କିଛି ସେବନ ସ୍ୱାସ୍ଥ୍ୟ ପକ୍ଷେ ଉପାଦେୟ ବୋଲି ପ୍ରମାଣିତ ହେଇଛି।

ତେବେ ତୁଳସୀପତ୍ର ବା ତାହାର ରସ ବ୍ୟବହାର କରିବାରେ କେତେକ ସତର୍କତା ଅବଲମ୍ବନ କରିବାକୁ ଗବେଷକମାନେ ଉପଦେଶ ଦେଇଛନ୍ତି। ପ୍ରଥମେ ଏହା କମ୍ ମାତ୍ରାରେ ସେବନ କରି କ୍ରମେ ମାତ୍ରା ବଢ଼ାଇ ଚାଲିବା ନିରାପଦ। ଦିନକୁ ଦୁଇ ଥର ୧୨୫ ମିଲିଗ୍ରାମ ମଧ୍ୟରେ ସୀମିତ ରହିଲେ ଭଲ। ଦୀର୍ଘକାଳୀକ ରୋଗୀମାନେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# 'ଜନ୍ମ ପ୍ରମାଣପତ୍ର' ଦେଇ ନପାରିବାରୁ ପୁଅର ହେପାଜତରୁ ବାପାକୁ ବଞ୍ଚିତ କରାଯାଇପାରିବ ନାହିଁ: ହାଇକୋର୍ଟ

କଟକ, ୬ ।୧୨(ସମିସ): ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ପାଇଁ ଜଣେ ବାପାକୁ ତା' ନାବାଳକ ପୁଅର ହେପାଜତରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଭଦ୍ରକ ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଖାରଜ କରି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ଏପରି ରାୟ ଶୁଣାଇଛନ୍ତି । ମା'ର ମୃତ୍ୟୁ ପରେ ବାପା ଆଇନ ଅନୁଯାୟୀ ଶିଶୁର ପ୍ରକୃତ ଅଭିଭାବକ । ଯଦି ଆବେଦନକାରୀଙ୍କୁ ପିଲାର ହେପାଜତ ପ୍ରଦାନ କରାଯିବ ନାହିଁ, ତେବେ ପିଲା ଏବଂ ବାପା ଉଭୟ ପରସ୍ପରର ପ୍ରେମ ଏବଂ ସ୍ନେହରୁ ବଞ୍ଚିତ ହେବେ ବୋଲି ହାଇକୋର୍ଟ କହିଛନ୍ତି । ହିନ୍ଦୁ, ସଂଖ୍ୟାଲଘୁ ଅଭିଭାବକ ଆଇନ, ୧୯୫୬ର ଧାରା-୬ ଅନୁଯାୟୀ ଆଇନଗତ ବ୍ୟବସ୍ଥା ଏବଂ ପରିସ୍ଥିତିକୁ ବିଚାରକୁ ନେଇ ଅଦାଲତ ଏହା କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଗତ ୨୦୧୯ ଜୁନ୍ ୧୯ରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ କରିଥିଲେ । ସେମାନଙ୍କ ଏକ ଶିଶୁପୁତ୍ର ଜନ୍ମ ହେବାର କିଛି ସମୟ ପରେ ପତ୍ନୀ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ପ୍ରତିପକ୍ଷ ତଥା ଆବେଦନକାରୀଙ୍କ ଶ୍ୱଶୁର ପିଲାଟିକୁ ନିଜ ହେପାଜତରେ ରଖିଥିଲେ । ଅଭିଯୋଗ ଅନୁଯାୟୀ ଆବେଦନକାରୀଙ୍କୁ ତାଙ୍କ ସନ୍ତାନ ସହ ଭେଟିବାକୁ ମଧ୍ୟ ଅନୁମତି ଦେଇନଥିଲେ ଶଶୁର । ଅନ୍ୟ କୌଣସି ଉପାୟ ନପାଇ ସେ ତାଙ୍କ ପିଲାକୁ ନିଜ ହେପାଜତକୁ ନେବା ପାଇଁ ଭଦ୍ରକ ପରିବାର ଅଦାଲତରେ ଆବେଦନ କରିଥିଲେ । କିନ୍ତୁ ପୁଅର ଜନ୍ମ ପ୍ରମାଣପତ୍ର ଏବଂ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବାରେ ବିଫଳ ହୋଇଥିବା ଆଧାରରେ ତାଙ୍କର ଦାବିକୁ ପରିବାର ଅଦାଲତ ଖାରଜ କରିଥିଲେ । ପରିବାର ଅଦାଲତଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# ଭିଜିଲାନ୍ସ ଜାଲରେ ଥାନା ଏଏସ୍‌ଆଇ

## ୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ

ଯାଜପୁର,୮ ।୧୨(ସମିସ): ଏକ ମାମଲାରେ ସହଯୋଗ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଯାଜପୁର ଟାଉନ୍ ଥାନାର ଏଏସ୍‌ଆଇ ନନ୍ଦକିଶୋର ଦାସ । ଏକ ଜମିଜମା ବିବାଦର ତଦନ୍ତ କରୁଥିଲେ ଏଏସଆଇ ନନ୍ଦକିଶୋର । ଉକ୍ତ ଜମିଜମା ବିବାଦର ସମାଧାନ ପାଇଁ ସେ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଯାଜପୁର ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଯାଜପୁର ସହର ବଡ଼ବଜାର ନିବାସୀ ଦୋଳଗୋବିନ୍ଦ ସାହୁଙ୍କ ଏକ ଜମିଜମା ବିବାଦ ଲାଗି ରହିଥିଲା । ଏହାର ଚିହ୍ନଟ କରିବା ସମୟରେ ହୋଇଥିବା ବିବାଦ ନେଇ କେସ୍‌କୁ ରଫାଦଫା କରିବା ପାଇଁ ସମ୍ପୃକ୍ତ ଏଏସ୍‌ଆଇ ଦୋଳଗୋବିନ୍ଦଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଏ



ନେଇ ଦୋଳଗୋବିନ୍ଦ ଭିଜିଲାନ୍ସ ବିଭାଗର ସହାୟତା ଲୋଡ଼ିଥିଲେ । ଆଜି ଯାଜପୁର ଭିଜିଲାନ୍ସ ଡିଏସ୍‌ପି ସୁଶୀଲ ଏକ୍କାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଛକି ବସିଥିଲା । ଥାନା ଏଏସଆଇ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ ମାଡିବସି ତାଙ୍କ ଠାରୁ ନଗଦ ଟଙ୍କା ଜବତ କରିଥିଲା । ଏହା ପରେ ତାଙ୍କୁ ଗିରଫ କରାଯାଇ ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି ।

## ରାଜ୍ୟରେ ଜନ ଅଭିଯୋଗ ଶୁଣାଣି

# ଅଭିଯୋଗ ସମାଧାନ ପାଇଁ ସମୟସୀମା ଧାର୍ଯ୍ୟ ହେଉ

ଭୁବନେଶ୍ୱର,୮ ।୧୨(ସମିସ): ଅଭିଯୋଗ ଶୁଣାଣି ପାଇଁ ଆସୁଥିବା ବହୁ ଲୋକଙ୍କର ଅଭିଯୋଗ ପରେ ମଧ୍ୟ ଏହାର ସମାଧାନ ହେଉନି । ଅଭିଯୋଗ ଶୁଣାଣିର ସ୍ଥିତି ସମ୍ପର୍କରେ ବିଧାୟକମାନେ ମଧ୍ୟ ଜାଣି ପାରୁ ନାହାନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଅଭିଯୋଗ କରିଛନ୍ତି । ସୋମବାର ବିଧାନସଭାର ପ୍ରଶ୍ନକାଳରେ ପ୍ରମିଳା ମଲ୍ଲିକ, ବ୍ଲକ ଓ ତହସିଲ ସ୍ତରରେ କେତେ ଅଭିଯୋଗ ଆସୁଛି, ତାହାର ତାଲିକା ମଧ୍ୟ ଜାରି କରିବାକୁ ଦାବି କରିଛନ୍ତି । ଏହାବ୍ୟତୀତ ୱେବ୍‌ସାଇଟ୍ ଖୋଲୁନଥିବାରୁ ରାସନ ଚାଉଳ ଓ ପିଏମ ଆବାସ ଘର ତତକ୍ଷଣାତ ମିଳିବା କଥାକୁ ସେ ଖଣ୍ଡନ କରିଛନ୍ତି । ସୋମବାର ବିଧାୟକ ଟଙ୍କଧର ତ୍ରିପାଠୀ ମୂଳ ପ୍ରଶ୍ନରେ ବ୍ଲକକୁ ଆସୁଥିବା ଲୋକଙ୍କ ଅଭିଯୋଗ ସମାଧାନ ପାଇଁ କଣ ପଦକ୍ଷେପ ନିଆ ଯାଇଛି ଓ କିଛି ସମୟ ସୀମା ନିର୍ଦ୍ଧାରିତ ଅଛି କି ବୋଲି ପ୍ରଶ୍ନ କରିଥିଲେ । ସମୟସୀମା ନ ଥିବାରୁ ଅନେକ ସ୍ଥାନରେ ଲୋକଙ୍କ ମନରେ ବିତୃଷ୍ଣା ଭାବ ଚାଲି ଆସୁଛି । ତେବେ ତାଙ୍କ ପ୍ରଶ୍ନର ଗୃହରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉତ୍ତର ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜିଲ୍ଲାସ୍ତରରେ ଯୁଗ୍ମ ଶୁଣାଣି ହେଉଛି । ଜିଲ୍ଲାପାଳ ଓ ଏସପିମାନେ ରହି ଶୁଣାଣି କରୁଛନ୍ତି । ସେହି ଅଭିଯୋଗ ଶୁଣାଣି ବେଳେ ବିଧାୟକମାନେ ଯୋଗଦାନ କଲେ ଅଧିକ ଲୋକଙ୍କ ସମସ୍ୟାର ସମାଧାନ ଅଧିକ ହୋଇପାରିବ । କାରଣ ବିଧାୟକ ରହି ପାରିଲେ, ଯେତେ ଦୂର ସମ୍ଭବ, ଲୋକଙ୍କ ସମସ୍ୟାର ସମାଧାନ ନିଷ୍ଠା ସହ କରାଯାଇପାରିବ । ତେବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇଥିବା ଅଭିଯୋଗର ୯୧ ପ୍ରତିଶତ ସମାଧାନ ହୋଇଛି । ତେବେ ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ୧୩,୩୫୮ଟି ଅଭିଯୋଗ ଆସିଛି । ଯେଉଥିରୁ ୧୨, ୪୩୨ ଅଭିଯୋଗର ସମାଧାନ ହୋଇ ସାରିଛି । ଜିଲ୍ଲା, ଉପଖଣ୍ଡ ଓ ତହସିଲ ସ୍ତରରେ ବି ପ୍ରତି ସୋମବାର ଅଭିଯାଗ ଶୁଣାଣି କାର୍ଯ୍ୟକ୍ରମ ଚାଲୁଛି । ମୋଟ ୧୪ ଲକ୍ଷ ୪୧ ହଜାର ୮୩୨ ଟି ଅଭିଯାଗ ଜନ ଶୁଣାଣି ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ବେଳେ ଏଥିରୁ ୧୩ ଲକ୍ଷ ୭ ହଜାର ୨୫୩ଟି ଅଭିଯୋଗର ସମାଧାନ ହୋଇଛି । ବାକି ଥିବା ୧ ଲକ୍ଷ ୩୪ ହଜାର ୫୭୯ଟି ଅଭିଯୋଗ ମଧ୍ୟରୁ ଅଧିକାଂଶ ଜଟିଳ ଅଛି । ଏହାର ସମାଧାନ ପାଇଁ ବିଭିନ୍ନ ଦିଗ ଉପରେ ବିଚାର ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି ।

## ରାଜ୍ୟରେ ଡାକ୍ତର ମରୁଡ଼ି

# ୧୨ ମେଡିକାଲ କଲେଜ ସତ୍ତ୍ୱେ ଡାକ୍ତର ଅଭାବ

ଭୁବନେଶ୍ୱର,୮ ।୧୨(ସମିସ): ରାଜ୍ୟରେ ବର୍ତ୍ତମାନ ଡାକ୍ତର ମରୁଡ଼ି ସ୍ଥିତି । ଏବେ ବି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଖାଲି ପଡ଼ିଛି । ରାଜ୍ୟରେ ମୋଟ୍ ମଞ୍ଜୁରୀପ୍ରାପ୍ତ ୧୫୭୭୪ ଡାକ୍ତର ପଦବୀରୁ ୯୫୦୩ ଡାକ୍ତର ପଦବୀ ଖାଲି ପଡ଼ିଛି । ଏବେ ମାତ୍ର ୬୨୭୧ ଡାକ୍ତର କାର୍ଯ୍ୟରତ ରହିଛନ୍ତି । ଏମିତି କି ଏହି ଡାକ୍ତରମାନଙ୍କ ମଧ୍ୟରୁ ୧୧୩୫ ଡାକ୍ତର ଠିକାରେ ମଧ୍ୟ ନିଯୁକ୍ତ ହୋଇଛନ୍ତି । ତେଣୁ ସ୍ଥାୟୀ ନିଯୁକ୍ତି ପାଇ ରାଜ୍ୟରେ ମାତ୍ର ୫୦୦୩ ଡାକ୍ତର କାର୍ଯ୍ୟ କରୁଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି ।

୨୦୨୪ ସୁଦ୍ଧା ଓଡ଼ିଶା ଡାକ୍ତର ବଳକା ରାଜ୍ୟ ଭାବେ ଉଭା ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟତଃ ରାଜ୍ୟରେ ଗଢ଼ି ଉଠୁଥିବା ମେଡିକାଲ୍ କଲେଜରୁ ପ୍ରତିବର୍ଷ ବାହାରୁଥିବା ଡାକ୍ତର ଓ ସେମାନଙ୍କ ନିଯୁକ୍ତି ଫଳରେ ଏହି ସମସ୍ୟା ହଟିଯିବ ବୋଲି ପୂର୍ବ ସରକାର ଲକ୍ଷ୍ୟ ରଖିଥିଲେ । ହେଲେ ଏବେ ଡାକ୍ତର ବଳକା ରାଜ୍ୟ ଓଡ଼ିଶା ପାଇଁ ଏକ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି । ଡାକ୍ତର ବଳକା ବଦଳରେ ବଡ଼ ବଡ଼ କୋଠା ଛିଡ଼ା ହୋଇଥିବା ଡାକ୍ତରଖାନାରେ ବି ଡାକ୍ତର

- **ଖାଲି ପଡ଼ିଛି ୬୦ ପ୍ରତିଶତ ମଞ୍ଜୁରୀପ୍ରାପ୍ତ ପଦବୀ**
- **ନବୀନଙ୍କ ଡାକ୍ତର ବଳକା ରାଜ୍ୟ ଲକ୍ଷ୍ୟ ମୋହନଙ୍କ ପାଇଁ ଆହ୍ୱାନ**

ମରୁଡ଼ି ଦେଖା ଦେଇଛି । ଫଳରେ ଆଜି ବି ରାଜ୍ୟର ବିଭିନ୍ନ ସ୍ଥାନରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସୁଛି । ରୋଗୀ ହନ୍ତସନ୍ତ ହେବାର ଧାରା କମିବା ବଦଳରେ ବିଭିନ୍ନ ପ୍ରକାର ଅବହେଳା ଯୋଗୁଁ ଏହି ସମସ୍ୟା ବଢ଼ିବାରେ ଲାଗିଛି । ଗାଁ ଗଣ୍ଡାରୁ ଲୋକମାନେ ସହରକୁ ସରକାରୀ ଡାକ୍ତରଖାନା ଭରସାରେ ଆସୁଛନ୍ତି; ହେଲେ ସେଠି ଡାକ୍ତର ରହୁ ନାହାନ୍ତି । ଯଦିଓ କେଉଁଠି କେତେବେଳେ ଜଣେ ଅଧେ ଡାକ୍ତର ରହୁଛନ୍ତି, ସେଠାରେ ଶହଶହ ରୋଗୀ ଲମ୍ବା ଲାଇନ୍‌ରେ ଠିଆ ହୋଇ ରହୁଛନ୍ତି । ଡାକ୍ତର ଦେଖାଇବାକୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ବି ଉନ୍ନତ ଚିକିତ୍ସା ସୁନିଶ୍ଚିତ ହୋଇପାରୁ ନ ଥିବା ଅଭିଯୋଗ ହେଉଛି ।

୨୦୦୦ ମସିହାରେ ବର୍ଷକୁ ୩୨୧ ଜଣ ଡାକ୍ତର ଓ ୨୫୪ ସ୍ପେଶାଲିଷ୍ଟ ବାହାରୁଥିବା ବେଳେ ଏବେ ଏହି ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି । ଓଡ଼ିଶାରେ ବର୍ତ୍ତମାନ ୧୨ଟି ସରକାରୀ ମେଡିକାଲ କଲେଜ ସାଙ୍ଗକୁ ୬ଟି ବେସରକାରୀ କଲେଜ ଓ ଗୋଟିଏ ଏମ୍‌ସ ରହିଛି । ଗୋଟିଏ ଡେଣ୍ଟାଲ କଲେଜ ଓ ଦୁଇଟି ପିଜି ଇନ୍‌ଷ୍ଟିଚ୍ୟୁଟ୍ କାର୍ଯ୍ୟକ୍ଷମ ଅଛି । ଏବେ ପ୍ରତିବର୍ଷ ୨୨୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ ୮୦୦ରୁ ଊର୍ଦ୍ଧ୍ୱ ସ୍ପେଶାଲିଷ୍ଟ ବାହାରୁଛନ୍ତି; ତଥାପି ରାଜ୍ୟରେ ଡାକ୍ତର ଅଭାବ ରହୁଛି । ସବୁ ପ୍ରକାର ସାଧନ ଥିବା ସତ୍ତ୍ୱେ ଓଡ଼ିଶାର ସାଧାରଣ ରୋଗୀଟିଏ ହନ୍ତସନ୍ତ ହେଉଛି । ନବୀନ ସରକାର "ଡାକ୍ତର ବଳକା' ରାଜ୍ୟ ନେଇ ଘୋଷଣା କରିଥିବା ବେଳେ ମୋହନ ସରକାର ଏହି ଚାଲେଞ୍ଜକୁ ପୂରା କରି ପାରୁଛନ୍ତି କି ନାହିଁ ତା' ଉପରେ ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି ।

ସୂଚନାଥାଉ କି ରାଜ୍ୟରେ କେତେ ଡାକ୍ତର ପଦବୀ ଫାଙ୍କା ପଡ଼ିଛି ବୋଲି ବିଧାନସଭାରେ ବିଜେଡି ବିଧାୟକ ଗଣେଶ୍ୱର ବେହେରା ପ୍ରଶ୍ନ ପଚାରି ଥିଲେ । ଏହାର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ, ମଞ୍ଜୁରୀପ୍ରାପ୍ତ ୧୫,୭୭୪ରୁ ୫୦୩ ପଦବୀ ଖାଲି ପଡିଛି । ତେବେ ୫୨୪୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# ଆଗକୁ ଅଧିକ ଶିକ୍ଷକ ଆନ୍ଦୋଳନ

ଭୁବନେଶ୍ୱର, ୮ ।୧୨(ସମିସ): ବିଧାନସଭା ସମୟରେ ଶିକ୍ଷକ ଆନ୍ଦୋଳନ ସରକାରଙ୍କ ପାଇଁ ଶିରପୀଡ଼ା ହୋଇଥିବାବେଳେ ଆଗକୁ ଏହା ଅଧିକ ବଢ଼ିବ । ପ୍ରାଥମିକ ଶିକ୍ଷକ ମହାସଂଘ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ସଂଘ ସମେତ ବିଭିନ୍ନ ଶିକ୍ଷକ ସଂଗଠନ ଆନ୍ଦୋଳନ ଜାରି ରଖିଥିବାବେଳେ ଆସନ୍ତା ୧୦ରୁ ୧୩ ତାରିଖ ମଧ୍ୟରେ ଏକାଧିକ ସଂଘ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ରାଜ୍ୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଥିବାବେଳେ ଆଗକୁ ଅଧିକ ଶିକ୍ଷକ ସଂଗଠନ ଆନ୍ଦୋଳନ ମୁହାଁ ହେଉଥିବାରୁ ସରକାରଙ୍କ ଶିରପୀଡ଼ା ଅଧିକ ବଢ଼ିବା ନେଇ ଆଲୋଚନା ହେଉଛି ।

ଶିକ୍ଷା ଓ ଶିକ୍ଷକଙ୍କ ଦାବି ନେଇ ଆସନ୍ତା ୧୦ ତାରିଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ଆନ୍ଦୋଳନକୁ ଓହ୍ଲାଇବ । ପୂର୍ବରୁ ସେମାନଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ପରେ ପ୍ରତାରିତ କରିଥିବାରୁ ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀ ଓ ଶିକ୍ଷା କର୍ମଚାରୀ ବିଧାନସଭା ସମ୍ମୁଖ ଗାନ୍ଧିମାର୍ଗରେ ଆନ୍ଦୋଳନ କରିବେ । ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସର ନେଉଥିବା ଓ ନେଇଥିବା ଶିକ୍ଷାକର୍ମଚାରୀଙ୍କୁ ପେନସନ୍, ଅବସରକାଳୀନ ସୁବିଧା, ଚାକିରି ସର୍ତ୍ତାବଳୀ, ଅବସର ବୟସ ସୀମା ୬୨କୁ ବୃଦ୍ଧି ଦାବି ପୂରଣ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ । ହେଲେ ତାକୁ ପୂରଣ କରିବା ପରିବର୍ତ୍ତେ କାଳକ୍ଷେପଣ ନୀତି ଆପଣେଇ ଆଉ ଏକ

- **୧୦ରେ ହେବ ସମନ୍ୱୟ ସମିତିର ସମାବେଶ**
- **୬୬୨ ବର୍ଗ କଲେଜ ସଂଘ ଆନ୍ଦୋଳନ ୧୧ରେ**
- **ଅଣ-ଅନୁଦାନପ୍ରାପ୍ତ କଲେଜ ଆନ୍ଦୋଳନ ୧୨ରେ**

କମିଟି ଗଠନ କରିଛନ୍ତି । ଯାହାକୁ ସଂଘ ବିରୋଧ କରି ଆନ୍ଦୋଳନ କରିବ ।

ସେହିପରି ୬୬୨ ବର୍ଗ କଲେଜରେ କାର୍ଯ୍ୟରତ ଅଧ୍ୟାପକମାନେ ମଧ୍ୟ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସୋମବାର ଘୋଷଣା କରିଛନ୍ତି । ରାଜ୍ୟ ସଭାପତି ଗୋଲକ ନାୟକ କହିଛନ୍ତି ଯେ ଚାକିରି ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ଓ ଅବସର ବୟସ ସୀମା ୬୨କୁ ବଢ଼ାଇବା ଦାବିରେ ସେମାନେ ବିଭିନ୍ନ ସମୟରେ ଆନ୍ଦୋଳନ କରିଛନ୍ତି । ସରକାର ସେମାନଙ୍କୁ ଦାବିକୁ ପୂରଣ କରିବ ପାଇଁ ପ୍ରତିଶ୍ରୁତି ଦେଇ ପରବର୍ତ୍ତୀ ସମୟରେ ପ୍ରତାରିତ କରୁଛନ୍ତି । ଅନେକ ଦୁର୍ଦ୍ଦଶା ଭୋଗୁଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନାହାନ୍ତି । ଏଣୁ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀ ନାୟକ କହିଛନ୍ତି । ଅନୁରୂପ ଭାବେ ବେସରକାରୀ ଅନୁଦାନ ଓ ଅଣ-ଅନୁଦାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ସଂସ୍କୃତ ଶିକ୍ଷାନୁଷ୍ଠାନରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଦାବି ପୂରଣ ପାଇଁ ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଳନ କରି ନାହାନ୍ତି । ବିରୋଧୀ ଦଳରେ ଥିବାବେଳେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଧାରଣା ସ୍ଥଳରେ ସେମାନଙ୍କ ଦାବିକୁ ଯଥାର୍ଥ ଦର୍ଶାଇ ନୈତିକ ସମର୍ଥନ ଦେଇଥିଲେ । ହେଲେ ସରକାରକୁ ଆସିବବା ପରେ ସେମାନେ ପ୍ରତାରିତ କରିଥିବା ସଂଘ ଅଭିଯୋଗ କରିଛି । ଏଣୁ ସେମାନଙ୍କ ଏକମାତ୍ର ଦାବି 'ସରକାରୀ ଅନୁଦାନ ପ୍ରଦାନ' ଦାବିରେ ୧୨ ତାରିଖରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଡ. ଦେବ ବିଜୟ ମିଶ୍ର ଚେତାବନୀ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଣ୍ଟେନରକୁ ଧକ୍କା...

ଫଳରେ ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି । ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ଏନେଇ ରାଇରଙ୍ଗପୁର ଟାଉନ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ରାସ୍ତା ଉପରେ ବେଆଇନ ଭାବେ ଟ୍ରକ୍ ପାର୍କିଂ କରିବା ଯୋଗୁଁ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି ।

### ଗୋଷ୍ଠୀ ସଂଘର୍ଷରେ...

ଅଗ୍ନିଶମ ବାହିନୀ ଆଜି ପୋଟେରୁ ନଦୀରେ ଖାନତଲାସି କରିଛନ୍ତି । ଏଥିପାଇଁ ବାଲିମେଳା ଓ ଚିତ୍ରକୋଣ୍ଡାରେ ଡ୍ୟାମ୍ ଗେଟ୍ ବନ୍ଦ କରି ନଦୀର ଜଳସ୍ତରକୁ କମ୍ କରାଯାଇଥିଲା ।

### ବିଧାନସଭାରେ...

ଦୁଇ ଗୋଷ୍ଠୀ ଭିତରେ ବିବାଦ ହେଲା । ହେଲେ ପୁଲିସ କେମିତି ଜାଣିପାରିଲା ନାହିଁ । ସେଠାରେ ଏଭଳି ଘଟଣା ଘଟିବା ଦର୍ଶାଉଛି ଯେ, ଆଇନଶୃଙ୍ଖଳା ନିୟନ୍ତ୍ରଣରେ ସରକାର ବିଫଳ । କେନ୍ଦ୍ର ସରକାର କହିଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କର । କିନ୍ତୁ ସେହି କେନ୍ଦ୍ର ସରକାର ବାଂଲାଦେଶୀ ମାନଙ୍କୁ ସେଠାରେ ରଖି ନ ଥିଲେ କି? ମୁଖ୍ୟମନ୍ତ୍ରୀ ଆଇନଶୃଙ୍ଖଳାକୁ ନେଇ ଗୃହରେ ଭୁଲ ତଥ୍ୟ ଦିଅନ୍ତୁ ନାହିଁ । ତତକ୍ଷଣାତ୍ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବା ପାଇଁ ସେ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରତାପ ଦେବ୍ ଗୃହରେ କହିଛନ୍ତି ।

ସମାନ ଭାବେ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ମଧ୍ୟ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି ଯେ ମାଲକାନଗିରି କୋରକଣ୍ଡାରେ ମହିଳାଟିଏ ବିଲକୁ ଧାନ କାଟିବାକୁ ଯାଉଛି । କିନ୍ତୁ ତାଙ୍କୁ ୪ ଜଣ ଜଣ ବଙ୍ଗାଳି ଦୁଷ୍କର୍ମ କରିବା ସହ ବିଭତ୍ସ ହତ୍ୟା କରିଛନ୍ତି । ପରେ ଗୋଟେ ମିସିଂ କେସ ରୁଜୁ ହେଲା । କିନ୍ତୁ ଯେତେବେଳେ ମହିଳାଙ୍କୁ ଖୋଜାଖୋଜି କରାଗଲା ସେତେବେଳେକୁ ତାଙ୍କର ମୃତ ଦେହ ମିଳୁଛି । ଯାହାକୁ ନେଇ ସେଠାରେ ବଡ ଧରଣର ଗୋଷ୍ଠୀ ସଂଘର୍ଷ ଆରମ୍ଭ ହୋଇଛି । ବଙ୍ଗାଳୀ - ଆଦିବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଜାରି ରହିଛି । ତାକୁ କାହିଁକି ହାଲକା ଭାବରେ ନେଉଛି ପୁଲିସ ନେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଘଟଣା ପୂର୍ବରୁ କାହିଁକି ପୁଲିସ ଚୁପ୍ ବସିଥିଲା ବୋଲି ପ୍ରଶ୍ନ କରିବା ସହ ମାଲକାନଗିରିର ଆଇନ ଶୃଙ୍ଖଳା ପ୍ରତି ମୁଖ୍ୟମନ୍ତ୍ରୀ ଧ୍ୟାନ ଦିଅନ୍ତୁ ବୋଲି ମଙ୍ଗୁ ଖିଲ ଦାବି କରିଛନ୍ତି ।

### ଜୀବନ ଯୁଦ୍ଧରେ...

ସହ ସଂଘର୍ଷ କରିବା ପରେ ରବିବାର ରାତିରେ ହସ୍ପିଟାଲ ବେଡ୍‌ରେ ସେ ସବୁଦିନ ପାଇଁ ଆଖିବୁଜିଦେଇଛନ୍ତି । ଏ ଖବର ପ୍ରସାରିତ ହେବା ପରେ ଆଜି ତାଙ୍କ ପରିବାର ବର୍ଗ ଦୁଃଖରେ ଭାଙ୍ଗି ପଡିଥିଲେ । ସେପଟେ ତାଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅଭିଯୋଗ କରି ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ଆଜି ପରିବାର ବର୍ଗଙ୍କ ସମେତ ରାଜଗାଙ୍ଗପୁର ବିଜୁ ଜନତା ଦଳ ପକ୍ଷରୁ ଆଇଜିଏଚ କାଜୁଆଲିଟି ସମ୍ମୁଖରେ ଧାରଣା ଦେଇଥିଲେ । ଏଥିରେ ରାଜଗାଙ୍ଗପୁରର ବିଜେଡି ନେତା ଅନିଲ ବରୁଆ, ଅମରେଶ ପଣ୍ଡା, ରାଜେନ୍ଦ୍ର ବେହେରା ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ଜ୍ୟୋତି ରଂଜନ ନାୟକ, ରଶ୍ମି ଏକ୍କା, ଶିଲ୍ପା ଏକ୍କା ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ । ଖବର ପାଇ ରାଉରକେଲା ଅତିରିକ୍ତ ତହସିଲଦାର, ଡିଏସ୍‌ପି ଯୋଗେଶ୍ୱର ପଣ୍ଡା, ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୂତିଭୂଷଣ ଭୋଇ, ରାଜଗାଙ୍ଗପୁର ଅତିରିକ୍ତ ତହସିଲଦାର କିରଣ କୁମାର ସୋରେଙ୍ଗ, ଡିଏସ୍‌ପି ମନୋରଞ୍ଜନ ପ୍ରଧାନ, ରାଜଗାଙ୍ଗପୁର ଥାନା ଅଧିକାରୀ ବିଜୟ କୁମାର ଦାସ, ଲାଞ୍ଜିବେର୍ଣ୍ଣା ଫାଣ୍ଡି ଅଧିକାରୀ ପ୍ରୀତି ରଂଜନ ପରିଡା ପ୍ରମୁଖ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚିଥିଲେ । ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ସହ ପରିବାର ଓ ନେତୃବୃନ୍ଦଙ୍କର ଆଲୋଚନା ହୋଇଥିଲା । ଶେଷରେ ଆପୋଷ ବୁଝାବଣା ପରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା । ଏହାପରେ ପରିବାର ବର୍ଗ ଶବ ଇନକ୍ୱେଷ୍ଟ ଓ ବ୍ୟବଚ୍ଛେଦ କରିବା ପାଇଁ ରାଜି ହୋଇଥିଲେ । ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ସୂଚନାଯୋଗ୍ୟ, ଲାଞ୍ଜିବେର୍ଣ୍ଣା ଗାଁର ସମ୍ପୃକ୍ତ ନାବାଳିକା ଛାତ୍ରୀ ଶୃତି ରାଜଗାଙ୍ଗପୁରର ସରବତୀ ଦେବୀ ମହିଳା ମହାବିଦ୍ୟାଳୟରେ ଏକ ଓଡିଆ ସମ୍ମାନ ବିଭାଗର ୨ୟ ବର୍ଷରେ ପଢୁଥିଲେ । ତାଙ୍କୁ ନିଲେଶ ସାହୁ ନାମକ କୁତ୍ରା ଅଞ୍ଚଳର ଜଣେ ଯୁବକ ବାରମ୍ବାର ଫୋନରେ ଧମକଚମକ ଦେବା ସହ ମାନସିକ ନିର୍ଯାତନା ଦେଉଥିଲେ । ଯାର ପରିଣାମ ସ୍ୱରୂପ ଶୃତି ନିଜକୁ ଜାଳି ଦେଲେ ବୋଲି ଅଭିଯୋଗ ହୋଇଛି । ସେପଟେ ରାଜଗାଙ୍ଗପୁର ଥାନା ପୁଲିସ ଅଭିଯୁକ୍ତ ଯୁବକ ନିଲେଶ ସାହୁକୁ ପୋକ୍ସୋ ଏବଂ ଆଟ୍ରୋସିଟି ଦଫାରେ ମାମଲା ରୁଜୁ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଏବେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ହୃଦୟବିଦାରକ...

ମୋର ଗଭୀର ସମବେଦନା ଜଣାଇବା ସହ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା କରୁଛି । ଜୀବନରୁ ମାରିଦେବା ପାଇଁ ପୂର୍ବରୁ ଧମକ ମିଳିଥିବା ନେଇ ପରିବାର ଲୋକେ କହିବା ପରେ ବି ସରକାରଙ୍କ ନିଷ୍କ୍ରିୟତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ସରକାର କେତେ ଆଉ ନିରୀହ ଜୀବନ ଏପରି ଜଳିବାକୁ ଛାଡ଼ିଦେବେ? ଓଡ଼ିଶାରେ ବଢୁଥିବା ଏହିପରି ଘଟଣାକୁ ରୋକିବା ଦିଗରେ ସରକାରଙ୍କ ଉଦାସୀନତା ଅପରାଧୀଙ୍କ ସାହସ ବଢ଼ାଉଛି । ଲୋକେ ଅସୁରକ୍ଷିତ ହେଉଛନ୍ତି, ଅପରାଧୀମାନେ ଖୁଲମଖୋଲା ବୁଲୁଛନ୍ତି । ସରକାର ସୁରକ୍ଷା କାହାକୁ ଦେଉଛନ୍ତି ବୋଲି ନବୀନ ପ୍ରଶ୍ନ କରିଛନ୍ତି । ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ସଜାଡ଼ିବା ଦିଗରେ ସରକାର କଠୋର ହୁଅନ୍ତୁ । ଲୋକଙ୍କୁ ନ୍ୟାୟ ମିଳୁ, ଅପରାଧୀଙ୍କ ଉପରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I Shanti Karkaria , resident at Plot No- 1149, H K Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from Santima Karkariya to Shanti Karkaria, henceforth, I shall be known as **SHANTI KARKARIA** for all purposes.
(Shanti Karkaria)

**AFFIDAVIT**

By virtue of an affidavit sworn before Executive Magistrate, Sohela vide no.03 dtd. 01/12/2025 I, Saraswati Bag, D/o- Bhoja Bag, W/o- Sanjeeb Mahananda, Dist.- Bargarh, Odisha, PIN-768034 residing at Bisipali, Po.- Jatla, Ps.- Sohela, Dist.- Bargarh, Odisha, PIN- 768028 state that, I have changed my name from **Saraswati Mahananda** to **Saraswati Bag**. henceforth I shall be known as **Saraswati Bag** for all future purposes.

**AFFIDAVIT**

By virtue of an affidavit before Executive Magistrate Bhawanipatna, Kalahandi on dated 08.12.2025. I Buhkhari Fakir Khan, S/o- Late Roshan Khan resident of At- Purnapada, Po/Ps- Bhawanipatana Town, Dist- Kalahandi, Odisha, PIN- 766001, my father's actual name is Roshan Khan. Rosan Khan and Roshan Khan is one and same person. That now he shall be known as **ROSHAN KHAN** for all future purposes.

**NOTICE (FOR MINOR)**

By virtue of an affidavit sworn before the Executive Magistrate, Balangir, dated 06.12.2025 I, Indra Padhan, Address- At: Kermeli, PO: Barapudugia, PS. Balangir Sadar. Dist. Balangir-767024 (Odisha). declare that I have changed the name of my son from Pratush Padhan to Pratyush Padhan. Henceforth, he shall be known as **Pratyush Padhan** for all purposes.
Sd/- Indra Padhan

**AFFIDAVIT**

By virtue of an affidavit sworn before Executive Magistrate, Nabarangpur vide no.801 dtd. 16/09/2025 I, Angel Anjali Bagh, D/o- Sailesh Bagh, resident of Gabrielguda, Po./Ps./Dist.- Nabarangpur, Odisha, PIN-764059 state that, I have changed my name from **ANJELJALI BAGH** to **ANGEL ANJALI BAGH**. henceforth I shall be known as **ANGEL ANJALI BAGH** for all future purposes.

**AFFIDAVIT**

I Shyam Sundar Swian, s/o-Late Raghunath swain, permanent resident of DDL-361, Dumuduma Phase-1, Housing board colony, P.S. Khandagiri, Bhubaneswar-751019, Dist: Khordha, declare by this affidavit CF No- 55. dtd- 05/12/2025 that now onwards I shall be known as **SHYAM SUNDAR SWAIN** for all future purpose.

**AFFIDAVIT**

By virtue of an affidavit (CF No. 01, dtd- 08/12/2025) sworn before the Notary Public, Padampur. I, Neelima Kalet, W/o Prakash Kalet, permanent & current resident of AT/ Kendmundi, Po/Rengali, PS- Sohela, Dist- Bargarh, PIN- 768033, Odisha declare that I have changed my name from Neelima Kalet to Padmini Kalet. Henceforth, I shall be known as Padmini Kalet (new name) for all purposes. **Sd/- Padmini Kalet**

**NOTICE**

By virtue of an affidavit sworn before the Executive Magistrate, Athmallik dated 05th December 2025, I, Mr. BANAMBAR PRADHAN address Village: DEKURD, P.O.: SANJAMURA, P.S.: KISHORENAGAR, District: ANGUL, PIN: 759126, STATE: ODISHA, declare that I have changed the name of my daughter from "SUBHASHREE PRADHAN" to "DENI PRADHAN". Henceforth, she shall be known as "DENI PRADHAN" for all purposes.
**Sd/- BANAMBAR PRADHAN**

**AFFIDAVIT**

By virtue of an affidavit sworn before the Executive Magistrate, Tangi, dated- 01.12.2025 I Abanikanta Muduli of Village-Laxmidharpur, Po- Pariorada, Ps-Tangi, Dist- Khordha declare that I have changed my name from Abanikant Muduli to Abanikanta Muduli in Aadhar card. Henceforth, I shall be known as **Abanikanta Muduli** for all purposes.

**AFFIDAVIT**

By virtue of an affidavit SL.No.- 3048, dtd.08.12.2025 in the court of the Executive Magistrate, Phulbani, Dist.- Kandhamal, I, Jubati Kanhar, have changed my minor daughter's name from Asha Kanhar to Ashalata Kanhar. Henceforth She will be known as Ashalata Kanhar for all purposes.
**S/d- Jubati Kanhar**

**AFFIDAVIT**

By virtue of an affidavit sworn before the Executive Magistrate, Tigiria, Dt-06/12/2025, CF No-3 I, Nageswar Swain of Vill- Chasanara, Po-Puruna Tigiria, Ps-Tigiria, Dist-Cuttack declare that I have changed the name of my minor daughter's name from Swayam Sidhhikshya to Swayam Siddhika Swain in Aadhar card. Henceforth, she shall be known as **Swayam Siddhika Swain** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar on dated, 03.12.2025, I P Subhashree Paul, resident of Plot No- 1149, HK Nagar, Niladri Vihar, Bhubaneswar, Dist- Khordha, Odisha, PIN- 751021, declare that I have changed my name from P. Subhashree Paul to P Subhashree Paul, henceforth, I shall be known as **P SUBHASHREE PAUL** for alpurposes.
(P Subhashree Paul)

**AFFIDAVIT**

I, Purnima Tikadar, age 54 years, W/o- Milan Kumar Tikadar, resident of House No.38, Main Road Banjalaput, PO- Padwa, Dist- Koraput, Odisha, PIN- 764038 declared by this affidavit No. 104, dtd- 26/11/2025 that now onwards I shall be known as **PURNIMA RANI DAS** for all future purposes.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747
9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**ଲିଙ୍କ୍ କବଲା ଓ ପଟ୍ଟା ହଜିଛି**

**ମୁଁ ସ୍ୱାତୀ ସାହୁ**, ସ୍ୱାମୀ - ସୌମେନ୍ଦ୍ର ସାହୁ, ଗ୍ରାମ - ବିଭାଇନ ନଗର, କଟକ । ଘୋଷଣା କରୁଅଛି ଯେ, ଗତ ତା ୨୪/୧୧/୨୦୨୫ ରିଖ ଦିନ, ମୋ ନିଜ ଦ୍ୱାରା କିଣା ଯାଇଥିବା ଜମି, ଯାହାର ଖାତା ନଂ: ୩୦୩/୪୦୦, ୩୦୩/୪୦୧ ଏବଂ ୩୦୩/୪୦୨ ସହ ସଂଶ୍ଳିଷ୍ଟ ଥିବା ଅସଲ କବଲା ଗୁଡ଼ିକ ମୋ ନିଜ ଦ୍ୱାରା ହଜି ଯାଇ ଅଛି । ଯାହାର ମୁଁ ବ୍ୟାଙ୍କ୍ ଲୋନ ପାଇଁ ଆବେଦନ କରିଅଛି । ଏକ ଜମି କାରବାର ବିଷୟରେ ନୟାଗଡ ସ୍ଥିତ ମୋ ସମ୍ପର୍କୀୟ ମାଉସୀ ଶାଶୁ, ଶ୍ରୀମତୀ ସୁଷମା ମହାପାତ୍ର ( ସ୍ୱାମୀ: ସ୍ୱର୍ଗତ ମନୋରଞ୍ଜନ ମହାପାତ୍ର) ଙ୍କ ନୟାଗଡ଼ ସ୍ଥିତ ଘରକୁ ଯାଇଥିଲି । ସେଠାରୁ ଫେରିବା ସମୟରେ ଏହି ଘଟଣା ଘଟିଅଛି, ବହୁ ଖୋଜାଖୋଜି କରିବା ପରେ ମଧ୍ୟ ମୁଁ ତାହା ପାଇପାରିଲି ନାହିଁ । ମୁଁ ଏହାର ରିପୋର୍ଟ ନୟାଗଡ଼ ଥାନା , ଷ୍ଟେସନ ଡାଏରୀ ନମ୍ବର - ୦୨୩ ରେ କରିଅଛି । ହଜିଯାଇଥିବା ମୂଳ କାଗଜପତ୍ର ଗୁଡିକର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ୧. ବିକ୍ରି ଦଲିଲ୍ ନଂ (Sale Deed No): ୧୭୯୯ (ତା ୧୦/୦୨/୨୦୦୫) ୨. ବିକ୍ରି ଦଲିଲ୍ ନଂ (Sale Deed No): ୧୦୯୫୮ (ତା ୨୧.୦୭.୨୦୦୮) - ଲାଲକୋ ସିଟି ସ୍କେପ ପ୍ରାଇଭେଟ୍ ଲିମିଟେଡ ସପକ୍ଷରେ, ୩. ମୂଳ ଖାତା ନଂ (Original Khata No): ୧୩୮, ୩୦୩/ ୨୧୯, ୩୦୩/ ୨୧୦, ଏବଂ ୩୦୩/୨୧୨ ।

# ମଣ୍ଡି ଖୋଲିବାରେ ବିଳମ୍ବ; ଦଲାଲ୍ ମାଲେମାଲ୍

କୁଆମରା, ୮।୧୨(ସମିସ): ଗୋପବନ୍ଧୁନଗର ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାରେ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। କୃଷି କହିଲେ ମୁଖ୍ୟତଃ ଧାନଚାଷ। ଏବେ ଧାନ ଅମଳର ସମୟ। ଅମଳ କଲେ ଚାଷୀଟିଏ ନିଜ ଖର୍ଚ୍ଚ ପାଇଁ ଧାନ ବିକିବାକୁ ପଡ଼ିଥାଏ। ଡିସେମ୍ବର ମାସ ଆରମ୍ଭ ହେଉଣୁ ଚାଷୀ ୫୦ ପ୍ରତିଶତ ଜମିରେ ଧାନ କାଟି ସାରିଲେଣି। ମାତ୍ର ଧାନ ବିକ୍ରି ପାଇଁ ସରକାରଙ୍କ ପକ୍ଷରୁ ଏଯାଏଁ ମଣ୍ଡି ଖୋଲି ନାହିଁ। ଫଳରେ ସାଧାରଣ ଚାଷୀଟିଏ ଖର୍ଚ୍ଚ ପାଇଁ ଗାଁ ଦାଣ୍ଡରେ ଲାଗିଥିବା ଧାନକଣ୍ଟାରେ ବହୁ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ସେଥିରେ ପୁଣି ଅର୍ଥ ମିଳିବ ଦୁଇ ସପ୍ତାହ ପରେ। ମଣ୍ଡି ଖୋଲିବାର ବିଳମ୍ବ ଯୋଗୁଁ ଚାଷୀକୁଳ ହତାଶ ହୋଇ ପଡ଼ିଛି। ମଣ୍ଡି ଖୋଲିବା ବିଳମ୍ବ ଦଲାଲମାନଙ୍କୁ ସୁହାଉଛି। ୧୩୦୦ ଟଙ୍କାରେ ଧାନ କିଣି ଗାଁ ଦଲାଲଙ୍କ ସହାୟତାରେ ବାହାର ରାଜ୍ୟକୁ ବେପାରୀଙ୍କ ଦ୍ୱାରା ଟ୍ରକ୍ ଟ୍ରକ୍ ଧାନ ଚାଲାଣ କରାଯାଉଥିବାର ଦେଖିବାକୁ ମିଳୁଛି। କିଛି ଦଲାଲ ଧାନ କିଣି ମହଜୁଦ ରଖିବା ସହ ସରକାରୀ ମଣ୍ଡିକୁ ଅପେକ୍ଷା କରିଛନ୍ତି। ସପ୍ତାହେ ହେବ ବାହାର ରାଜ୍ୟର ବେପାରୀମାନେ ଗାଁମାନଙ୍କରେ ଜଗି ରହିଛନ୍ତି ଧାନ କିଣିବାକୁ। ଏପର୍ଯ୍ୟନ୍ତ ୨୦ ପ୍ରତିଶତ ଧାନ ବେପାରୀଙ୍କ କବ୍‌ଜାକୁ ଚାଲିଗଲାଣି। ମଣ୍ଡି ନ ଖୋଲିବା ଯୋଗୁଁ ଫାଇଦା ଉଠାଉଛନ୍ତି ଦଲାଲ। ତେବେ ମୟୂରଭଞ୍ଜ ଜିଲ୍ଲାରେ ଆସନ୍ତା ୨୬ ତାରିଖରେ ମଣ୍ଡି ଖୋଲୁଥିବାବେଳେ ଉକ୍ତ ବ୍ଲକରେ ମାସର ଶେଷ ଆଡ଼କୁ ଧାନ କିଣା ଆରମ୍ଭ ହେବ ବୋଲି କୁହାଯାଇଛି। ଚଳିତ ବର୍ଷ ଗୋପବନ୍ଧୁ ନଗର ବ୍ଲକର କୁଶଳଦା ଲାମ୍ପସର ୧୩୩୦ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୫୦ରୁ ୫୫ ହଜାର କ୍ୱିଣ୍ଟାଲ ଧାନ କିଣାଯିବ ବୋଲି ଏମ୍‌ଡି ସୁମନ ସୌରଭ ବେହେରା କହିଛନ୍ତି। ସେହିପରି ପଶୁଦା ଲାମ୍ପସରେ ୧୫୯୨ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୭୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ରହିଛି ବୋଲି ଏମ୍‌ଡି ନିର୍ମଳ ସେନ୍ କହିଛନ୍ତି।



# ବାଙ୍ଗିରପୋଷିରୁ ପୁରୀ ଓ ହାୱଡ଼ାକୁ ନୂତନ ଟ୍ରେନ୍ ଚଳାଚଳ ପାଇଁ ଦାବି

ବାରିପଦା, ୮।୧୨(ସମିସ): ବର୍ତ୍ତମାନ ବାଙ୍ଗିରିପୋଷିରୁ ପୁରୀକୁ ଏକମାତ୍ର ଟ୍ରେନ୍ ଚଳାଚଳ କରୁଛି। ଏହା ସକାଳେ ପ୍ରତ୍ୟହ ବାଙ୍ଗିରପୋଷିରୁ ବାହାରି ପୁରୀରେ ଦିନ ୧୧ଟା ପାଖାପାଖି ପହଞ୍ଚୁଛି। ତେବେ ପ୍ରବଳ ଯାତ୍ରୀଙ୍କ ଭିଡ଼ ରହୁଥିବାରୁ ପୁରୀକୁ ଆଉ ଏକ ଟ୍ରେନ୍‌ର ଆବଶ୍ୟକତା ପଡୁଛି। ଏହା ପ୍ରତିଦିନ ପୂର୍ବାହ୍ନ ୧୦ଟାରେ ପୁରୀରୁ ବାହାରି ପୁଣି ରାତିରେ ୮ଟାରେ ବାଙ୍ଗିରପୋଷିରୁ ପୁରୀ ଅଭିମୁଖେ ଛାଡ଼ିଲେ ରେଳ ବିଭାଗ ଅଧିକ ଲାଭବାନ ହେବା ସହ ମୟୂରଭଞ୍ଜବାସୀ ବିଶେଷ ଉପକୃତ ହୋଇପାରନ୍ତେ ବୋଲି ସାଂସଦ ମମତା ମହାନ୍ତ ପ୍ରସ୍ତାବ ଦେଇଛନ୍ତି। ସେହିଭଳି ଏବେ ଶାଳିମାର ଓ ଭଞ୍ଜପୁର ମଧ୍ୟରେ ଚାଲିଥିବା ଏକମାତ୍ର ଟ୍ରେନ୍ ବ୍ୟବସାୟ ଦୃଷ୍ଟିରୁ ରେଳବାଇ ପାଇଁ ଉପଯୁକ୍ତ ହୋଇ ନ ଥିବାବେଳେ ଲୋକମାନେ ମଧ୍ୟ ସେଭଳି ଉପକୃତ ହୋଇପାରୁ ନାହାନ୍ତି। ତେଣୁ ସେ ଟ୍ରେନ୍‌କୁ ଶାଳିମାର ପରିବର୍ତ୍ତେ ହାୱଡ଼ା ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି। ବାଙ୍ଗିରିପୋଷି ଓ ହାୱଡ଼ା ମଧ୍ୟରେ ଏହି ଟ୍ରେନ୍ ଚଳାଚଳ କରୁ ବୋଲି ସାଂସଦ ଶ୍ରୀମତୀ ମହାନ୍ତ ପ୍ରସ୍ତାବ ଦେଇଛନ୍ତି। ବାଙ୍ଗିରପୋଷିରୁ ପୁରୀ ଟ୍ରେନ୍‌ଦ୍ୱୟ ଇଷ୍ଟକୋଷ୍ଟ ରେଲ୍‌ୱେ ଅଧୀନରେ ଚାଲିବା ପାଇଁ ସାଂସଦ ଶ୍ରୀମତୀ ମହାନ୍ତ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ସାଂସଦ ଶ୍ରୀମତୀ ମହାନ୍ତଙ୍କ ଏଭଳି ପ୍ରସ୍ତାବକୁ ଓଡ଼ିଶା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ସଭାପତି ସ୍ୱରୂପ ପଟ୍ଟନାୟକ, ଆଇନଜୀବୀ କମଳାକାନ୍ତ ଦାସ, ଶିକ୍ଷାବିତ୍ ଡ. ଶ୍ୟାମସୁନ୍ଦର ଦାସ, ଡ. ପୁଷ୍ପା ପାତ୍ର, ଡ. ଦେବେଶ ଶଙ୍କର ହୋତା, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ଓ ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀର ବରିଷ୍ଠ ସଦସ୍ୟ ତଥା ଓଡ଼ିଶା ଓକିଲ ସଙ୍ଘର କୋ-ଚେୟାରମ୍ୟାନ୍ ଜୀବନ କୁମାର ସାହୁ ପ୍ରମୁଖ ସ୍ୱାଗତ କରିବା ସହିତ ରେଳମନ୍ତ୍ରୀ ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି।



## ମହୁଲଡିହା ଓ ଠାକୁରମୁଣ୍ଡା ଥାନାରେ ୯୯ ଜଣଙ୍କ ଗୃହରକ୍ଷୀ ଆବେଦନ ଖାରଜ

ମହୁଲଡିହା, ୮।୧୨(ସମିସ): କରଞ୍ଜିଆ ଉପଖଣ୍ଡ ପୁଲିସ ଅଧୀନ ଠାକୁରମୁଣ୍ଡା ବ୍ଲକର ମହୁଲଡିହା ଓ ଠାକୁରମୁଣ୍ଡା ଥାନାରେ ଗୃହରକ୍ଷୀ ଭାବେ ଯୋଗଦେବା ଆଶାୟୀ ଆବେଦନକାରୀଙ୍କ ମଧ୍ୟରୁ ୯୯ ଜଣଙ୍କ ଆବେଦନ ଖାରଜ ହୋଇଛି। ଏ ସଂକ୍ରାନ୍ତରେ ମହୁଲଡିହା ଓ ଠାକୁରମୁଣ୍ଡା ଉଭୟ ଥାନାର ନୋଟିସ ବୋର୍ଡରେ ତାଲିକା ଝୁଲାଯାଇଛି। ମହୁଲଡିହା ଥାନା ଅଞ୍ଚଳରୁ ସର୍ବାଧିକ ୫୪ ଓ ଠାକୁରମୁଣ୍ଡା ଥାନା ଅଞ୍ଚଳରୁ ୪୫ ଜଣଙ୍କ ଆବେଦନ ଖାରଜ ହୋଇଛି। ଖାରଜ ହୋଇଥିବା ସମସ୍ତ ଆବେଦନର କାରଣ ମଧ୍ୟ ନୋଟିସରେ ବର୍ଣ୍ଣାଯାଇଛି। ତେବେ ଆବଶ୍ୟକୀୟ କାଗଜପତ୍ର ଠିକ୍ କରି ଆସନ୍ତା ୧୦ ତାରିଖ ସୁଦ୍ଧା ଗୃହରକ୍ଷୀ କାର୍ଯ୍ୟାଳୟ, ବାରିପଦାଠାରେ ପୁନଃ ଦାଖଲ କରିବା ପାଇଁ ପରାମର୍ଶ ଦିଆଯାଇଛି।

## କେନ୍ଦୁଜିଆଣୀ ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ା



ମହୁଲଡିହା, ୮।୧୨(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେନ୍ଦୁଜିଆଣୀ ଆବାସିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୦ତମ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାବା ଅଟଳେଶ୍ୱର ମହାଦେବଙ୍କଠାରୁ ମଶାଲ ଅଣାଯାଇ କ୍ରୀଡ଼ା ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ବଡଗାଁ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଶମ୍ଭୁନାଥ ମହାନ୍ତ ଯୋଗଦେଇ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ଶିଶୁ, ବାଲ ଓ କିଶୋର ବିଭାଗରେ ପ୍ରାୟ ୩୧୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ଶତକଡା ୮୦ ଭାଗ ଖେଳ ସମାପ୍ତ ହୋଇଥିଲା। ୭ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୃଷ୍ଣଚନ୍ଦ୍ର ହାଁସଦା ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର ମହାନ୍ତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା କିଶୋର ବର୍ଗର ୧୦୦ ମିଟର ଦୌଡ଼ର ଶୁଭାରମ୍ଭ କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ହାସଲ କରି ଥିବା ପ୍ରତିଭାଙ୍କୁ ସଙ୍କୁଳ ସ୍ତରରେ ଖେଳିବା ପାଇଁ ମନୋନୀତ କରାଯାଇଛି। କିଶୋର ବିଭାଗର ଯୁଗ୍ମ ଚାମ୍ପିଅନ ରାଜେଶ ମହାନ୍ତ ଓ ଶୁଭମ ମହାନ୍ତ, ବାଲ ବିଭାଗର ପାର୍ଥସାରଥୀ ମହାନ୍ତ ଓ ଶିଶୁ ବିଭାଗର ହାର୍ଦ୍ଦିକ ମୁଣ୍ଡା ସଙ୍କୁଳ ସ୍ତରରେ ଖେଳିବାକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ପର୍ଶୁରାମ ମହାନ୍ତ ଅତିଥି ପରିଚୟ ଓ ପରିଚାଳନା ସମିତି ସହସମ୍ପାଦକ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନ ପରିଡ଼ାଙ୍କୁ ସେବା ରତ୍ନ ସମ୍ମାନ



ସାରସକଣା/କୁଳିଅଣା, ୮।୧୨(ସମିସ): ସାରସକଣା ବ୍ଲକର ସ୍ୱାଧୀନ କୁମାର ପରିଡ଼ାଙ୍କୁ ସେବା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ଭବ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଯାଜପୁର ଜିଲ୍ଲାର ଛତିଆସ୍ଥିତ ଐତିହାସିକ ମା' କାଳିକା ପ୍ରସିଦ୍ଧ ଅମରାବତୀ ମଠ କଲ୍ୟାଣ ମଣ୍ଡପ ପ୍ରାଙ୍ଗଣରେ ଆୟୋଜିତ ରାଜ୍ୟସ୍ତରୀୟ ଷଷ୍ଠ ବାର୍ଷିକ ଉତ୍ସବରେ ସମ୍ମାନ ପ୍ରଦାନ କରାଯାଇଛି। ନିଷ୍ଠାପର ସେବା ଓ ସମାଜ କଲ୍ୟାଣରେ ନିଜକୁ ନିୟୋଜିତ କରିବା ସହ ରକ୍ତଦାନ, ବୃକ୍ଷରୋପଣ, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ଭୋକିଲା ପେଟକୁ ଅନ୍ନଦାନ ଭଳି କାର୍ଯ୍ୟ କରି ସମାଜରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ତେବେ ଓଡ଼ିଶାର କୋଣ ଅନୁକୋଣରେ ଥିବା ସମାଜସେବୀମାନଙ୍କ ସେବା କାର୍ଯ୍ୟକୁ ସମ୍ମାନ ଜଣାଇ ବହୁ ସମାଜସେବୀ ଓ ସାମାଜିକ ଅନୁଷ୍ଠାନମାନଙ୍କୁ ଏହି ବାର୍ଷିକ ଉତ୍ସବକୁ ଆମନ୍ତ୍ରଣ କରି ସେବା ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସମ୍ପାଦିକା ପ୍ରମିଳା ସିଂ ସହ ସମ୍ଭବ ଚାରିଟେବୁଲ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ମୟୂରଭଞ୍ଜ ଡିଭିଜନ ଅନ୍ତର୍ଗତ ରାସ୍ତା ଓ ଗୃହ ନିର୍ମାଣ

## ଏସ୍ଆର୍ ଗ୍ରାଣ୍ଟ ବୃଦ୍ଧି ପାଇଁ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ

ବାରିପଦା, ୮।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାର ପୂର୍ତ୍ତ ବିଭାଗ ବାରିପଦା ଡିଭିଜନରେ ବିଗତ ୧୫ବର୍ଷ ଭିତରେ ଭିତ୍ତିଭୂମିର ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ୨୫ଟି ନୂତନ ରାସ୍ତା ସାମିଲ୍ ହୋଇଛି।। ତେଣୁ ଗୃହ ନିର୍ମାଣ ପାଇଁ ଅଣଯୋଜନା ଅନୁଦାନ ତଥା ରାସ୍ତା ନିର୍ମାଣ ଅଣଯୋଜନା ଅନୁଦାନକୁ ସେହି ଅନୁପାତରେ ବୃଦ୍ଧି କରିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ପତ୍ର ଲେଖି ପ୍ରସ୍ତାବ ଦେଇଛନ୍ତି ରାଜ୍ୟସଭା ସାଂସଦ ମମତା ମହାନ୍ତ। ଗୃହ ନିର୍ମାଣ ଅନୁଦାନ ରାଶିକୁ ୬ କୋଟିରୁ ୧୨ କୋଟି ଟଙ୍କା ଏବଂ ରାସ୍ତା ନିର୍ମାଣ ଅଣଯୋଜନା ଅନୁଦାନ ରାଶିକୁ ୧୮ କୋଟିରୁ ୨୫ କୋଟିକୁ ବୃଦ୍ଧି କରିବା ପାଇଁ ସାଂସଦ ଶ୍ରୀମତୀ ମହାନ୍ତ ପ୍ରସ୍ତାବ ଦେଇଛନ୍ତି। ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜ୍‌ମେଣ୍ଟ, ମହାରାଜପୁରଠାରୁ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ୱାର୍ଡ ନମ୍ବର ୨୭ ପର୍ଯ୍ୟନ୍ତ ଏକ ଡ୍ରେନେଜ୍ ନିର୍ମାଣ ପାଇଁ ଏକ ସ୍ୱତନ୍ତ୍ର ଅନୁଦାନ ଦେବାକୁ ଶ୍ରୀମତୀ ମହାନ୍ତ ଦାବି ଜଣାଇଛନ୍ତି। ଏମ୍‌ପିସି ମହାବିଦ୍ୟାଳୟରୁ ବର୍ଷା ପାଣି ଆସି ଦ୍ୱିତୀୟ ଛାତ୍ରାବାସ ପାଖ ଦେଇ ଯାଇଥିବା ରାସ୍ତା ଉପରେ ବହିଯାଉଥିବାରୁ ମହାରାଜପୁରକୁ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଯାତାୟାତ ପାଇଁ ସେ ଅଞ୍ଚଳର ଅଧିବାସୀ ଓ ଛାତ୍ରଛାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଡ୍ରେନେଜ୍ ନିର୍ମାଣ ସହ ରାସ୍ତା ମରାମତି ପାଇଁ ସ୍ୱତନ୍ତ୍ର ଅନୁଦାନ ଦେବାକୁ ସାଂସଦ ଶ୍ରୀମତୀ ମହାନ୍ତ ଅନୁରୋଧ କରିଛନ୍ତି।

## ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ବାରିପଦା, ୮।୧୨(ସମିସ): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ-୨୦୨୫ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବାରିପଦାସ୍ଥିତ ଲେଡି ହାମିଲ୍‌ଟନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୀନାରାଣୀ ପାତ୍ର ଉକ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲାରୁ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ କୁମାର ପରିଡ଼ା, ଶିକ୍ଷୟିତ୍ରୀ ଜୟଶ୍ରୀ ବେହେରା, ଜ୍ୟୋତି କର୍ମକାର, ଲୀଳାବତି ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ପ୍ରାଥମିକ ବିଦ୍ୟାଳୟସ୍ତରରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଲକ୍ଷ୍ମୀପୋଷିର ଆର୍ଯ୍ୟାଂଶୀ ପରିଡ଼ା, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଶ୍ରୀପଦଗର ଅମିଶା ବେରା, ଲେଡି ହାମିଲ୍‌ଟନ ଉଚ୍ଚ ବିଦ୍ୟାଳୟର ଇଶିତା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି ଉଚ୍ଚ ପ୍ରାଥମିକସ୍ତରରେ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଲକ୍ଷ୍ମୀପୋଷିର ଦିବ୍ୟସିନୀ ପ୍ରଧାନ, ଓଏଭି, ରାଣୀଭୋଳର ବିବେକ କୁମାର ସାଓ, ଓଏଭି, ଗରୁଡ଼ବସା, ବେତନଟୀର ଲକ୍ଷ୍ମୀପ୍ରିୟା ଜେନା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟସ୍ତରରେ ଓଏଭି, ଗରୁଡ଼ବସା, ବେତନଟୀର ଜାହ୍ନବୀ ପଢ଼ିଆରୀ, ଏମ୍‌ପିକେ ସରକାରୀ ବାଳିକା ବିଦ୍ୟାଳୟ, ବାରିପଦାର ଆଦ୍ୟାଶା ଦାସ, ଉତ୍କଳମଣି ଗୋପବନ୍ଧୁ ପ୍ରାକ୍ଟିସିଂ ଉଚ୍ଚ ବିଦ୍ୟାଳୟ, ତକତପୁରର ଶୁଭମ୍ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ସେହିପରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟସ୍ତରରେ ଓଏଭି, ଗରୁଡ଼ବସା, ବେତନଟୀର ଦିବ୍ୟାଂଶୀ ଦାଶ, ସାଇ ବିଦ୍ୟାମନ୍ଦିରର ପାଏଲ୍ ପ୍ରିୟଦର୍ଶିନୀ ପୃଷ୍ଟି ଓ ସୋନାକ୍ଷୀ ପୃଷ୍ଟି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଛନ୍ତି। ଉକ୍ତ କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୭ ତାରିଖରେ ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଜୟନ୍ତୀ ପାଳନ ଅବସରରେ ପୁରସ୍କୃତ ହେବେ। କାର୍ଯ୍ୟକ୍ରମ ପରିଚାଳନରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରବୀର ବେହେରା, ମନୋଜ ପରିଡ଼ା, ଦୀପକ ରାମ, ଆୟୋଜକ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।



## ୧୦ରୁ ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା, ୮।୧୨(ସମିସ): ସ୍ଥାନୀୟ କନ୍‌ଭେଣ୍ଟ ସ୍କୁଲ ଛକ ନିକଟସ୍ଥ ଲେଟ୍‌କଟ୍ କ୍ଲବ୍ ଆନୁକୂଲ୍ୟରେ ୩୧ତମ ସର୍ବଭାରତୀୟ ଟି-ଟ୍ୱେଣ୍ଟି ଡିଉଜ୍ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ସାଧାରଣ ସମ୍ପାଦକ ଦୀପକ କୁମାର ଦାଶ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହସମ୍ପାଦକ ଲକ୍ଷ୍ମୀଧର ନାୟକ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ନରୋତ୍ତମ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଲବିନ୍ଦର ସିଂହ, ଅଜୟ ସିଂହ, ବିନୟ ଷଡ଼ଙ୍ଗୀ, ଦିବ୍ୟଲୋଚନ ଦାସ, ଗୌରବ ମହାନ୍ତି, ସୁବ୍ରତ ଲେଙ୍କା, ସମରଜିତ୍ ଗୋସ୍ୱାମୀ, ମାନସ ମହାନ୍ତ, ରୋହିତ୍ ଜେନା, ଦିପାନ ମାଇତି ଓ ଶାନ୍ତନୁ କର ଉପସ୍ଥିତ ଥିଲେ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଖଡ଼ଗପୁରର ସେର୍ସା, କୋଲକାତାର ଏଲ୍‌ଆର୍‌ଏସ୍ ଏକାଡେମୀ, ଆନ୍ଧ୍ରପ୍ରଦେଶର ଇଷ୍ଟକୋଷ୍ଟ ରେଲ୍‌ୱେ, ରାଞ୍ଚିର ସେର୍ସା, ଝାଡ଼ଖଣ୍ଡର ଟାଟା ଲିଓ, ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟର୍ସ, ସମ୍ବଲପୁରର ଏମ୍‌ଏମ୍‌ସିସି, ଭୁବନେଶ୍ୱରର ଟିସିସି, ରାଉରକେଲାର ଆର୍‌ସିଏ ଓ ବାରିପଦାର ଡିଆର୍‌କେ ସମେତ ମୋଟ୍ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଖେଳ ଆରମ୍ଭ ହେବା ସହ ୨ଟି ମ୍ୟାଚ୍ ଖେଳାଯିବ ଏବଂ ୧୪ ତାରିଖ ଦିନ ୧୨ଟା ବେଳେ ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରଥମ ଦିନର ୧ମ ମ୍ୟାଚ୍ ଡିଆର୍‌କେ ଓ ଟାଟା ଲେଓ ଏବଂ ୨ୟ ମ୍ୟାଚ୍ ରାଞ୍ଚି ଓ ରାଉରକେଲା ମଧ୍ୟରେ ଖେଳାଯିବ। ପୁରସ୍କାର ସ୍ୱରୂପ ଚାମ୍ପିଅନ ଦଳକୁ ୧ ଲକ୍ଷ ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୭୦ ହଜାର ଓ ଟ୍ରଫି ପ୍ରଦାନ କରାଯିବ ବୋଲି ସଭାପତି ଗିରିଶ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି।

## ନକଲି ବିଦେଶୀ ମଦ ଜବତ, ଦୁଇ ଗିରଫ

କରଞ୍ଜିଆ/ଶୁକ୍ରୁଲି, ୮।୧୨(ସମିସ): ଅସଲି ବ୍ରାଣ୍ଡର ବୋତଲରେ ନକଲି ମଦ ଭର୍ତ୍ତି କରି ବେପାର କରୁଥିଲେ। ଦାମ୍ କମ୍ ନ ଥିଲା। ଅସଲି ମଦ ସହିତ ସମାନ ଦାମ୍ ଥିଲା। କିନ୍ତୁ ଲୋକଙ୍କୁ ଠକୁଥିଲେ। ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ କରଞ୍ଜିଆ ଓ ଶୁକ୍ରୁଲି ଅବକାରୀ ବିଭାଗ ମିଳିତ ଭାବେ ସୋମବାର ସକାଳୁ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଥିଲେ। ନକଲି ମଦ ବଟ୍‌ଲିଂ ଚାଲିଥିବାବେଳେ ମାଡ଼ିବସିଲେ। ଚଢ଼ଉବେଳେ ବିପୁଳ ପରିମାଣର ଖାଲି ବୋତଲ, ଠିପି ସହିତ ତିଆରି ହୋଇଥିବା ନକଲି ମଦ ଜବତ କରିଛି ଅବକାରୀ ବିଭାଗ। ଉକ୍ତ ମଦର ମୂଲ୍ୟ ୮୦ ହଜାରରୁ ଊର୍ଦ୍ଧ୍ୱ ହେବ। ମଦ ବଟ୍‌ଲିଂ କରିଥିବା ଦୁଇ ଯୁବକ ରାହୁଲ ଗୁପ୍ତା ଏବଂ ରାଜେଶ୍ ଠାକୁରଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଦୀର୍ଘ ଦିନରୁ ଏଭଳି ନକଲି ମଦ ଅସଲି ବ୍ରାଣ୍ଡର ବୋତଲରେ ଭର୍ତ୍ତି କରି ବଜାରରେ ବିକ୍ରି କରି ଲୋକଙ୍କୁ ଠକୁଥିଲେ।

## ରାଜକମଲ ହାପି କିଡ୍‌ସ ସେଣ୍ଟରର ବାର୍ଷିକ ଉତ୍ସବ



ବାରିପଦା, ୮।୧୨(ସମିସ): ସ୍ଥାନୀୟ ବାରିପଦା ଷ୍ଟାଡିୟମ୍ ସମ୍ମିଳନୀ କକ୍ଷରେ ଭଞ୍ଜପୁରସ୍ଥିତ ରାଜକମଲ ହାପି କିଡ୍‌ସ ସେଣ୍ଟରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟଜିତ୍ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ୧ନଂ ୱାର୍ଡ କାଉନ୍‌ସିଲର ସୁକେଶିନୀ ସେଠୀ, ସମ୍ମାନିତ ଅତିଥି ଭାବେ ପାୱେଲ ସ୍କୁଲ୍‌ର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ଭୁଜବଳ, ସମାଜସେବୀ ଅମର କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିବା ସହ କୁନିକୁନି ଶିଶୁମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ରତ୍ନେଶ କୁମାର ଶର୍ମା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍‌କେ ରତ୍ନା ଆଳୁ ଚାମଚ ଦୌଡ଼ରେ, ସାଇ ମୋହିତ କୁଁଅର ବକେଟ୍ ବଲ୍ ଓ ମେମୋରୀ ଟେଷ୍ଟରେ, ତନ୍‌ବୀର ଦାସ ରାଇମ୍ସ ଓ ଦୌଡ଼ (ଜୁନିୟର) ରେ, ଚେତନଦୀପ ସାହୁ ଦୌଡ଼ରେ, ସାଇ ପଲ୍ଲଭି ମାଝୀ କୌତୁକ ପୋଷାକରେ, ଜୟା ହସିନୀ ମହାନ୍ତି ମ୍ୟୁଜିକ ଚେୟାର୍‌ରେ, ତପସ୍ୱିନୀ ମିଶ୍ର ମ୍ୟୁଜିକ୍ ଚେୟାର (ଜୁନିୟର) ରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ତତ୍‌ସହିତ ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୁନି ପ୍ରତିଭାମାନଙ୍କ ସହିତ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜେଜେବାପା ନନ୍ଦଲାଲ ମିଶ୍ର ଓ ଜେଜେ ମା' ଶ୍ରୀମତୀ ମିଶ୍ର ଏବଂ ହରେନ୍ଦ୍ର ଦାସ ଓ ଶ୍ରୀମତୀ ଦାସଙ୍କୁ କାଉନ୍‌ସିଲର ଶ୍ରୀମତୀ ସେଠୀଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଶିକ୍ଷୟିତ୍ରୀ ତପସ୍ୱିନୀ ପଟ୍ଟନାୟକ ଓ ଅନୁପମା ବେହେରା ଉତ୍କୃଷ୍ଟ ଶିକ୍ଷାଦାନ ତଥା ସେବିକା ସାବିତ୍ରୀ ସିଂ ଓ ସଂଯୁକ୍ତା ସିଂଙ୍କୁ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ପାଇଁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ବିକା ପ୍ରସାଦ ମହାନ୍ତି, ନାରାୟଣ ପ୍ରସାଦ ମଣ୍ଡଳ ଓ ଦିନେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅନନ୍ୟ ପ୍ରତିଭା 'ହୋ' ଅଭିନେତା ରାଜକୁମାର ପୂର୍ତ୍ତୀ



ଶରତ/ଠାକୁରମୁଣ୍ଡା, ୮।୧୨ (ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ବଣ ପାହାଡ଼ଘେରା ଘୋଡ଼ାବିନ୍ଧା ଗ୍ରାମର 'ହୋ' ଅଭିନେତା ରାଜକୁମାର ପୂର୍ତ୍ତୀ(୨୫)ଙ୍କ ପ୍ରସିଦ୍ଧି ଏବଂ ଲୋକପ୍ରିୟତା ଏବେ ଧୀରେ ଧୀରେ ବଢ଼ିବାରେ ଲାଗିଛି। ରାଜକୁମାର ହାତୀଘୋଡ଼ା ଗ୍ରାମ ପଞ୍ଚାୟତ ଅଧୀନ ଘୋଡ଼ାବିନ୍ଧା ଗ୍ରାମର ଜଗମୋହନ ପୂର୍ତ୍ତୀ ଏବଂ ବୈଜୟନ୍ତୀ ପୂର୍ତ୍ତୀଙ୍କ ସୁପୁତ୍ର ଅଟନ୍ତି। ରାଜକୁମାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ 'ହୋ' ଆଲ୍‌ବମ୍‌ରେ ଅଭିନୟ କରି ନିଜ କଳାର ଦକ୍ଷତାକୁ ପ୍ରତିପାଦନ କରି ସାରିଛନ୍ତି। ତତ୍‌ସହିତ ୩ଟି ଆଦିବାସୀ 'ହୋ' ଚଳଚ୍ଚିତ୍ର (ଇଜ୍ଜତ, ରତନ ଟାଟା, ଡାଟିଙ୍ଗ୍ ଆପ୍) ଏବଂ ଦୁଇଟି ସାନ୍ତାଳୀ ଚଳଚ୍ଚିତ୍ର (ମାୟା, ନିର୍ମାୟା)ରେ ଅଭିନୟ କରି ସାରିଛନ୍ତି। ଘୋଡ଼ାବିନ୍ଧା ଗ୍ରାମର ଏହି ଯୁବ ଅଭିନେତା ବୈଷୟିକ ପାଠ୍ୟକ୍ରମ(ମେକାନିକାଲ୍ ଇଞ୍ଜିନିୟରିଂ) ପାଠ ପଢ଼ିଛନ୍ତି।

ରାଜକୁମାର ଅଭିନୟ କରିଥିବା ଆଲ୍‌ବମ୍‌ଗୁଡ଼ିକ ତଥା ଗୋଲାପୀ ମାଇ, ଆପାସାରା, ଗାମାରେ, ମାୟାଙ୍ଗ୍ ହେଲ, ଫାଗୁନ ଚାଣ୍ଡୁଃ, ପାଗଲା ମନ, ଦୁଲାଳ ରାଣୀ, ମନରେ ଆମ, ବୁରୁ କୁଟିତେ, ନାଇକି କୂଳି, ନେନ୍ ମନରେ ପ୍ରଭୃତି ଦର୍ଶକଙ୍କ ମନ ଜିଣିପାରିଛି। ତାଙ୍କର ଏହି ସଫଳତା ପାଇଁ ୨୦୨୪ ଜୁନ୍ ୧୬ରେ ତାଙ୍କୁ ଜାମ୍‌ସେଦପୁରରେ ଅନୁଷ୍ଠିତ 'ତୃତୀୟ ଜାତୀୟ ହୋ ଚଳଚ୍ଚିତ୍ର ସମାରୋହ-୨୦୨୪'ରେ ତତ୍କାଳୀନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚାମ୍ପାଏ ସୋରେନଙ୍କ ଦ୍ୱାରା ସମ୍ମାନିତ କରାଯିବା ସହିତ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ୨୦୨୩ରେ ଚକ୍ରଧରପୁରରେ ଅନୁଷ୍ଠିତ ହୋଇଥିବା କୋଲ୍‌ହାନ ଫେଷ୍ଟିଭାଲରେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ବୀରବାସାରେ ଅନୁଷ୍ଠିତ ହୋଇଥିବା ଜାତୀୟ ହୋ' ଯୁବ ସମ୍ମିଳନୀ-୨୦୨୩ରେ ମଧ୍ୟ ତାଙ୍କୁ ସମ୍ମାନିତ କରାଯିବା ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ହୋ' ଭାଷାର ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ସଙ୍ଗୀତକୁ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ନିଜର ସଫଳତା ପାଇଁ ତାଙ୍କ ବାପା ଓ ମାଆଙ୍କୁ ସେ ଶ୍ରେୟ ଦେଉଥିବା କହିଛନ୍ତି।

# ନିମ୍ନମାନର ରାସ୍ତା ଯୋଗୁଁ ଲୋକେ ହନ୍ତସନ୍ତ

ଠାକୁରମୁଣ୍ଡା, ୮।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମକପୁର ଓ ଖଣ୍ଡବନ୍ଧ ଯିବା ରାସ୍ତାକୁ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବରେ ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ବିନା ଉପସ୍ଥିତିରେ କାର୍ଯ୍ୟ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ରାଇରଙ୍ଗପୁର ଡିଭିଜନ ପକ୍ଷରୁ ଚମକପୁର ଭାୟା ତାଳପଦା ଖଣ୍ଡବନ୍ଧ ରାସ୍ତା ନିର୍ମାଣ ପାଇଁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି। ସତ୍ୟେନ୍ଦ୍ର ପ୍ରସାଦ

### ଅଚିନ୍ତାରେ ପୂର୍ତ୍ତ ବିଭାଗର ଅଧିକାରୀ

ନାମକ ଜଣେ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟାଦେଶ ଦିଆଯାଇଛି। ଏହି କାର୍ଯ୍ୟରେ ପାଖାପାଖି ୭୦ ଭାଗ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ୧୦ଟି ପୋଲ କାର୍ଯ୍ୟଗୁଡ଼ିକ ଅଧପନ୍ତରା ହୋଇପଡ଼ିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା ନାମଫଳକରେ ଦେଢ଼ ବର୍ଷ ହେବ ଏହି କାର୍ଯ୍ୟ ଶେଷ ହୋଇସାରିଛି। ଏହି କାର୍ଯ୍ୟଟି ୨୧.୪.୨୦୨୩ରେ ଆରମ୍ଭ ହୋଇ ୨୦.୫.୨୦୨୪ରେ ଶେଷ ହୋଇସାରିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ମଧ୍ୟରେ ଥିବା ୧୦ଟି ପୋଲର କାମ ସମ୍ପୂର୍ଣ୍ଣ ହୋଇନାହିଁ। କାମ ସମୟରେ ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଥିବାରୁ ନିମ୍ନମାନର କାର୍ଯ୍ୟ ସହ କିଛି ସ୍ଥାନରେ କଂକ୍ରିଟ ରାସ୍ତାର ଚିପ୍ସ ଉଠିଗଲାଣି। ବର୍ତ୍ତମାନ ନୂଆ ବର୍ଷ ଆସିଗଲାଣି। ଏହି ରାସ୍ତା ଦେଇ ହଜାର ହଜାର ଗାଡ଼ି ବଣଭୋଜି କରିବା ପାଇଁ ପୌରାଣିକ ତୀର୍ଥସ୍ଥଳ ଭୀମକୁଣ୍ଡକୁ ଯିବାଆସିବା କରୁଛନ୍ତି। ଲୋକମାନଙ୍କୁ ଯାତାୟାତରେ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତା ଦେଇ ଭୀମକୁଣ୍ଡ, ପାଟଣା, ଘଟଗାଁ, କେନ୍ଦୁଝର ଇତ୍ୟାଦି ସ୍ଥାନକୁ ନିକଟତର ହେଉଥିବାରୁ ଏହି ରାସ୍ତା ଦେଇ ମାଲମାଲ ଗାଡ଼ି ଯାତାୟାତ କରୁଛି। ଖଣ୍ଡବନ୍ଧ ପଞ୍ଚାୟତ ନିକଟରେ ଏକ ପୋଲ ନିର୍ମାଣ ହୋଇଛି। ଯାହାର ଉଭୟ ପାର୍ଶ୍ୱରେ ମାଟି ଓ ମୋରମ୍ ପଡୁଛି, କିନ୍ତୁ ତାହାକୁ ପାଣି ଢାଳି ରୋଲର୍ ନ ଚଢ଼ାଇବାରୁ ତାହା ଖାଲଖମା ହୋଇ ପଡ଼ି ରହିଛି। ରାଇପଦା କେଲପୋଷି ଛକ ନିକଟରେ ଏକ ବଡ଼ ଗାଡ଼ ହୋଇଛି, ଯାହା ଫଳରେ ଗାଡ଼ିଗୁଡ଼ିକ ଅଧିକାଂଶ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି।



## ୩ ବାରହା ଶିକାରୀଙ୍କୁ କୋର୍ଟ ଚାଲାଣ କଲା ବନବିଭାଗ



ଚମ୍ପୁଆ/ଯୋଡା,୮।୧୨(ସମିସ): ଜଙ୍ଗଲ ମଧ୍ୟରେ ବାର୍‌ହା ଶିକାର କରି ମାଂସ ଭାଗ କରୁଥିବା ବେଳେ ବନ ବିଭାଗ ଅତର୍କିତ ଚଢ଼ଉ କରି ୩ ଶିକାରୀଙ୍କୁ ଗିରଫ କରିଥିଲା। ବାର୍‌ହା ଧରିବା ଫାସ, ୧୦ କି.ଗ୍ରା ବାର୍‌ହା ମାଂସ, ୨ଟି ପନିକି, ଗୋଟିଏ କଟୁରିକୁ ବନ ବିଭାଗ ଜବତ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଏସିଏଫ୍ ଅକ୍ଷୟ କୁମାର ଛତ୍ରିଆ ସୂଚନା ଦେଇଛନ୍ତି। ସୂଚନା ଅନୁସାର ଚମ୍ପୁଆ ରେଞ୍ଜ ଅଧୀନ ଯୋଡ଼ା ସେକ୍ସନର ମୁଟୁଦା ଜଙ୍ଗଲରେ ଗତ ୭ ତାରିଖ ସକାଳ ସମୟରେ ଗୁରୁଚରଣ ମୁଣ୍ଡା (୨୪), ସୁରେନ୍ଦ୍ର ମୁଣ୍ଡା (୩୧) ଓ ରାଜେନ୍ଦ୍ର ମୁଣ୍ଡା (୩୪) ଏକ ଜଙ୍ଗଲି ବାରହାକୁ କାଟୁଥିବା ଖବର ପାଇ ଏସିଏଫ ଶ୍ରୀ ଛତ୍ରିଆଙ୍କ ନିର୍ଦ୍ଦେଶ କ୍ରମେ ଚଢାଉ କରାଯାଇଥିଲା ଏବଂ ଅଭିଯୁକ୍ତ ମାନଙ୍କ ଠାରୁ ଉପରୋକ୍ତ ଶିକାରରେ ବ୍ୟବହୃତ ସାମଗ୍ରୀ ଜବତ କରିଥିଲେ। ଆଜି ଉକ୍ତ ୩ ଜଣଙ୍କୁ କେସ ନମ୍ବର ୧୩ସିଏର୍/୨୫ ଅନୁସାରେ କୋର୍ଟ ଚାଲାଣ କରାଯାଇ ତଦନ୍ତ ଚାଲିଥିବା ବନ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ଅସୁସ୍ଥ 'ମାଖନା'ର ମୃତ୍ୟୁ

## ବନ ଅଧିକାରୀଙ୍କ ଅବହେଳା ଯୋଗୁଁ ମୃତ୍ୟୁ ଅଭିଯୋଗ



ତେଲକୋଇ,୮।୧୨(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ କନ୍ତଲେଇ ଦାଢିଆ ସାହି ନିକଟସ୍ଥ ବଙ୍କା ମୁଣ୍ଡା ଜମି ମାଳରେ ଅସୁସ୍ଥ ହୋଇ ପଡ଼ିଥିବା ମାଖନା ହାତୀର ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତ ହାତୀର ବୟସ ୧୮ ରୁ ୨୦ ବର୍ଷ ବୋଲି କୁହା ଯାଉଛି। ବନ ବିଭାଗର ଦାୟିତ୍ୱହୀନତା ଓ ଚିକିତ୍ସାରେ ଅବହେଳା ଯୋଗୁଁ ମାଖନାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ପ୍ରକାଶ ଥାଉକି ହାତୀଟି ଦୀର୍ଘ ତିନି ମାସ ହେବ ଦନ୍ତା ଆକ୍ରମଣରେ ଗୁରୁତର ଅସୁସ୍ଥ ହୋଇଥିଲା। ହାତୀର ବାମ ଗୋଡ଼ରେ ଗଭୀର କ୍ଷତ ହୋଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଏହା ଜଣା ପଡ଼ିବା ପରେ ବନ ବିଭାଗ ପକ୍ଷରୁ ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ନିୟମିତ ଓ ଉନ୍ନତ ମାନର ଚିକିତ୍ସା ଅଭାବରୁ ହାତୀ ଧୀରେ ଧୀରେ ଦୁର୍ବଳ ହେବା ସହିତ ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡ଼ିବାରେ ଲାଗିଥିଲା। ମାତ୍ର ବନଖଣ୍ଡ ଅଧିକାରୀ ସବୁବେଳେ ତାଙ୍କ ପ୍ରତିକ୍ରିୟାରେ ହାତୀ ସୁସ୍ଥ ଥିବା ଏବଂ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟୁଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। କିନ୍ତୁ ଏପରି ସ୍ଥଳେ ହାତୀର ମୃତ୍ୟୁ ହେବା ବିଭାଗୀୟ ଅବହେଳା ଜଳ ଜଳ ବୋଲି ଅଭିଯୋଗ ହୋଇଛି। ଏଇ ବର୍ଷେ ମଧ୍ୟରେ ଉକ୍ତ ସ୍ଥାନର ଅନତି ଦୂରରେ ଆଉ ଏକ ମାଖନା ହାତୀର ମୃତ୍ୟୁ ହୋଇଥିଲା। ତେବେ ୨/୩ ବର୍ଷ ମଧ୍ୟରେ ତେଲକୋଇ ବନାଞ୍ଚଳରେ ପାଖା ପାଖି ୧୦ ଟି ହାତୀ ବିଭିନ୍ନ କାରଣରୁ ମୃତ୍ୟୁ ବରଣ କରିଛନ୍ତି। ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ତେଲକୋଇ ବନାଞ୍ଚଳ ଏବେ ହାତୀଙ୍କ ଶ୍ମଶାନ ଘାଟ ପାଲଟି ଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ମୃତ ମାଖନାର ବ୍ୟବଚ୍ଛେଦ କରାଯାଇ ଅନ୍ତିମ ସଂସ୍କାର କରାଯିବ ବୋଲି ଜଣା ପଡ଼ିଛି।

## ଶିକ୍ଷକ, କର୍ମଚାରୀଙ୍କ ଧାରଣା; ଶିକ୍ଷାଦାନ ବାଧାପ୍ରାପ୍ତ

ତୁରୁମୁଙ୍ଗା,୮।୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ କେନ୍ଦେଇପଶିର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ର ଶିକ୍ଷକ କର୍ମଚାରୀ ମାନେ ୧୩ ଦଫା ଦାବି ରେ ସୋମବାର ଭୁବନେଶ୍ୱର ଲୋୟର ପି ଏମ ଜି ରେ ଧାରଣା ରେ ବସିଥିବାରୁ ଶିକ୍ଷା ଦାନ ବାଧାପ୍ରାପ୍ତ ହୋଇଛି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିବା ମୋଟ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଠପ୍ ହୋଇଯାଇଛି। ମୋଟ ୧୪ଜଣ ଶିକ୍ଷକ କର୍ମଚାରୀ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଥିବାରୁ ଅବିଭାବକ ଓ ଛାତ୍ରଛାତ୍ରୀ ଚିନ୍ତାରେ ପଡ଼ିଛନ୍ତି। ଏମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ କର୍ମଚାରୀଙ୍କ ପାଇଁ ୟୁନିଫର୍ମ କ୍ୟାଡର ନିୟମ, ସଂଗୀତ, କ୍ରୀଡ଼ ଏବଂ କମ୍ପ୍ୟୁଟର ଶିକ୍ଷକଙ୍କ ପାଇଁ ୪୬୦୦ ଗ୍ରେଡ୍ ପେ' ଲାଗୁ କରିବା, ପ୍ରତ୍ୟେକ ସ୍କୁଲରେ ପିଜିଟି ଓଡ଼ିଆ ପଦବୀ, କଳା ଷ୍ଟ୍ରିମ୍ ଖୋଲିବା, ସ୍କୁଲରେ ପିଜିଟି ହିନ୍ଦୀ ଏବଂ ପିଜିଟି ସଂସ୍କୃତ ପଦବୀ ଆଦି ୧୩ଟି ପ୍ରମୁଖ ଦାବି ନେଇ ଧାରଣାରେ ବସିଛନ୍ତି।

## ୧୦୬ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ

# ଡିଜେ ସାଉଣ୍ଡ ବନ୍ଦ ପାଇଁ ବରିଷ୍ଠ ନାଗରିକଙ୍କ ଗୁହାରି




ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ବାହାଘର ରୋଷଣି ଓ ଭସାଣି ଶୋଭାଯାତ୍ରାରେ ଡିଜେ ସାଉଣ୍ଡ ବ୍ୟବହାର ବନ୍ଦ କରିବା ପାଇଁ ଆନନ୍ଦପୁରର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ହୋଇଛି। ଆନନ୍ଦପୁର ବ୍ଲକ ରାଜୀବଗାନ୍ଧୀ ସଭାଗୃହ ଠାରେ ବିଡିଓ ମନୋଜ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଅଭିଯୋଗ ଶୁଣାଣିରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରି କାର୍ଯ୍ୟକାରୀ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ ୧୦୬ ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅଭିଯୋଗ ମଧ୍ୟରେ ଆଦିବାସୀ ଇଲାକା ସିଙ୍ଗନାଳୀ କେନ୍ଦ୍ରରେ ଛତୁଆ ନିୟମିତ ପହଞ୍ଚୁ ନଥିବା, ଗୋଷ୍ଠୀ ସମସ୍ୟା, ଗ୍ରାମ୍ୟ ସମସ୍ୟା, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ସମସ୍ୟା,ଥିବା ବେଳେ ଆନନ୍ଦପୁର ବ୍ରିଜ ଛକ ନିକଟରେ ଥିବା ବିଦେଶୀ ମଦ ଦୋକାନକୁ ଉଠାଇବା ସହିତ ଆନନ୍ଦପୁରର ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ପ୍ରଦାନ କରାଯାଇଥିଲା। କିଛି ସମସ୍ୟା ଜିଲ୍ଲାପାଳ ସମାଧାନ କରିଥିଲେ, କିଛି ସମସ୍ୟା ଉପସ୍ଥିତ ଥିବା ଅଧିକାରୀଙ୍କୁ ଅବଗତ କରାଇଥିଲେ ଜିଲ୍ଲାପାଳ। ଏହି ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ବିନୋଦ ବିହାରୀ ମିଶ୍ର, ଓ ଆନନ୍ଦପୁର ବନାଧିକାରୀ ପ୍ରଶାନ୍ତ କୁମାର ପଣ୍ଡା, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜଶ୍ରୀ ବେହେରା, ଜିଲ୍ଲା ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରିଣୀ ଭୁବନେଶ୍ୱରୀ ମହାନ୍ତଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଆନନ୍ଦପୁର ଉପଖଣ୍ଡର ଅଧିକାରୀ ଯୋଗ ଦେଇଥିଲେ। ଆଜିର ଏହି ଜନଶୁଣାଣିକୁ ସଫଳ କରିବା ପାଇଁ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଏବଂ ଆନନ୍ଦପୁର ଥାନା ଅଧିକାରୀ ଫନେନ୍ଦ୍ର ଭୂଷଣ ନାଏକ ଉପସ୍ଥିତ ରହି ଜନଶୁଣାଣିକୁ ଶାନ୍ତି ଶୃଙ୍ଖଳାର ସହ ଶେଷ କରିଥିବା ବେଳେ ଆନନ୍ଦପୁର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପାଳି ପ୍ରିୟଦର୍ଶିନୀ ନାୟକ ଏବଂ ବ୍ଲକ୍‌ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଜନଶୁଣାଣିକୁ ପରିଚାଳନା କରିଥିଲେ।

## ୫ ଦିନ ହେଲା 'ମୁଖ୍ୟମନ୍ତ୍ରୀ ବସ୍' ଅଚଳ



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ଡଗର ଛକରେ୫ ଦିନ ଧରି ଅଚଳ ହୋଇ ପଡ଼ିରହିଛି ମୁଖ୍ୟମନ୍ତ୍ରୀ ବସ୍। ଏହି ବସ୍‌ର ବ୍ୟାଟେରି ଖରାପ ହୋଇଯିବା ଯୋଗୁଁ ବସ୍ ଚଳାଚଳ କରିପାରୁ ନାହିଁ। ଫଳରେ ଆନନ୍ଦପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ଅତିକ୍ରମ କରି ଯାଉଥିବା ମୁଖ୍ୟମନ୍ତ୍ରୀ ବସ୍ ଏବେ ଯାତାୟାତ କରିପାରୁନାହିଁ। କଣ୍ଟିପାଳ ଭାୟା ବଳଦୁଆଁ, ମୋଚିନ୍ଦା, ଶାଳବଣି ଦେଇ ଆନନ୍ଦପୁରକୁ ଚାଲୁଥିବା ଏହି ବସ୍ ଅଚଳ ହେବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଫକୀରପୁର ଆକୁଳି ସୁରଙ୍କ ପରଲୋକ

ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁର ବଙ୍ଗାଳି ସାହି ନିବାସୀ ଆକୁଳି ସୁର (୮୬)ଙ୍କ ଆଜି ପ୍ରତ୍ୟୁଷରୁ ପରଲୋକ ହୋଇଯାଇଛି। ସେ ଆଜକୁ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ କାରଣରୁ ଅସୁସ୍ଥ ହୋଇ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ଆଜି ସକାଳୁ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଆଖ ପାଖ ଅଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଫକୀରପୁରର ବହୁ ସାମାଜିକ ଆଧାକିକ ଅନୁଷ୍ଠାନ, ମନ୍ଦିର ଓ ଶିକ୍ଷନୁଷ୍ଠାନ ସହ ଜଡ଼ିତ।

## ବ୍ରାହ୍ମଣ ମହାସଭାର ଦ୍ୱିବାର୍ଷିକ ସମ୍ମିଳନୀ



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ବ୍ରାହ୍ମଣ ମହାସଭାର ଦ୍ୱିତୀୟ ବାର୍ଷିକ ସମ୍ମିଳନୀ ଓ ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଫକୀରପୁର ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପୁରସ୍ତମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୀପ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଶରତ କୁମାର ମିଶ୍ର ଯୋଗଦେଇଥିବାବେଳେ କାର୍ଯ୍ୟକାରୀ ସଭାପତି ଶାନ୍ତନୁ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ପରେ ସଂଯୋଜକ ମଦନ ମିଶ୍ର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ, ଅନ୍ୟତମ ଅତିଥି ଭାବେ ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପାଢ଼ୀ, ଜିଲ୍ଲା ସମ୍ପାଦକ ପ୍ରସନ କୁମାର ନନ୍ଦ, ଦୀନବନ୍ଧୁ ପତି, ଗୋବିନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆୟୋଜକ କମିଟିର ଉପଦେଷ୍ଟା ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜକ କମିଟି ସଦସ୍ୟ ବୁଦ୍ଧଦେବ ପଣ୍ଡା, ମହେଶ୍ୱର ପତି, ବାବୁ ପଣ୍ଡା, ସୁଧାଂଶୁ ମୋହନ ପତି, ପ୍ରମୋଦ କୁମାର ପଣ୍ଡା, ସଙ୍ଘ ସଂଯୋଜକ ମଦନ ମୋହନ ମିଶ୍ର, ସହ ସମ୍ପାଦକ ଆଇନଜୀବୀ ଭାଗୀରଥି ଦାଶ ଯୋଗଦେଇ ଆଲୋଚନା କରିଥିଲେ। ଏଥିରେ ୧୬ ଶାସନ, ୩୨ ପଡ଼ା ଶାସନ ଓ ୬୪ଟି ଉପଶାସନର ବହୁ ମାନ୍ୟଗଣ୍ୟ କର୍ମକାଣ୍ଡବିତ୍ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜକ କମିଟି ସଂଯୋଜକ ହରମୋହନ ପାଢ଼ୀଙ୍କ ପତ୍ନୀ ସୁକାନ୍ତି ପାଢ଼ୀ ୧୫୧ଜଣ ବ୍ରାହ୍ମଣ ବିପ୍ର ଗୋସେଇଁଙ୍କୁ ଉତ୍ତରୀୟ, ଗୀତା ଓ ପଇତା ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ସଙ୍ଘ ଆବାହକ ମଦନ ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକୋତ୍ସବ




ହାଟଡିହୀ,୮।୧୨(ସମିସ): ହାଟଡ଼ିହୀ ବ୍ଲକ୍ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ୧୧ତମ ବାର୍ଷିକ ଉତ୍ସବ ଏବଂ ସିବିଏସ୍‌ଇ ଆଫିଲେସନ୍ ଦିବସ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟଅତିଥି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ କମଳ ଲୋଚନ ବିଶ୍ୱାଳ, ଏଆଇଏଫ୍‌ଇଏର ସମ୍ପାଦକ ତଥା ଆଓଲୋଷ୍ଟାନ ଯୁଗ୍ମ ମୁଖ୍ୟ ଉପଦେଷ୍ଟା, ଅବସରପ୍ରାପ୍ତ ବିଇଓ ଭୋଗରାଇ, ସମ୍ମାନିତ ଅତିଥି ଭାବେ ହାଟଡ଼ିହୀ ବିଇଓ ରାଜୀବ କୁମାର ଦଳେଇ, ପ୍ରତିଷ୍ଠାତା ନରେନ୍ଦ୍ର ନାଥ କର, ଭଦ୍ରକ ଜିଲ୍ଲା ଭିଜିଲାନ୍ସ ଡିଏସ୍‌ପି, ଦୁଷ୍ମନ୍ତ କୁମାର ନାୟକ, ସମାଜସେବୀ ଆଲୋକ କୁମାର ସେଠୀ, ଚିନ୍ମୟ ବେହେରା, ଯୁଗ୍ମ ସମ୍ପାଦକ, ଓଡ଼ିଶା ତାଇକୋଣ୍ଡା ସଂଗଠନ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ତଥା ସଭାପତି ଉଦୟନାଥ କର, ବିଦ୍ୟାଳୟର ଅଧ୍ୟକ୍ଷ ଅମିତ୍ କୁମାର ସିଂ ଓ ବିଦ୍ୟାଳୟର ଉପାଧ୍ୟକ୍ଷ ଗୋଲକ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ବାର୍ଷିକ ପତ୍ରିକା ୨୦୨୫-୨୬ "ଉଦୟ' ଉନ୍ମୋଚନ କରାଯାଇଥିଲା। ବିଦ୍ୟାଳୟର ପରିଚାଳକ ଶ୍ରୀ କର ଆଗାମୀ ଦିନରେ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ କିଭଳି ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଇ ପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସିଂ ଆଜିର ସ୍ମାର୍ଟବୋର୍ଡ ମାଧ୍ୟମରେ ଶିକ୍ଷାପ୍ରଦାନ କରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଜଣେ କୃତୀ ପ୍ରତିଯୋଗୀ ହୋଇପାରିବେ ତାହା ଦର୍ଶାଇଥିଲେ। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସିଂ, ଶିକ୍ଷକ ପାର୍ଥ ସାରଥୀ ଜେନା ଏବଂ ଦୁଇ ଦିବ୍ୟାଙ୍ଗ ଭାଇ ନୃସିଂହ ଚରଣ ଜେନା ଓ ରଞ୍ଜନ ପଣ୍ଡାଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶିକ୍ଷକ ପାର୍ଥ ସାରଥୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ଗୀତ ଓ ସଂଗୀତ ପରିବେଷିତ ହୋଇଥିଲା। ବିଦ୍ୟାଳୟର ୧୧ତମ ବାର୍ଷିକ ଉତ୍ସବ ଏବଂ ସିବିଏସ୍‌ଇ ଆଫିଲେସନ୍ ଦିବସ ଉତ୍ସବଟିକୁ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ରାଜେଶ ବେହେରା, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହକର୍ମୀ ବିଜୟ କୁମାର ପହି, ପାର୍ଥ ସାରଥୀ ଜେନା, ଦେବାଶିଷ ରାଉତ, ଦୟାନିଧି ଚିନରା, ପ୍ରଶାନ୍ତ କୁମାର ଦାସ, ହିମାଂଶୁ ରଞ୍ଜନ ବାରିକ୍, ବ୍ରହ୍ମାନନ୍ଦ ମଲ୍ଲିକ, ସୁନୀଲ୍ କୁମାର ରାଉତ, ସଂଗ୍ରାମ କେଶରୀ ପଟ୍ଟନାୟକ, ସୁଦୀପ୍ତ ଦାଶ, ବ୍ରହ୍ମାନନ୍ଦ ମଲ୍ଲିକ, ଉମାକାନ୍ତ ରାଉତ, ନିରଞ୍ଜନ ବାରିକ୍, ବାଦଲ ଜେନା, ତନୁଶ୍ରୀ ତନୟା ପହି, ଉର୍ମୀ ମହାନ୍ତି, ଶୁଭଶ୍ରୀ ପଣ୍ଡା, ବିଷ୍ଣୁପ୍ରିୟା ଦାଶ, ପ୍ରୀତିନନ୍ଦା ମଲ୍ଲିକ, ଭାଗ୍ୟଶ୍ରୀ ସାହୁ, ବିଶ୍ୱଭାରତୀ ମିଶ୍ର, ଚିନ୍ମୟୀ ସାହୁ, ଏସ୍‌ବି ସାଇମଗ୍ନା, ସସ୍ମିତା କର, ସାଇକ୍ରିଷ୍ଟା ଜେନା, ମୋନାଲିସା ବାରିକ୍, ତନୁଶ୍ରୀ ତନୟା ଓଝା, ଇପ୍ସିତା ମିଶ୍ର, ମଞ୍ଜୁଲତା ଖୁଣ୍ଟିଆ, ଉର୍ମିଳା ସେଠୀ ଓ ମନୋରମା ସେଠୀଙ୍କ ସହଯୋଗ କରିଥିଲେ।

## ଆନନ୍ଦପୁରରେ ସାଇବର ଠକେଇ; ୩ ଗିରଫ



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ସାଇବର ଠକେଇ ଦିନକୁ ଦିନ ବଢ଼ିଚାଲିଥିବାରୁ କେନ୍ଦୁଝର ଏସ୍‌ପିଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଥିବା ବେଳେ ପୁଲିସ ପଞ୍ଝାରେ ମାଷ୍ଟର ମାଇଣ୍ଡ କୁହାଯାଉଥିବା ୩ ଜଣ ଠକ ଧରାପଡ଼ିଛନ୍ତି। ଏ ନେଇ ପୁଲିସ ତନାଘନା ଆରମ୍ଭ କରିଛି। ସାଇବର ଠକାମୀର ଶିକାର ହୋଇଥିବା ନେଇ ଏକ ଅଭିଯୋଗ ମିଳିବା ପରେ ନନ୍ଦିପଦା ଥାନା ଅଧିକାରୀ ସୁଶାନ୍ତ ଶାନ୍ତି ଅନୁସନ୍ଧାନ କରି ଏଥିରେ ଜଡ଼ିତ ଥିବା ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳର ଖଡ଼ିଶିଙ୍ଗା ଗ୍ରାମର ଧ୍ରୁତି ସୁନ୍ଦର ସ୍ୱାଇଁଙ୍କୁ ଗିରଫ କରିଥିଲେ। ପରେ ତଦନ୍ତ କାଳରେ ଆନନ୍ଦପୁର ଓ ଘସିପୁରା ଅଞ୍ଚଳରୁ ପ୍ରାୟ ୫ ଲକ୍ଷ ଟଙ୍କାର ଠକେଇ ହୋଇଥିବା ସୁରାକ୍ ମିଳିଥିଲା। ଏହି ଘଟଣରେ ଘସିପୁରା ଥାନା ଅନ୍ତର୍ଗତ ଖଡ଼ବିଲ ଗ୍ରାମର ହରିହର ଜେନା ଓ ବିକାଶ ଜେନା ପ୍ରତ୍ୟକ୍ଷ ଭାବେ ସମ୍ପୃକ୍ତ ଥିବା ତଦନ୍ତବେଳେ ଜାଣିପାରି ପୁଲିସ ଗିରଫ କରିଥିବା ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା ଓ ଘସିପୁରା ଥାନା ଅଧିକାରୀ କିଶୋର କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ଟ୍ରକ୍ ଦୁର୍ଘଟଣାରେ ଯୁବକ ମୃତ

ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର-କରଞ୍ଜିଆ ରାସ୍ତାର ଚିଆଁବେଡା ନିକଟସ୍ଥ ଘୋଳାଗୁଳିଆ ନିକଟରେ ଏକ ବାରଚକିଆ ଟ୍ରକ୍ ଧକାରେ କୁଣ୍ଡାକୋଟ ଗ୍ରାମର ଜଗନ୍ନାଥ ବେହେରାଙ୍କ ମୃତ୍ୟୁ ହୋଇଛି। ତାଙ୍କ ସାଥୀରେ ଥିବା ସେହି ଗ୍ରାମର ସତ୍ୟ ଖିଲାର ଆହତ ହୋଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାଯାଇଛି। ମୃତାହତ ଦୁଇଜଣ ଏକ ବାଇକ୍‌ୟରେ ପଣସଡିହାରୁ ଫେରୁଥିବା ବେଳେ ରାସ୍ତାରେ ଟ୍ରକ୍ ଧକ୍କା ଦେଇଥିଲା। ମୃତଦେହକୁ ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାରେ ରଖିଛି।

## ସରକାରୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର




କେନ୍ଦୁଝର,୮।୧୨(ସମିସ): ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରର ଯୁବ ରେଡକ୍ରସ ଓ ରେଡ୍ ରିବନ୍ ସମିତିର ମିଳିତ ସହଯୋଗରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଲଳିତ ରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ ଉକ୍ତ ଶିବିରକୁ ଉଦ୍‌ଘାଟନ କରି ରକ୍ତଦାନ ଏକ ମହତ କାର୍ଯ୍ୟ ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ରମାକାନ୍ତ ମୁଣ୍ଡାଙ୍କ ତତ୍ତ୍ୱାବଧାନତାରେ ଓ ବ୍ଲଡ୍‌ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ରେଡକ୍ରସ୍ ସଂସ୍ଥା କାର୍ଯ୍ୟକାରୀ ଅଧିକାରୀ ଡ. ମୋନାଲିସା ଦାସ, ରେଡ୍ ରିବନ୍ କ୍ଲବ୍ ଅଧିକାରୀ ଡ. ବାଣିଶ୍ରୀ ଦାଶ, ଜାତୀୟ ସେବା ଯୋଜନା ଅଧିକାରୀ ଡ. ନିବେଦିତା ଦାସ ଏବଂ ସୁସ୍ମିତା ମଞ୍ଜରୀ ନାଏକ, ସୁମିତା ହାଁସଦା, ଗୀତାଞ୍ଜଳି ନାଏକ ପମୁଖ କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଇଥିଲେ। ଶିବିର ସୁପରିଚାଳନାରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଚିତ୍ତ ରଞ୍ଜନ ସାହୁ, ଶିକ୍ଷାନୁଷ୍ଠାନର ବ୍ୟବସ୍ଥାପକ ଅଧିକାରୀ ଡ. ବିଷ୍ଣୁ ଚରଣ ଦାସ, ଶିକ୍ଷା ବିଭାଗୀୟ ମୁଖ୍ୟ ଡ. ରାମଚନ୍ଦ୍ର ମଲ୍ଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଛାତ୍ରୀ ଗାୟତ୍ରୀ ଜେନା, କୌଶଲ୍ୟା ନାଏକ, ଜୟସ୍ମିତା କୁଅଁର, ସାନିଆ ପରିଡ଼ା, ମିନାକ୍ଷୀ ଦେହୁରୀ ଶିବିର ସୁପରିଚାଳନାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକାଙ୍କ ଦ୍ୱାରା ମୋଟ ୫୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ଆନନ୍ଦପୁର ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଆନନ୍ଦପୁର,୮।୧୨(ସମିସ): ଆନନ୍ଦପୁର ମହାବିଦ୍ୟାଳୟର ୬୨ ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଭିମନ୍ୟୁ ସେଠୀ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଓ ଅଧ୍ୟାପକ ରଘୁ ଦୀପ୍ତି ନାୟକଙ୍କ ସଂଯୋଜନାରେ ବିଶେଷ ଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଫେସର ନୃସିଂହ ଚରଣ ନନ୍ଦ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ନିରାକାର ସାହୁ, ଡକ୍ଟର ନିମାଇଁ ଚରଣ ରାଉତ, ଡ. ଶକ୍ତି ପ୍ରସାଦ ମହାପାତ୍ର, ଦୁର୍ଗା ଶଙ୍କର ପରିଡ଼ା, ଶ୍ରୀଲେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ସଂସଦର ଉପସଭାପତି ଡକ୍ଟର ବଶିଷ୍ଟ କୁମାର ବେହେରା ପ୍ରାରମ୍ଭରେ ଅତିଥି ପରିଚୟ ପ୍ରଦାନ କରିଥିଲେ। ସର୍ବପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ପରେ ଅଧ୍ୟକ୍ଷ ଡକ୍ଟର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରବୋଧ କୁମାର ବିଶ୍ୱାଳ କ୍ରୀଡ଼ା ପରିଚାଳନା କରିଥିଲେ। ୧୦୦ ମିଟର ଦୌଡ ପ୍ରତିଯୋଗିତା, ଲଙ୍ଗ ଜମ୍ପ, ପୁଟିଂ ଦି ସର୍ଟ, ଆଦି କ୍ରୀଡ଼ାକୁ ବିଶ୍ୱଜିତ୍ ରାଉତ, ଓଜେଲ୍ ପଟ୍ଟନାୟକ, ରଞ୍ଜନ ନାୟକ, ମଧୁସ୍ମିତା ସାହୁ, ଭାରତୀ ସାହୁ, ଆରତୀ ଲୁଗୁନ୍, ମିତଶ୍ରୀ ବେହେରା, ହେମା ଗୁପ୍ତା, ସୁରୁଚି ସ୍ୱାଇଁ, ମମତା ମିଶ୍ର, ତନୁ ଶ୍ରୀ ପଣ୍ଡା, ଆଦ୍ୟଦେବ ମହାନ୍ତି, ପ୍ରକାଶ କୁମାର ସାହୁ, ପ୍ରଦୀପ କୁମାର ପୂର୍ତ୍ତି, କାହ୍ନୁ ଚରଣ ଜେନା, ଦେବାଶିଷ ଆଚାର୍ଯ୍ୟ, ଡକ୍ଟର ଉତ୍ତମ କୁମାର ପାଣିଗ୍ରାହୀ, ବିଜୟ କୁମାର ସାହୁ, ଉପେନ୍ଦ୍ର କୁମାର ମିଶ୍ର, ରତିକାନ୍ତ ଦାସ, ସବିନ ଆର ବେଗମ, ନିହାରିକା ପାତ୍ର, ସୂର୍ଯ୍ୟମଣି ଜେନା, ପୁଷ୍ପଲତା ରାମ, ସତ୍ୟବ୍ରତ ସ୍ୱାଇଁ, ସୁବ୍ରତ ପରିଡ଼ା, ସୁବ୍ରତ ସାହାଣୀ, ନାରାୟଣ ହେମ୍ବ୍ରମ, ପ୍ରତାପ କଅଁର, ବିଶ୍ୱରଞ୍ଜନ ସାହୁ, ଅଜିତ ଜେନା, ପାର୍ଥ ସାରଥି ଶଙ୍ଖୁଆ, ମନୋଜ କୁମାର ନାୟକ, ନରେଶ ସାହା ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପିକା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ନିମ୍ନମାନର ଛତୁଆକୁ ନେଇ ବଢୁଛି ଅସନ୍ତୋଷ

ବାରିପଦା,୮।୧୨(ସମିସ)




- ବିଧାନସଭାରେ ପ୍ରଶ୍ନର ଉତ୍ତର ରଖିଲେ ଉପମୁଖ୍ୟମନ୍ତ୍ରୀ
- ୫ ବର୍ଷରେ ୫ଥର ସତର୍କ ନୋଟିସ୍
- ମୟୂରଭଞ୍ଜର ୨ ଏସ୍ଏଚ୍‌ଜି କଳା ତାଲିକାଭୁକ୍ତ

ମୟୂରଭଞ୍ଜ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକା ଓ ଶିଶୁଙ୍କୁ ପ୍ରଦାନ କରାଯାଉଥିବା ଛତୁଆର ମାନ ଓ ଗୁଣବତ୍ତା ନିମ୍ନମାନର ବୋଲି ଜଣାପଡ଼ିଛି। ଛତୁଆର ନମୁନା ପରୀକ୍ଷାକୁ ନେଇ ବିଧାୟକ ଅମର କୁମାର ନାୟକଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦେଇଥିବା ତଥ୍ୟ ଏହାକୁ ପ୍ରମାଣିତ କରିଛି। ବିଗତ ୫ ବର୍ଷ(୨୦୨୦-୨୪) ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଛତୁଆ ଯୋଗାଉଥିବା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କୁ ୫ଥର ସତର୍କ ନୋଟିସ ଦିଆଯାଇଥିବା ବେଳେ ଉକ୍ତ ୨ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ କଳା ତାଲିକାଭୁକ୍ତ କରାଯାଇଛି ବୋଲି ଜଣାପଡ଼ିଛି। ଉକ୍ତ ୨ ଏସଏଚ୍‌ଜି ହେଲେ ବଡ଼ସାହି ବ୍ଲକ୍ ଖାନୁଆର ବାଣିଶ୍ରୀ ଏବଂ ତିରିଂ ବ୍ଲକ୍‌ର ମା' ମନସା ଏସ୍ଏଚ୍‌ଜି। ସେହିପରି ନିମ୍ନମାନର ଛତୁଆ ଯୋଗାଣକୁ ନେଇ ଗତ ଜିଲ୍ଲା ପରିଷଦ ବୈଠକରେ ସଦସ୍ୟମାନେ ପ୍ରଶ୍ନ ଉଠାଇବା ପରେ ବିଭାଗ ପକ୍ଷରୁ ନମୁନା ସଂଗ୍ରହ ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ ପରୀକ୍ଷାଗାରକୁ ପଠାଯାଇଛି। ଫଳରେ ପୁଷ୍ଟିକର ଖାଦ୍ୟ ଯୋଗାଣ ଦ୍ୱାରା ଜିଲ୍ଲାରେ ଶିଶୁ ଓ ମାତୃ ମୃତ୍ୟୁ ରୋକିବା ଯୋଜନା ବାଟବଣା ହୋଇଛି।

ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଉପଯୁକ୍ତ ଶିକ୍ଷା ଓ ପୋଷଣକୁ ନେଇ ଗୁରୁତ୍ୱ ଦିଆଯାଉଛି। ୨୬ଟି ବ୍ଲକ୍, ୪ଟି ବିଜ୍ଞପିତ ଅଞ୍ଚଳରେ ମୋଟ୍ ୫୧୫୩ଟି ଅଙ୍ଗନବାଡ଼ି କେନ୍ଦ୍ର ଚାଲୁ ରହିଛି। ଏହି କେନ୍ଦ୍ର ମାଧ୍ୟମରେ ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀମାନଙ୍କୁ ଦିଆଯାଉଥିବା ପୋଷଣ ଓ ଛତୁଆ ଯୋଗାଣ କରାଯାଉଛି। ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ମୟୂରଭଞ୍ଜରେ ବର୍ତ୍ତମାନ ୧୮ ହଜାର ୩୧ ଗର୍ଭବତୀ, ୧୨ ହଜାର ୪୫୫ ପ୍ରସୂତି, ୩ ବର୍ଷରୁ ୬ ବର୍ଷ ୮୨ ହଜାର ୫୧୮ ଶିଶୁଙ୍କୁ ମିଶାଇ ମୋଟ ୧ଲକ୍ଷ ୧୩ହଜାର ୪ଜଣଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ ଦିଆଯାଉଛି। ଏ ବାବଦରେ ପ୍ରତି ମାସରେ ସରକାରୀ ତହବିଲ୍‌ରୁ ୨ଲକ୍ଷ ୯୧ହଜାର ୭୦୧ ଟଙ୍କା ପ୍ରଦାନ କରାଯାଉଛି। ମାତ୍ର ଛତୁଆର ମାନ ଅତ୍ୟନ୍ତ ଖରାପ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଅପରିଷ୍କାର, ଫିମ୍ପିଲଗା, ପୋକ ସାଲୁବାଲୁ ବାଦାମ ମିଠେଇ, ଅସ୍ୱାସ୍ଥ୍ୟକର ଛତୁଆ ପ୍ରଦାନ କରାଯାଉଥିବାରୁ ତାହାକୁ ଅନେକ ଖାଇ ଅସୁସ୍ଥ ହେଉଥିବାବେଳେ ଅନେକ ଏହାକୁ ବ୍ୟବହାର ନ କରି ଗାଈଗୋରୁଙ୍କୁ ଦେଇଦେଉଛନ୍ତି ବୋଲି ଅଭିଯୋଗ ହୋଇଥିଲା। ତେବେ ବିଧାନସଭା ପ୍ରଶ୍ନକାଳରେ ବିଧାୟକଙ୍କ ଅଣତାରକା ପ୍ରଶ୍ନ ୨୪୦୭ ଅନୁଯାୟୀ, ଜିଲ୍ଲାର ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ୫ବର୍ଷ ମଧ୍ୟରେ ନିମ୍ନମାନର ଛତୁଆ ଯୋଗାଣକୁ ନେଇ ମହିଳା ଓ ଶିଶୁ ବିଭାଗ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉତ୍ତରରେ ସ୍ପଷ୍ଟ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ଯୋଗାଣକାରୀ ୨ ସ୍ୱୟଂ ସହାୟିକା ଗୋଷ୍ଠୀକୁ ୫ ଥର ଚେତାବନୀ ଦେବା ପରେ କଳାତାଲିକାଭୁକ୍ତ କରାଯାଇଛି ବୋଲି ଉତ୍ତରରେ ଜଣାଇଛନ୍ତି। ଏପରିକି ପ୍ରତି ମାସର ୨୩ ତାରିଖକୁ ଛତୁଆ ମିଶ୍ରଣ ଦିବସ ଓ ୧ ତାରିଖକୁ ଛତୁଆ ବିତରଣ ଦିବସ ରୂପେ ସ୍ଥିର କରାଯାଇଛି। ଛତୁଆର ମାନ ସୁନିଶ୍ଚିତ କରିବା ପାଇଁ ଛତୁଆ ପ୍ରସ୍ତୁତିବେଳେ ସୁପରଭାଇଜର ବ୍ୟତୀତ ଜିଲ୍ଲା ଓ ବ୍ଲକ୍‌ସ୍ତରର ବିଭିନ୍ନ ଅଧିକାରୀମାନେ ପ୍ରସ୍ତୁତି କେନ୍ଦ୍ରରେ ଉପସ୍ଥିତ ରହି ନିରୀକ୍ଷଣ କରିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଖାଦ୍ୟର ମାନ ବଜାୟ ରଖିବା ପାଇଁ ଗ୍ରାମସ୍ତରରେ ଯାଞ୍ଚ କମିଟି ଓ ମାତୃ କମିଟି ମଧ୍ୟ ତଦାରଖ କରିବାର ବ୍ୟବସ୍ଥା ରହିଛି। ଛତୁଆର ମାନ ଓ ଗୁଣବତ୍ତା ପରୀକ୍ଷା କରିବା ପାଇଁ ପ୍ରତି ମାସରେ ପ୍ରୋଜେକ୍ଟ ସ୍ତରରୁ ଛତୁଆ ନମୁନାକୁ ଖାଦ୍ୟ ପରୀକ୍ଷଣ ସଂସ୍ଥାନ ଭୁବନେଶ୍ୱରକୁ ପଠାଯାଉଛି। ତେବେ ଜିଲ୍ଲାରେ ଛତୁଆର ମାନକୁ ନେଇ ସେ ଦାୟିତ୍ୱ ନେବାର ଏକ ବର୍ଷ ମଧ୍ୟରେ ପରୀକ୍ଷଣ କେନ୍ଦ୍ରରୁ କୌଣସି ଅଭିଯୋଗ ଆସିନାହିଁ ବୋଲି ମହିଳା ଓ ଶିଶୁ ବିକାଶ ଯୋଜନାର ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ନିହାରିକା ମହାନ୍ତି ପ୍ରକାଶ କରିଛନ୍ତି। ଜିଲ୍ଲାର କୌଣସି କେନ୍ଦ୍ରରେ ଛତୁଆକୁ ନେଇ ଅଭିଯୋଗ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଧାର୍ଯ୍ୟ ତାରିଖରେ ଛତୁଆ ପ୍ରଦାନ କରାଯାଉଥିବା ବେଳେ କେନ୍ଦ୍ର ପକ୍ଷରୁ ବାଣ୍ଟିବା ବିଳମ୍ବ ଯୋଗୁଁ ଏଭଳି ପରିସ୍ଥିତି ଉପୁଜିବାରେ ଲାଗିଥିବା ନେଇ ଏକ ଯୋଗାଣକାରୀ ସଂସ୍ଥା ପକ୍ଷରୁ ଜଣାପଡ଼ିଛି। ଛତୁଆ ପ୍ରସ୍ତୁତ କେନ୍ଦ୍ର, ଯୋଗାଣ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ମହଜୁଦ ଛତୁଆ ସମ୍ପର୍କିତ ନିୟମିତ ତଦନ୍ତରେ ଜନପ୍ରତିନିଧିଙ୍କୁ ସାମିଲ୍ ପାଇଁ ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ ଦାବି କରିଛନ୍ତି।

## ଶଶୁର ଘରେ ନବବଧୂର ଝୁଲନ୍ତା ମୃତଦେହ ଉଦ୍ଧାର

ବିଶୋଇ,୮।୧୨(ସମିସ): ବିଶୋଇ ଥାନା ଅନ୍ତର୍ଗତ ଜାମିରଡିହା ମାଣିଚ ଗ୍ରାମରେ ନିଜ ଶଶୁର ଘରୁ ଏକ ନବବଧୂର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ଥାନା ଷେଣ୍ଡସୋର ଗ୍ରାମର ଶିରିଷ ସିଂଙ୍କ ଝିଅ ସରସ୍ୱତୀ(୧୯)।



ସୂଚନା ଅନୁସାରେ, ସରସ୍ୱତୀ ୯ ମାସ ପୂର୍ବରୁ ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତର ଜାମିରଡିହା ମାଣିଚ ଗ୍ରାମର ନରେନ୍ଦ୍ର ଧଳଙ୍କ ପୁଅ ପ୍ରାଣବନ୍ଧୁଙ୍କୁ ବିବାହ କରିଥିଲେ। ପ୍ରାଣବନ୍ଧୁ ଯୋଡ଼ାରେ ରହି କାମ କରୁଥିବାବେଳେ ଗାଁ ଘରେ ସରସ୍ୱତୀ ନିଜ ବୃଦ୍ଧ ଶଶୁର ନରେନ୍ଦ୍ରଙ୍କ ସହିତ ରୁହନ୍ତି। ସୋମବାର ସକାଳେ ସରସ୍ୱତୀ ନିଜ ବେଡ୍‌ରୁମ୍‌ରୁ ବାହାରକୁ ବାହାରିବାର ଦେଖିବାକୁ ନ ପାଇ ନରେନ୍ଦ୍ର ପଡ଼ୋଶୀଙ୍କୁ ଡାକିଥିଲେ। ବେଡ୍‌ରୁମ୍‌ର ମୁଖ୍ୟ ଦ୍ୱାର ଭିତରପଟୁ ବନ୍ଦ ଥିବାରୁ ପଡ଼ୋଶୀ ଲୋକେ ଝରକା ଭାଙ୍ଗି ଦେଖିବାରୁ ବେକରେ ଓଢ଼ଣୀ ଗୁଡ଼ାଇ ହୋଇ ଆଜ୍‌ବେଷ୍ଟସ ଲୁହା ରୋଳାରେ ଝୁଲନ୍ତା ଅବସ୍ଥାରେ ସରସ୍ୱତୀଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ସରସ୍ୱତୀଙ୍କ ଶଶୁର ଘର ଲୋକେ ବିଶୋଇ ଥାନାକୁ ଖବର ଦେଇଥିଲେ। ସରସ୍ୱତୀଙ୍କ ବାପ ଘର ଲୋକ ମଧ୍ୟ ବିଶୋଇ ଥାନାକୁ ଆସି ଏକ ଲିଖିତ ଅଭିଯୋଗ ଦେଇଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହରୁ ଝିଅର ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ମଙ୍ଗଳବାର ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ସୂଚନା ମିଳିଛି।

ମୟୂରଭଞ୍ଜ ମହୋତ୍ସବର ୮ମ ସନ୍ଧ୍ୟା

# ଝୁମର ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ




ବାରିପଦା,୮।୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୮ମ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ତହସିଲ୍‌ଦାର ସପନ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଟିପିଏନ୍‌ଓଡିଏଲ୍‌ର ଅଧୀକ୍ଷଣ ଯନ୍ତ୍ରୀ ଦେବୀଦତ୍ତ ପଣ୍ଡା, ମହୋତ୍ସବ କମିଟିର ଅଧ୍ୟକ୍ଷ ଅସିତ୍ ବରଣ ପତି, ସଭାପତି କୃଷ୍ଣାନନ୍ଦ ମହାନ୍ତି, ଉପସଭାପତି ସଞ୍ଜୀବ କୁମାର ଦ୍ୱିବେଦୀ, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ତଥା ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ମୟୂରଭଞ୍ଜ ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ପାଇଁ ଏକ ଅଭିନବ ପ୍ରୟାସ ହେଉଛି ମୟୂରଭଞ୍ଜ ମହୋତ୍ସବ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଧରି ମହୋତ୍ସବ ଚାଲିବ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲାର ସଙ୍ଗୀତ ଓ ନୃତ୍ୟ ପ୍ରତିଷ୍ଠାନ କଳାକାରଗଣ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟ ଆକର୍ଷଣ କୁଡମାଲୀ କଳାକାର ଗୌତମ ଓ ପମି ଝୁମର ନୃତ୍ୟଗୀତରେ ଦର୍ଶକଙ୍କୁ ବିଭୋର କରିଥିଲେ। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ୯ମ ସନ୍ଧ୍ୟାରେ କଳ୍ପନା ହାଁସଦା ଓ ସାଥୀ ଆଦିବାସୀ ନୃତ୍ୟଗୀତ ପରିବେଷଣ କରିବେ।

## ତହସିଲ୍ କ୍ୟାଣ୍ଟିନ ନେଇ ଅସନ୍ତୋଷ
# ହୋଇପାରିଲାନି କ୍ୟାଣ୍ଟିନ୍ ଉଦ୍‌ଘାଟନ

ରାଇରଙ୍ଗପୁର,୮।୧୨(ସମିସ): ରାଇରଙ୍ଗପୁରସ୍ଥିତ ଉପଜିଲ୍ଲାପାଳ ଓ ତହସିଲ୍ କାର୍ଯ୍ୟାଳୟ ପରିସରରେ ନବନିର୍ମିତ ତହସିଲ୍ କ୍ୟାଣ୍ଟିନକୁ ନେଇ ଅସନ୍ତୋଷ ପ୍ରକାଶ ପାଇବାରୁ ଉଦ୍‌ଘାଟନ ହୋଇପାରିଲା ନାହିଁ। କ୍ୟାଣ୍ଟିନ ସ୍ଥାପନ ନେଇ ବିବାଦ ଦେଖାଦେଇଥିବା ବେଳେ ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା। ସୂଚନା ଅନୁଯାୟୀ, ଓକିଲ ସଂଘ ପକ୍ଷରୁ ଉକ୍ତ ସ୍ଥାନରେ କ୍ୟାଣ୍ଟିନ ପୂର୍ବରୁ କରାଯାଇଥିଲା। କିନ୍ତୁ ରାଇରଙ୍ଗପୁର ତହସିଲ୍‌ଦାର କାହା ସହିତ ଆଲୋଚନା ନ କରି କ୍ୟାଣ୍ଟିନ ଅନ୍ୟ କାହାକୁ ଟେଣ୍ଡର ଦେଇଛନ୍ତି। ଯାହାକୁ ନେଇ ସୋମବାର ଉକ୍ତ ତହସିଲ୍ କ୍ୟାଣ୍ଟିନକୁ ଜିଲ୍ଲାପାଳ ହେମକାନ୍ତ ସୟ ଉଦ୍‌ଘାଟନ କରିବାକୁ ଯାଇଥିଲେ। ଉକ୍ତ ସମୟରେ ଓକିଲ ସଂଘ ସଭାପତି ଅକ୍ଷୟ ମହାନ୍ତିଙ୍କ ନେତୃତ୍ୱରେ ଅନ୍ୟ ଓକିଲମାନେ ଜିଲ୍ଲାପାଳଙ୍କୁ ଭେଟି ସମସ୍ୟା ବାବଦରେ ଜଣାଇଥିଲେ। ତହସିଲ୍‌ଦାରଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଅଭିଯୋଗ ଜଣାଇଥିଲେ। ରାଇରଙ୍ଗପୁର ପୁଲିସ ଜିଲ୍ଲା ହେବାକୁ ଥିବାବେଳେ ଆଗକୁ କୋର୍ଟ ବିଲ୍ଡିଂ ନିର୍ମାଣ ହେବାର ସମ୍ଭାବନା ରହିଛି। ତେବେ ସରକାରୀ ଜମିକୁ ଏହିପରି କ୍ୟାଣ୍ଟିନ୍ କରି ଆୟତ୍ତ କରିବାକୁ ବିରୋଧ କରିଥିଲେ। ଏନେଇ ଜିଲ୍ଲାପାଳ ଓକିଲମାନଙ୍କ ସହ ଆଲୋଚନା କରି କ୍ୟାଣ୍ଟିନ ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏନେଇ ଆଲୋଚନା କରି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ସୟ କହିଛନ୍ତି। ଯାହାକୁ ନେଇ ତହସିଲ୍ କ୍ୟାଣ୍ଟିନ ଉଦ୍‌ଘାଟନ ହୋଇପାରିଲା ନାହିଁ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ
# ବ୍ଲକ୍‌ସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା

ବାରିପଦା,୮।୧୨(ସମିସ): ସ୍ଥାନୀୟ ପାଲବାଣୀସ୍ଥିତ ଲେଡି ହାମିଲ୍‌ଟନ ଉଚ୍ଚ ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅବସରରେ ବାରିପଦା ବ୍ଲକ୍‌ସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଳିନୀ ଚୌଧୁରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ବ୍ରଜମୋହନ ମୁର୍ମୁ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିନାରାଣୀ ପାତ୍ର ଉପସ୍ଥିତ ଥିଲେ। ସିନିୟର ବିଭାଗରେ ପୁଲିସ ଉଚ୍ଚ ବିଦ୍ୟାଳୟର ରିତେଶ ଦ୍ୱାରୀ ପ୍ରଥମ ଓ ଶେଖ୍ ଅବ୍‌ଦୁଲ ଆୟନ ରାୟ ଦ୍ୱିତୀୟ, ଏମ୍‌ପିକେ ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧାସୁମନ ଜେନା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜୁନିୟର ବିଭାଗରେ ବିସିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭୂମି କଲିଆ, ଲେଡି ହାମିଲ୍‌ଟନ ଉଚ୍ଚ ବିଦ୍ୟାଳୟର ମହେଶ୍ୱର ପ୍ରଧାନ ଦ୍ୱିତୀୟ, ବିସିପୁର ଉଚ୍ଚ ବିଦ୍ୟାଳୟର ଅମ୍ବିକା ନାଏକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସବ୍ ଜୁନିୟର ବିଭାଗରେ ଲେଡି ହାମିଲ୍‌ଟନ ଉଚ୍ଚ ବିଦ୍ୟାଳୟର ତୀର୍ଥ ଦ୍ୱିତୀ କୃତି ସୁନ୍ଦର ମହାନ୍ତ ୧ମ, ତୁଳସୀଚଉରା କଲୋନୀସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରୟାସ କୁମାର ଜେନା ୨ୟ ଓ ବିସିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆୟୁଷ ନାଏକ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ମନୋଜ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



# 'ଓଷ୍ଟା' ବାରିପଦା ମ୍ୟୁନିସିପାଲିଟି ଓ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

ବାରିପଦା,୮।୧୨(ସମିସ): ବାରିପଦାର ବିଦ୍ୟାବିହାର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା) ଆନୁକୂଲ୍ୟରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବ୍ଲକ୍ ସମ୍ପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା ଉଦ୍‌ଘାଟନ କରିଥିଲେ। ବ୍ଲକ୍‌ର ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରୁ ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପଲିଖନ, କବିତା ରଚନା, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜ୍ ପରି ୧୦ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାକୁ ବିଦ୍ୟାବିହାରର ସମସ୍ତ ଶିକ୍ଷକ କର୍ମଚାରୀଙ୍କ ସହିତ ଭାଗନେଇଥିବା ବିଦ୍ୟାଳୟର ଶିକ୍ଷକମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବ୍ଲକ୍ ଉପସଭାପତି ସୁରଥ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ ଯୋଗଦେଇ 'ଓଷ୍ଟା'ର ଛାତ୍ରାଭିମୁଖୀ କାର୍ଯ୍ୟକ୍ରମ ଯଥା- ମେଧା ଅନ୍ୱେଷଣ ଓ ପ୍ରତିଭା ଅନ୍ୱେଷଣ କଥା ବର୍ଣ୍ଣନା କରିବା ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ମୋଟ୍ ୧୦ଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଆସନ୍ତା ୧୩ ଓ ୧୪ ତାରିଖରେ ବଡ଼ସାହି ବ୍ଲକ୍‌ର ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣର ସୁଯୋଗ ପାଇବେ। ଶେଷରେ ବ୍ଲକ୍ ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁଧୀର ସାହୁ, ଶିକ୍ଷକ ସରୋଜ ରାମ, ଜ୍ୟୋତିରଞ୍ଜନ ଗିରି ପ୍ରମୁଖ ସହଯୋଗ କରିଥିଲେ।



## ମୟୂରଭଞ୍ଜ ସୀମାନ୍ତ ତମ୍ବାଖୁରୀରେ ସେକ୍ସ ରାକେଟ୍
# ଧରାପଡ଼ିଲା ରାଣୀ ମହୁମାଛି


ରାସଗୋବିନ୍ଦପୁର,୮।୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ତଥା ଅମର୍ଦ୍ଦା ଫାଣ୍ଡି ଅନ୍ତର୍ଗତ ତମ୍ବାଖୁରୀରେ ସେକ୍ସ ରାକେଟ୍ ଚାଲିଥିବା ସନ୍ଦେହରେ ପୁଲିସ ଚଢ଼ଉ କରିଥିଲା। ଏଥିରେ ରାଣୀ ମହୁମାଛି ଓ ଦୁଇ ଯୁବକଙ୍କୁ ଅଟକ ରଖି ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ବର୍ଷ ଧରି ପୁଲିସକୁ ଜଗି ଲୁଚାଛପାରେ ଏକ ନିଛାଟିଆ ସ୍ଥାନରେ ଦେହ ବେପାର ଚାଲିଥିବା ଅଭିଯୋଗ ହେଇ ଆସୁଥିଲା। ତେବେ ସୋମବାର ସନ୍ଧ୍ୟା ସମୟରେ ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ରାଣୀ ମହୁମାଛି, ଦୁଇ ଯୁବକ ସହିତ ଦୁଇ ଜଣ ମହିଳା ଥିବା ପୁଲିସ ଦେଖିବାକୁ ପାଇଥିଲା। ତେବେ ଦୁଇ ମହିଳା ଘଟଣାସ୍ଥଳରୁ ଖସି ପଳାଇଥିବା ପୁଲିସ ସୂଚନା ଦେଇଛି।


## ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର
# ୧୦୯ଟି ଅଭିଯୋଗର ହେଲା ଶୁଣାଣି

ରାଇରଙ୍ଗପୁର,୮।୧୨(ସମିସ): ବାମନଘାଟି ଉପଖଣ୍ଡସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ରାଇରଙ୍ଗପୁରସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ବାମନଘାଟି ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଶିବିର ଆରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ତ୍ୱରିତ ସମାଧାନ ନେଇ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ଜନସାଧାରଣଙ୍କଠାରୁ ମୋଟ୍ ୧୦୯ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିବାବେଳେ ୯୪ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଏବଂ ୧୫ଟି ସାମୂହିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଓ ରେଡ୍‌କ୍ରସ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଅଭିଯୋଗଗୁଡ଼ିକର ସବିଶେଷ ତଦନ୍ତ କରି ତ୍ୱରିତ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲ୍‌ଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

# ଛେଳି ଚୋରି ଉଦ୍ୟମ; ବାଇକ୍ ଜବତ, ୨ ଗିରଫ

ବିଶୋଇ,୮।୧୨(ସମିସ)



ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ଗ୍ରାମରେ ସୋମବାର ଦୁଇ ଛେଳି ଚୋରଙ୍କୁ ଗ୍ରାମବାସୀ କାବୁ କରି ପୁଲିସ ଜିମା ଦେଇଛନ୍ତି। ଏନେଇ ବିଶୋଇ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ କୁସୁମୀ ଅଞ୍ଚଳର ସେଜା ରୁଦ୍ଦିନ (୨୧) ଏବଂ ରାଇରଙ୍ଗପୁର ଥାନା ଅନ୍ତର୍ଗତ ଭାଲୁବସା ଗ୍ରାମର ଏସ୍.କେ ଦିଲ୍‌କାଶ(୨୦)।

ସୂଚନାଯୋଗ୍ୟ କି, ସୋମବାର ଦିନ ପ୍ରାୟ ସାଢ଼େ ୧୧ଟାରେ ବିଶୋଇ ଥାନା ଅଧୀନ ଫୁଲଝରା ଗ୍ରାମର ଡୁମିନି ସୋରେନ୍ ନିଜ ବିଲରେ କାମ କରୁଥିବାବେଳେ ବିଲକୁ ଲାଗି ଥିବା ପଡ଼ିଆରେ ତାଙ୍କର ଦୁଇଟି ଛେଳି ଚରୁଥିଲେ। ତେବେ ଉକ୍ତ ଦୁଇ ଚୋର ଏକ ଆପାଚି ବାଇକ୍ ଯୋଗେ ଆସି ଡୁମୁନିଙ୍କ ଗୋଟିଏ ଛେଳିକୁ ବାଇକ୍ ଯୋଗେ ବୋହିନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହା ଦେଖି ଡୁମୁନି ଚିତ୍କାର କରିଥିଲେ। ଚୋରମାନେ ବାଇକ୍ ଯୋଗେ ଫୁଲଝରା ଗ୍ରାମରୁ ଯୋଡ଼ିଆ ରାସ୍ତା ଦେଇ ଚମ୍ପଟ ମାରୁଥିବା ସମୟରେ ଯୋଡ଼ିଆ ମାଟିଆଳି ସାହି ଛକ ନିକଟରେ ଗ୍ରାମବାସୀ ବାଇକ୍‌କୁ ଅଟକାଇ ଥିଲେ। ଦୁଇ ଦୁର୍ବୃତ୍ତ ବାଇକ୍ ଓ ଛେଳି ଛାଡ଼ି ଦୌଡ଼ି ଖସି ପଳାଇଲେ। ଏସ୍.କେ ଦିଲକାସ୍ ଘଟଣାରୁ ଫେରାର୍ ହୋଇଯାଇଥିବା ବେଳେ ସେଜା ରୁଦ୍ଦିନ ଗାଁ ଲୋକଙ୍କ ହାତରେ ପଡ଼ିଯାଇଥିଲେ। ଗାଁ ଲୋକ ସେଜାକୁ ଉତ୍ତମମଧ୍ୟମ ଦେବା ସହିତ ଚୋରିରେ ବ୍ୟବହୃତ ବାଇକ୍‌କୁ ଭଙ୍ଗାରୁଜା କରିଥିଲେ। ପରେ ଯୋଡ଼ିଆ ସରପଞ୍ଚ ସାବିତ୍ରୀ ସୋରେନ ଓ ପଞ୍ଚାୟତ ସମିତି ସଦସ୍ୟ ଚାନ୍ଦ୍ରାୟ ସୋରେନଙ୍କ ସହଯୋଗ କ୍ରମେ ବିଶୋଇ ଥାନାକୁ ଖବର ଦିଆଯାଇଥିଲା। ବିଶୋଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେଜା ରୁଦ୍ଦିନକୁ ଗିରଫ କରିଥିଲା ଏବଂ ଫେରାର୍ ଥିବା ଏକ ଅଭିଯୁକ୍ତ ଏସ୍.କେ ଦିଲକାଶକୁ ଉକ୍ତ ଗ୍ରାମର ଏକ ଘରେ ଲୁଚିଥିବା ଅବସ୍ଥାରେ ପୁଲିସ୍ ଗିରଫ କରିଥିଲା। ଉଭୟ ଅଭିଯୁକ୍ତ ସମେତ ବାଇକ୍‌କୁ ଜବତ କରି ପୁଲିସ ବିଶୋଇ ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ସମ୍ପୃକ୍ତି ନେଇ ଦୁଇ ଜଣ ଯୁବକଙ୍କୁ ପୁଲିସ୍ ଥାନାରେ ଅଟକ ରଖିଛି। ଏହି ଘଟଣାକୁ ନେଇ ପ୍ରତ୍ୟକ୍ଷଦର୍ଶୀ ଗ୍ରାମବାସୀଙ୍କ ସହଯୋଗରେ ବିଶୋଇ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଦୀର୍ଘ ଏକ ମାସ ମଧ୍ୟରେ ଯୋଡ଼ିଆ ପଞ୍ଚାୟତରେ ଏକାଧିକ ଛେଳି ଚୋରି ହୋଇଥିବାର ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। କେବଳ ଏହି ପଞ୍ଚାୟତ ବ୍ୟତୀତ ବ୍ଲକ୍‌ର ଅନେକ ଗ୍ରାମରେ ଛେଳି ଓ ଗାଈ ଚୋରି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇଛି। ବାରମ୍ବାର ଛେଳି ଚୋରି ହେବା ଘଟଣା ପଛରେ ଏକ ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ୍‌ର ଏକାଧିକ ଲୋକଙ୍କ ହାତ ଥିବାର ସନ୍ଦେହ ଘେରକୁ ଆସିଛି। ତେଣୁ ଏହି ଘଟଣାକୁ ତଦନ୍ତ ପରିସରଭୁକ୍ତ କରି ପୁଲିସ ଛେଳି ଚୋରି ଗ୍ୟାଙ୍ଗ୍‌କୁ ଠାବ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଚୋରକୁ ନିର୍ଘୁମ ଛେଚି ପୁଲିସକୁ ହସ୍ତାନ୍ତର କଲେ ଗ୍ରାମବାସୀ

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ଆୟ ଓ ବ୍ୟୟ ସମାନ ରହିବ। ଦାନ ଧର୍ମରେ ଦିନ ବିତିବ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ପଡୋଶୀଙ୍କ ସହ ସମ୍ପର୍କ ନିବିଡ଼ ହେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେଇପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୨୫-ହଲାଣ୍ଡ ଓ ଇଂଲଣ୍ଡ ସେନା ସନ୍ଧିରେ ହସ୍ତାକ୍ଷର କଲେ।
- ୧୮୯୮-ବେଲୁର ମଠର ସ୍ଥାପନା।
- ୧୯୪୬- ସମ୍ବିଧାନ ସଭାର ପ୍ରଥମ ବୈଠକ ଅନୁଷ୍ଠିତ।
- ୧୯୯୨- ବ୍ରିଟେନ ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଅଲଗା ହେବା କଥା ଘୋଷଣା କଲେ।
- ୨୦୧୧- କଲିକତାର ଏକ ହସ୍‌ପିଟାଲରେ ନିଆଁ ଲାଗିଯିବାରୁ ୯୦ ଜଣ ମୃତ।



# 'ସ୍ପିରିଟ୍' ପ୍ରଭାସ ନେଇଛନ୍ତି ୧୬୦ କୋଟି

ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଫିଲ୍ମ 'ସ୍ପିରିଟ୍'କୁ ନେଇ ଲଗାତାର ନୂଆ ନୂଆ ଖବର ଆସୁଛି। ଏହି ଫିଲ୍ମ ପାଇଁ ସାଉଥ୍ ସୁପରଷ୍ଟାର୍ ପ୍ରଭାସ ୧୬୦ କୋଟି ନେଇଥିବା ଜଣାପଡ଼ିଛି। ତେବେ 'ସ୍ପିରିଟ୍' ପାଇଁ ପ୍ରଭାସ ତାଙ୍କ କ୍ୟାରିୟରରେ ସବୁଠୁ ଅଧିକ ପାରିଶ୍ରମିକ ନେଇଛନ୍ତି। 'ବାହୁବଳି' ଓ 'ବାହୁବଳି ୨'ଫିଲ୍ମ ପରେ ପ୍ରଭାସ ଗ୍ଲୋବାଲ ଆଇକନ୍ ହୋଇଯାଇଛନ୍ତି। ଆମେରିକା, ଜାପାନ ଓ ବିଶ୍ୱର ଅନ୍ୟ ସ୍ଥାନଗୁଡ଼ିକରେ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକ ଅଛନ୍ତି। ପ୍ରଭାସ 'ସ୍ପିରିଟ୍' ପାଇଁ ୧୬୦ କୋଟି ନେବା ପରେ ସେ କେବଳ ଟଲିଉଡ୍‌ରେ ନୁହେଁ ଭାରତୀୟ ସିନେମା ଜଗତରେ ସବୁଠୁ ପାରିଶ୍ରମିକ ନେଉଥିବା ହିରୋ ହୋଇଯାଇଛନ୍ତି। 'ବାହୁବଳି' ଫିଲ୍ମ ପରେ ପ୍ରଭାସ ଲଗାତାର ତାଙ୍କ ପାରିଶ୍ରମିକ ବୃଦ୍ଧି କରିଛନ୍ତି। 'ଆଦିପୁରୁଷ', 'ସାଲାର', 'କଲ୍‌କୀ', 'ଦ ରାଜା ସାବ୍' ଫିଲ୍ମ ପାଇଁ ପ୍ରଭାସ ୧୦୦ରୁ ୧୫୦ କୋଟି ନେଇଛନ୍ତି। 'ସ୍ପିରିଟ୍'ରେ ପ୍ରଭାସଙ୍କ ବିପକ୍ଷରେ ତ୍ରିପ୍ତି ଦିମ୍ରି ଦେଖାଯିବେ। ସେହିଭଳି ପ୍ରକାଶରାଜ ଓ ବିବେକ ଓବରୟଙ୍କର ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ରହିଛି। ଫିଲ୍ମର ବଜେଟ୍ ୩୦୦ କୋଟି ରହିଥିବାବେଳେ ତ୍ରିପ୍ତିଙ୍କୁ ପାରିଶ୍ରମିକ ବାବଦରେ ୪ କୋଟି ମିଳିଛି।

# ପ୍ଲାଷ୍ଟିକ୍ ବର୍ଜ୍ୟକୁ କମ୍ କରିବ ଷ୍ଟିଲ୍ ପ୍ଲେଟ୍ ବ୍ୟାଙ୍କ

ବିବାହ, ବ୍ରତ କି ପାର୍ଟି ଫଙ୍କସନକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ କର୍ଣ୍ଣାଟକ, ମୈସୁରରେ ଏକ ପ୍ଲେଟ୍ ବ୍ୟାଙ୍କ ରହିଛି। ଅନନ୍ଥା ପ୍ଲେଟ୍ ବ୍ୟାଙ୍କ ନାଁରେ ପରିଚିତ ଏହି ବ୍ୟାଙ୍କକୁ ଅଦମ୍ୟ ଚେତନା ଫାଉଣ୍ଡେସନ୍‌ର ମୁଖ୍ୟ ତେଜସ୍ୱିନୀ ଅନନ୍ତ କୁମାର ଆରମ୍ଭ କରିଛନ୍ତି। ଏଠାରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଦୁଇ ହଜାର ପ୍ଲେଟ୍, ଗିନା, ଗ୍ଲାସ୍, ଚାମଚ ସହ ହଜାରରୁ ଊର୍ଦ୍ଧ୍ୱ ଚା' ଏବଂ କଫି ମଗ୍ ଉପଲବ୍ଧ ରହିଛି। ବିବାହ, ଜନ୍ମଦିନ, ବନ୍ଧୁମିଳନ କାର୍ଯ୍ୟକ୍ରମରେ ଲୋକଙ୍କୁ ଏହି ବ୍ୟାଙ୍କ ମାଗଣାରେ ଏହି ଜିନିଷଗୁଡ଼ିକ ବ୍ୟବହାର କରିବାକୁ ଦେଇଥାଏ। କାମ ସରିବା ପରେ ଲୋକେ ଏହାକୁ ସଫା କରି ବ୍ୟାଙ୍କକୁ ଫେରାଇ ଦିଅନ୍ତି। ଏହି ପ୍ଲେଟ୍ ବ୍ୟାଙ୍କ ସ୍ଥାପନାରେ ଜିଏସ୍ଏସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଶ୍ରୀହରୀ ଦ୍ୱାରକାନାଥଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେ କୁହନ୍ତି, ପ୍ଲାଷ୍ଟିକ୍ ବ୍ୟବହାର ଉପରେ ରୋକ୍ ଲଗାଇବା କଷ୍ଟ ନୁହେଁ। ତାଙ୍କ କଥାକୁ ଲୋକେ ମଧ୍ୟ ସମ୍ମତି ଜଣାଉଛନ୍ତି। ଏଥିପାଇଁ ଚଳିତ ବର୍ଷ ଶେଷ ସୁଦ୍ଧା ଦ୍ୱାରକା ନାଥ ୧୦,୦୦୦ ବାସନକୁସନ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ବାସନକୁସନଗୁଡ଼ିକର ଦେଖାଶୁଣା ପାଇଁ ଜଣେ କର୍ମଚାରୀ ରହିଛନ୍ତି। ତେଜସ୍ୱିନୀ କୁହନ୍ତି, ଦେଶରେ ମୋଟ୍ ୩୨ଟି ପ୍ଲେଟ୍ ବ୍ୟାଙ୍କ ଥିବାବେଳେ ତନ୍ମଧ୍ୟରୁ କର୍ଣ୍ଣାଟକରେ କେବଳ ୨୭ଟି ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ୧୯୯୭-୯୮ ମସିହାରେ ତାଙ୍କ ସ୍ୱାମୀ ଜଣେ ପୂର୍ବତନ କେନ୍ଦ୍ର ମନ୍ତ୍ରୀଙ୍କ ସହ ଆମେରିକା ଯାଇଥିଲେ। ସେଠାରେ ସେ ୱେଷ୍ଟ ସେଗ୍ରିଗେସନ ଆଟ୍ ସୋର୍ସର ମଡେଲ ଦେଖିଥିଲେ। ସେଠାରୁ ଭାରତକୁ ଫେରି ସେ ଅଦ୍ୟମ ଚେତନା ଜରିଆରେ ବେଙ୍ଗାଲୁରୁରେ ୱେଷ୍ଟ ସେଗ୍ରିଗେସନ ଅଭିଯାନ ଆରମ୍ଭ କରିଥିଲେ। ୨୦୦୪-୦୫ରେ ବେଙ୍ଗାଲୁରୁର ସେବା ଉତ୍ସବରେ ପ୍ରଥମ ଥର ପାଇଁ ୧,୦୦୦ ଷ୍ଟିଲ୍ ପ୍ଲେଟ୍ ବଣ୍ଟା ଯାଇଥିଲା। ଏହି ମଡେଲ ପ୍ଲାଷ୍ଟିକ୍ ଜିନିଷ ବ୍ୟବହାରରୁ ରୋକିବ ବୋଲି ସେତେବେଳେ ସେ ଅନୁଭବ କରିଥିଲେ। ବର୍ତ୍ତମାନ ତାଙ୍କ ପାଖେ ପାଖାପାଖି ୩୦ ପ୍ରକାର ଷ୍ଟିଲ ବାସନକୁସନ, ଚାମଚଠୁ ନେଇ ଆଇସକ୍ରୀମ କପ୍ ରହିଛି। ବର୍ତ୍ତମାନ ଏହା ଏକ ଜାତୀୟ ନେଟ୍‌ୱର୍କରେ ପରିଣତ ହୋଇଛି। ସବୁଠୁ ବଡ଼ କଥା ହେଉଛି, ଅଦ୍ୟମ ଚେତନା ଆମେରିକାରେ ମଧ୍ୟ ଦୁଇଟି ପ୍ଲେଟ୍ ବ୍ୟାଙ୍କ ୟୁନିଟ୍‌ର ଆରମ୍ଭ କରିଛି।



## ଆଜି ଆସିଥିଲେ

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର




କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଜଣେ ବହୁ ପ୍ରତିଭାଧାରୀ ବ୍ୟକ୍ତିତ୍ୱ। ସେ ଏକାଧାରରେ ଥିଲେ ଜଣେ କବି, ସଙ୍ଗୀତକାର, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ଶିଶୁ ସାହିତ୍ୟିକ। ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ତାଙ୍କ ଲେଖନୀରୁ ନିସୃତ। କାନ୍ତକବିଙ୍କ କବିତାରେ ପ୍ରଣତି, ପ୍ରତ୍ୟୟ ଓ ସମର୍ପଣର ବାଣୀ ସ୍ପଷ୍ଟ ଥାଏ। ରମ୍ୟ ରଚନା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଆଦି ସବୁ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ। 'ବୁଢ଼ା ଶଙ୍ଖାରି' ଗଳ୍ପ ହେଉ କିମ୍ବା 'ଜୀବନ ସଙ୍ଗୀତ' କବିତା, ଉଭୟ ଗଦ୍ୟ ଓ ପଦ୍ୟ ପାଇଁ ସେ ପାଠକଙ୍କ ନିକଟରେ ଆଦୃତ ହୋଇଥିଲେ। ଲକ୍ଷ୍ମୀକାନ୍ତ ମହାପାତ୍ର ୧୮୮୮ ମସିହା ଆଜିର ଦିନରେ କଟକ ଜିଲ୍ଲାର ବାଖରାବାଦର ଧୂଆଁପତ୍ରିଆଗଳିରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପୈତୃକ ଗ୍ରାମ ହେଉଛି ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ତାଳପଦା। ସେ ମାଣବସା ଗୁରୁବାର ତିଥିରେ ଜନ୍ମ ନେଇଥିବାରୁ ମାତା ଲକ୍ଷ୍ମୀଙ୍କ ନାମ ଅନୁସାରେ ତାଙ୍କ ନାମ ଲକ୍ଷ୍ମୀକାନ୍ତ ବୋଲି ରଖାଯାଇଥିଲା। ତାଙ୍କ ପିତାଙ୍କ ନାମ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଓ ମାତାଙ୍କ ନାମ ରାଧାମଣୀ। ଲକ୍ଷ୍ମୀକାନ୍ତ ହାଇସ୍କୁଲରେ ପଢ଼ିବା ସମୟରେ ପାଠ ଛାଡ଼ି ଇଂରେଜମାନଙ୍କ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି ଅନେକ ରଚନା ସୃଷ୍ଟି କରିଥିଲେ। ଉତ୍କଳ ସମ୍ମିଳନୀରେ ସେ ସଂଶ୍ଳିଷ୍ଟ ହୋଇ ପରବର୍ତ୍ତୀ କାଳରେ ସାମାଜିକ ଏକତା ଓ ସ୍ୱରାଜ୍ୟ ପାଇଁ ବହୁ ଜାତୀୟତାପୂର୍ଣ୍ଣ ସଙ୍ଗୀତ ଓ ପ୍ରବନ୍ଧ ଆଦି ଲେଖିଥିଲେ। ୧୯୧୩ରେ ସେ ରେଭେନ୍ସା କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ପ୍ରଥମେ ତାଙ୍କ ଲେଖାମାନ 'ମୁକୁର' ଓ 'ଉତ୍କଳ ସାହିତ୍ୟ' ଭଳି ପତ୍ରିକାରେ ପ୍ରକାଶ ପାଇଥିଲା। ବ୍ୟାସକବି ଫକୀରମୋହନଙ୍କ ପ୍ରେରଣା ଓ ଆଶୀର୍ବାଦ ତାଙ୍କୁ ଗଭୀର ଭାବେ ଅନୁପ୍ରାଣିତ କରିଥିଲା। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଅଦମ୍ୟ ଝଲକ ଦେଖିବାକୁ ମିଳିଥାଏ। ଓଡ଼ିଆ ଜାତି ମଧ୍ୟରେ ନିକୃଷ୍ଟତାକୁ ଦୂର କରି ଦୃଢ଼ ଆତ୍ମବିଶ୍ୱାସ ଜଗାଇବା ଲକ୍ଷ୍ମୀକାନ୍ତଙ୍କ କବିତାଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସେ ମାସିକ ସାହିତ୍ୟ ପତ୍ରିକା 'ଡଗର'ର ପ୍ରତିଷ୍ଠାତା ଥିଲେ। 'ଡଗର'ରେ 'ମୁଁ କାହିଁକି ଲେଖେ' ଶୀର୍ଷକ ସ୍ତମ୍ଭରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ଲେଖକଙ୍କୁ ସେ ଲୋକଲୋଚନକୁ ଆଣିଥିଲେ। କାନ୍ତକବିଙ୍କ ରଚିତ 'ଜୀବନ ସଙ୍ଗୀତ' ଓଡ଼ିଶା ସାହିତ୍ୟ ଜଗତରେ ଏକ ଦୁର୍ଲଭ ସଙ୍ଗୀତ ଗ୍ରନ୍ଥ। କବି ନିଜ ରଚିତ ସଙ୍ଗୀତର ସ୍ୱର ନିଜେ ଦେବା ସହ ଏହାର ଇଂରାଜୀ ଅନୁବାଦ 'ସଙ୍ଗ ଅଫ୍ ଦ ସୋଲ' ନିଜେ କରିଛନ୍ତି। 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନ ଉଡ଼ାଇବ ହେ', 'ମୋ ସକଳ ଗର୍ବ ଚୂର୍ଣ୍ଣ କରିଛ', 'ଦେ ମୋତେ ବାୟା କରି', 'କୋଟି କୋଟି କଣ୍ଠେ ଆଜି', 'ଉଡ଼ାଇ ନିଶାଣ ବଜାଇ ଭେରି', 'ବନ୍ଦେ ଉତ୍କଳ ଜନନୀ' ଭଳି ଅନେକ କାଳଜୟୀ ସଙ୍ଗୀତର ସେ ସ୍ରଷ୍ଟା। ୧୯୩୩ରେ ଭଦ୍ରକ ଉଚ୍ଚ ବିଦ୍ୟାଳୟରେ ତାଙ୍କ ସମ୍ମାନାର୍ଥେ ଆୟୋଜିତ ସଭାରେ ସର୍ବସମ୍ମତିକ୍ରମେ ତାଙ୍କୁ 'କାନ୍ତକବି' ଉପାଧି ଦିଆଯାଇଥିଲା। ଦୀର୍ଘଦିନ ରୋଗରେ ପୀଡ଼ିତ ହୋଇ ଶେଷରେ ୧୯୫୩ ମସିହା ଫେବ୍ରୁଆରୀ ୨୪ ରେ ଆଖି ବୁଜିଥିଲେ ଓଡିଆ ଜଗତର ଏହି କାଳଜୟୀ ସ୍ରଷ୍ଟା।




# ଲାଉରେ ପଟାସ୍ ପ୍ରୟୋଗ

**ଲାଉରେ ପଟାସିୟମ, ଭିଟାମିନ୍, ଖଣିଜ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ରହିଥାଏ। ବଜାରରେ ଲାଉର ଚାହିଦା ସବୁବେଳେ ରୁହେ। ତେବେ ଲାଉ ଚାଷରେ ଅଧିକ ଫଳ ଆସିବାକୁ ପଟାସ ବ୍ୟବହାର କରିପାରିବେ।**

ପଟାସ ଗଛ ପାଇଁ ଏକ ଆବଶ୍ୟକୀୟ ପୋଷକତତ୍ତ୍ୱ। ମୁଖ୍ୟ ରୂପେ ଏହା ଫୁଲ ଓ ଫଳର ବିକାଶରେ ସାହାଯ୍ୟ କରିଥାଏ। ଏହା ଗଛମୂଳକୁ ଶକ୍ତ ବନାଇବା ସହ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ତେଣୁ କୃଷି ବିଶେଷଜ୍ଞଙ୍କ ମତରେ ଲାଉ ଗଛ ମୂଳେ ଉଚିତ ପରିମାଣର ପଟାସ ପ୍ରୟୋଗ କରିପାରିବେ। ତେଣୁ ଗଛ ୩ରୁ ୪ ଫୁଟ ଲମ୍ବା ହେଲେ, ପ୍ରଥମେ ଫୁଲ ଫୁଟିଥାଏ, ସେହି ସମୟରେ ପଟାସ ପ୍ରୟୋଗ କରନ୍ତୁ। ଏଥିପାଇଁ ଏକ ଚାମଚ ପଟାସକୁ ଏକ ଲିଟର ପାଣିରେ ଘୋଳ ବନାଇ ଗଛମୂଳରେ ପ୍ରୟୋଗ କରିପାରିବେ। ପ୍ରତି ୧୫ଦିନ ଅନ୍ତରରେ ଏହାକୁ ପ୍ରୟୋଗ କରିବା ଆବଶ୍ୟକ। ସେହିପରି ଗଛମୂଳରେ ଅଧିକ ମାତ୍ରାର ପଟାସ ବ୍ୟବହାର କରିବା ଅନୁଚିତ। ମାସରେ ଥରେ ଗୋବରଖତ କିମ୍ବା ଜିଆଖତ ପ୍ରୟୋଗ କରି ପାରିବେ। ଗଛରେ ଥିବା ପୁରୁଣା ପତ୍ରକୁ ବାହାର କରିଦିଆଯାଏ। ଏହି ଉପାୟ ଆପଣାଇଲେ ଗଛରେ ଲାଉ ଅଧିକ ଫଳିଥାଏ। ଚାଷୀଭାଇମାନଙ୍କ ଆୟ ବୃଦ୍ଧି ହୋଇଥାଏ।





# ଗହମ ବିହନ ବୁଣାଯନ୍ତ୍ର

ବର୍ତ୍ତମାନ କୃଷିକ୍ଷେତ୍ରରେ ନୂତନ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ନୂଆ ନୂଆ କୃଷି ଉପକରଣ ଚାଷୀଙ୍କ ଶ୍ରମ ଚିନ୍ତା ଦୂର କରୁଛି। କମ୍ ସମୟରେ ଏକାଧିକ ଜମିର ଚାଷ କାର୍ଯ୍ୟକୁ ସହଜ କରୁଛି। ଏମିତି ଏକ ଆଧୁନିକ କୃଷି ଉପକରଣ ହେଉଛି ଏୟାର ସିଡର। ଏହି କୃଷି ଯନ୍ତ୍ରଟି ଚାଷୀଙ୍କ ସମୟ ବଞ୍ଚାଇବା ସହ ଫସଲ ବୁଣା ପ୍ରକ୍ରିୟାକୁ ସହଜ କରୁଛି। ଏହି ଯନ୍ତ୍ରର କାମ ହେଉଛି, ଏହା ବିହନ ଏବଂ ଉର୍ବରକକୁ ମାଟିରେ ସମାନ ରୂପେ ପକାଇଥାଏ। ଏହି ମେସିନ୍‌ରେ ବାୟୁ ଚାପ ଜରିଆରେ ଜମିରେ ବିହନ ବୁଣାଯାଏ। ଫଳରେ ବିହନ ମାଟିରେ ସଠିକ୍ ଗଭୀର ଏବଂ ଦୂରତ୍ୱରେ ପଡ଼ିଥାଏ। ଏହାଦ୍ୱାରା ଅଙ୍କୁରଣ ଭଲ ହୋଇଥାଏ। ସାଧାରଣତଃ ପାରମ୍ପରିକ ଭାବେ ବିହନ ବୁଣା କାମରେ ଅଧିକ ସମୟ ଲାଗିଥାଏ। ହେଲେ ଏୟାର ସିଡର ମାତ୍ର କିଛି ସମୟ ମଧ୍ୟରେ ବଡ଼ ବଡ଼ ଚାଷ ଜମିରେ ବିହନ ବୁଣିଥାଏ। ଫଳରେ ଏହା ଏକାସାଙ୍ଗେ ବିହନ ଏବଂ ଉର୍ବରକକୁ ଏକାସାଙ୍ଗେ ଜମିରେ ପହଞ୍ଚାଇ ଦେଇଥାଏ। ଏହାଦ୍ୱାରା ଫସଲକୁ ଆରମ୍ଭରୁ ପୋଷଣ ମିଳିପାରେ ଏବଂ ଉତ୍ପାଦନ ବୃଦ୍ଧି ହୋଇଥାଏ। ଏହି ବିହନ ବୁଣାଯନ୍ତ୍ର ଦ୍ୱାରା କେବଳ ସମୟ ବଞ୍ଚିପାରିବ ତାହା ନୁହେଁ, ବିହନ ନଷ୍ଟ ହୁଏ ନାହିଁ। ଆମ ଦେଶରେ ବିଭିନ୍ନ ପ୍ରକାରର ଏୟାର ସିଡର ଉପଲବ୍ଧ ରହିଛି। ଏହା ମୁଖ୍ୟରୂପେ ଆକାର, କ୍ଷମତା, କୌଶଳ ଆଧାରରେ ବାଣ୍ଟି ଦିଆଯାଇଛି। ମିନି ଏୟାର ସିଡର, ଟ୍ରାକ୍ଟର ମାଉଣ୍ଟେଡ୍ ଏୟାର ସିଡର, ଉନ୍ନତ ତଥା ଉଚ୍ଚ କ୍ଷମତା ସମ୍ପନ୍ନ ଏୟାର ସିଡର ଆଦି ଉପଲବ୍ଧ ରହିଛି। ଏହି କୃଷି ଯନ୍ତ୍ର ମାଧ୍ୟମରେ ଗୋଟିଏ ଥରରେ ଏକର ଏକର ଜମିରେ ବିହନ ଏବଂ ଖତ ଓ ଉର୍ବରକ ପ୍ରୟୋଗ କରାଯାଇପାରେ। ଏହି କୃଷି ଯନ୍ତ୍ରର ମୂଲ୍ୟ ଏହାର କ୍ଷମତା, କୌଶଳ ଏବଂ ବ୍ରାଣ୍ଡ ଉପରେ ନିର୍ଭର କରେ। ତେଣୁ ଆଗାମୀ ଦିନରେ ଏୟାର ସିଡର ଉପକରଣ ଚାଷୀ ତଥା ଚାଷୀକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ।

# ଆଳୁ ଚୋପାରୁ ପ୍ରାକୃତିକ ଖତ

**ଆଳୁ ଚୋପାରେ ଅନେକ ପୋଷକତତ୍ତ୍ୱ ରହିଥାଏ। ତେଣୁ ଏହାକୁ ନ ଫିଙ୍ଗି ଗଛ ପାଇଁ ପ୍ରାକୃତିକ ଖତ ରୂପେ ବ୍ୟବହାର କରିପାରିବେ। ଏହା ମାଟିର ଗୁଣବତ୍ତା ସହ ଗଛ ବୃଦ୍ଧି କରାଇବାରେ ସାହାଯ୍ୟ କରେ।**

ଜିଆଖତ ଏବଂ ଚା' ପତ୍ର ସହ ଆଳୁ ଚୋପାକୁ ମିଶାଇ ତରଳ କିମ୍ବା ଶୁଖିଲା ଖତ ଭାବେ ଫସଲରେ ପ୍ରୟୋଗ କରିହେବ। ଫୁଲ ଏବଂ ଫଳ ବୃଦ୍ଧି କରିବାରେ ଆଳୁ ଚୋପା ସାହାଯ୍ୟ କରେ। ଏଥିପାଇଁ ପ୍ରଥମେ ୧୦୦ ଗ୍ରାମ୍ ଆଳୁ ଚୋପାକୁ ଅଧଲିଟର ପାଣିରେ ପକାଯାଏ। ଅନ୍ୟ ପାତ୍ରରେ ୧୦୦ ଗ୍ରାମ୍ ଜିଆଖତ ଏବଂ ଆଉ ଏକ ପାତ୍ରଟିରେ ୧୦ ଗ୍ରାମ୍ ବ୍ୟବହୃତ ଚା' ପତି ପକାଯାଇଥାଏ। ଉଭୟ ପାତ୍ରରେ ଅଧ ଲିଟର ପାଣି ପକାଇ ତିନିଟି ପାତ୍ରକୁ ୨ ଦିନ ଢ଼ାଙ୍କି ଦିଆଯାଏ। ପରେ ତିନିଟି ଘୋଳକୁ ଏକ ବଡ଼ କଣ୍ଟେନରରେ ଛାଣି ଦିଆଯାଏ। ଏକ ଲିଟର ତରଳ ଖତକୁ ୪ରୁ ୫ଲିଟର ପାଣିରେ ମିଶାଇ ୧୦ରୁ ୧୫ ଦିନ ଅନ୍ତରରେ ଫସଲରେ ପ୍ରୟୋଗ କଲେ ଫୁଲ ଫଳ ଅଧିକ ଆସେ।

ଆଳୁ ଚୋପାକୁ ୩ଦିନ ଖରାରେ ଶୁଖାଇ ଏହାକୁ ଜିଆଖତ ଏବଂ ବ୍ୟବହୃତ ଚା'ପତି ସହ ମିଶାଇ ମଧ୍ୟ ବ୍ୟବହାର କରିପାରିବେ। ଗଛ ମୂଳେ ହାଲୁକା କୋଡ଼ାଖୋସା କରି ଏହାକୁ ପ୍ରୟୋଗ କରିବା ଭଲ।



## ଋତୁ ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- କମ୍ ତାପମାତ୍ରା ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ର ପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି। ତେଣୁ ନିୟମିତ ଫସଲରେ ପୋକ ଏବଂ ରୋଗର ସର୍ବେକ୍ଷଣ କରନ୍ତୁ।
- ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ ତଳିଘରାରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ ବ୍ୟବସ୍ଥା କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ଶୀତଦିନିଆ ପନିପରିବାରେ ଜଳସିଞ୍ଚନ କରନ୍ତୁ। ରବି ପନିପରିବାରେ ଘାସ ବାଛି କୋଡ଼ାଖୋସା କରନ୍ତୁ।
- ଆଳୁ ଫସଲରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ। ହୁଡ଼ା ଚଉଡ଼ା ଓ ମଜବୁତ ରଖନ୍ତୁ।
- ଶୀତଋତୁରେ ମାଛଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ। ଏହି ରୋଗମାନଙ୍କର ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ। ପ୍ରତିଦିନ ମାଛମାନଙ୍କୁ ତେଲ ପିଡ଼ିଆ ଖାଇବାକୁ ଦିଅନ୍ତୁ।

# ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ

**ଆଜିକାଲି ଘରକୁ ନୂଆ ଲୁକ୍ ଦେବାକୁ ଅଧିକାଂଶ ଓହଳା କୁଣ୍ଡରେ ଗଛ ଲଗାଉଛନ୍ତି। ଏହା ବାଲକୋନିର ସୌନ୍ଦର୍ଯ୍ୟ ବଢ଼ାଇବା ସହ ଘରକୁ ଆଧୁନିକ ସ୍ପର୍ଶ ଦେଇଥାଏ। ତେଣୁ ହ୍ୟାଙ୍ଗିଂ କୁଣ୍ଡ କିଣୁଥିଲେ ଧ୍ୟାନ ଦିଅନ୍ତୁ।**



**ମେକ୍ରମ ହ୍ୟାଙ୍ଗିଂ କୁଣ୍ଡ:** କୁଣ୍ଡରେ ତୁଳା, ରଶି କିମ୍ବା ଝୋଟକୁ ବାନ୍ଧି ଏହି କୁଣ୍ଡ ତିଆରି କରାଯାଏ। ଏଥିରେ ସ୍ପାଇଡର ପ୍ଲାଣ୍ଟ, ମନି ପ୍ଲାଣ୍ଟ ଆଦି ଗଛ ଲଗାଯାଏ। ସ୍ଥାନର ଅଭାବ ଥିଲେ ଏହି କୁଣ୍ଡ ବ୍ୟବହାର ସବୁଠୁ ଭଲ।

**ମେଟାଲ୍ ହ୍ୟାଙ୍ଗିଂ କୁଣ୍ଡ:** ଧାତୁରୁ ନିର୍ମିତ କୁଣ୍ଡ ମଜବୁତ ଓ ସ୍ଥାୟୀ। ଏହା ବିଭିନ୍ନ ଡିଜାଇନ୍ ଏବଂ ଆକାରରେ ଉପଲବ୍ଧ। ଏହି କୁଣ୍ଡ ଅଧିକ ଦିନ ବ୍ୟବହାର କରିହୁଏ। ଭାଙ୍ଗିବାର ଆଶଙ୍କା ନ ଥାଏ। ପାଣି ନିଷ୍କାସନ ଏବଂ ବାୟୁ ଚଳାଚଳ ପାଇଁ କୁଣ୍ଡଟି ସର୍ବୋତ୍ତମ। ଏଥିରେ ଫୁଲ କିମ୍ବା ଇନ୍‌ଡୋର ପ୍ଲାଣ୍ଟ ଲଗାଇପାରିବେ।

**କାଚ କୁଣ୍ଡ:** ବାଲକୋନିକୁ ମଡର୍ଣ୍ଣ ଲୁକ୍ ଦିଏ କାଚ କୁଣ୍ଡ। ସର୍ବଦା ଏହାର ମାନ ଦେଖି କିଣିବା ଦରକାର। ଅଳଙ୍କାରିକ ପଥର, ଲାଇଟ୍ ଦେଇ କୁଣ୍ଡକୁ ଆକର୍ଷଣୀୟ କରିପାରିବେ। ଏହି କୁଣ୍ଡରେ ଲକି ବାମ୍ବୋ, ତୁଳସୀ, ପୁଦିନା, ଧଣିଆ ଆଦି ଲଗାଯାଇଥାଏ।

**ଟେରାକୋଟା କୁଣ୍ଡ:** ଟେରାକୋଟା ଓହଳା କୁଣ୍ଡ ହାଲୁକା ହୋଇଥାଏ। ସମସ୍ତ ପାଣିପାଗ ପାଇଁ ଏହି କୁଣ୍ଡ ଭଲ। ଏହି କୁଣ୍ଡରେ ଫୁଲ, ପନିପରିବା, ମନିପ୍ଲାଣ୍ଟ ଆଦି ଲଗାଇପାରିବେ।

**ବାମ୍ବୋ ହ୍ୟାଙ୍ଗିଂ ପ୍ଲାଣ୍ଟର:** ବାଲ୍‌କୋନିକୁ ପ୍ରାକୃତିକ ଲୁକ୍ ଦେବାକୁ ବାଉଁଶ ତିଆରି କୁଣ୍ଡ ବ୍ୟବହାର କରିପାରିବେ। ଏହି କୁଣ୍ଡକୁ କାନ୍ଥ କିମ୍ବା ଛାତରେ ଓହଳାଇ ପାରିବେ। ଏହା ପରିବେଶ ଅନୁକୂଳ।

## ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍ ଆଜିଠୁ

# ବାରବାଟୀ ପ୍ରସ୍ତୁତ; ଆଜି ମହାମୁକାବିଲା





କଟକ, ୮।୧୨ (ତୁଷାର ସେନାପତି)

କାଉଣ୍ଟ ଡାଉନ ଶେଷ ହୋଇଛି। ପ୍ରତୀକ୍ଷାର ମଧ ଅନ୍ତ ଘଟିଛି। ରାତି ପାହିଲେ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ସିରିଜର ଏହି ପ୍ରଥମ ମ୍ୟାଚ୍ ଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଛନ୍ତି। ବାରବାଟୀ ମଧ ପ୍ରସ୍ତୁତ ରହିଛି। ପ୍ରଥମ ମ୍ୟାଚରେ ବିଜୟୀ ହୋଇ ଅଗ୍ରଣୀ ହାସଲ କରିବା ଉଭୟ ଦଳର ଲକ୍ଷ୍ୟ। ସେହିଭଳି ବର୍ଷକରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ ବାରବାଟୀରେ ଆୟୋଜିତ ହେବାକୁ ଯାଉଥିବାରୁ ଏହାକୁ ନେଇ ଓଡ଼ିଶାର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ଦେଖିବାକୁ ମିଳିଛି।

### ଝାଳ ବୁହାଇଲେ ଗିଲ୍; ବିଶ୍ରାମ ନେଲେ କୁଲଦୀପ

ଟେଷ୍ଟ ସିରିଜକୁ ହାରିବା ପରେ ଭାରତୀୟ ଦଳ ଦିନିକିଆରେ ୨-୧ରେ ବିଜୟୀ ହୋଇ ପ୍ରତିଶୋଧ ନେଇଥିଲା। ଏହି ବିଜୟ ଟି-୨୦ ସିରିଜ ପୂର୍ବରୁ ଖେଳାଳିଙ୍କ ମନୋବଳ ମଧ ଦୃଢ଼ ରହିଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଘରୋଇ ଦଳ ସୋମବାର ବାରବାଟୀରେ ବେଶ୍ କିଛି ଘଣ୍ଟା ନେଟ୍ସରେ ଝାଳ ବୁହାଇଥିଲେ। ଅପରାହ୍ଣ ପାଖାପାଖି ୨ଟାରୁ ଆରମ୍ଭ କରି ସାଢ଼େ ୪ଟା ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ଖେଳାଳିମାନେ ଫିଲ୍ଡିଂ, ବୋଲିଂ ଓ ନେଟ୍ସରେ ବ୍ୟାଟିଂ କରିଥିଲେ। ବାଉଣ୍ଡାରୀ ଲାଇନରେ ଥିବା ଦୁଇଟି ନେଟ୍ସରେ ପ୍ରଥମେ ଶୁବମନ ଗିଲ, ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା ଓ ସଞ୍ଜୁ ସାମସନ ବ୍ୟାଟିଂ ଅଭ୍ୟାସ କରିଥିଲେ। ବିଶେଷ କରି ଆହତ ସମସ୍ୟାରୁ ମୁକୁଳି ଥିବା ଗିଲ୍ ନେଟ୍ସରେ ବହୁତ ସମୟ ପର୍ଯ୍ୟନ୍ତ ନେଟ୍ସରେ ଦ୍ରୁତ ବୋଲରଙ୍କୁ ଖେଳିଥିଲେ। ଫଳରେ ଆସନ୍ତାକାଲି ଗିଲ୍‌ଙ୍କ ଖେଳିବା ସମ୍ଭାବନା ଉଜ୍ଜଳ ହୋଇଛି। ଅପରପକ୍ଷରେ ସ୍ପିନର କୁଲଦୀପ୍ ଯାଦବ ନେଟ୍ସରେ ବୋଲିଂ ନ କରି ବିଶ୍ରାମ କରୁଥିବାର ଦେଖିବାକୁ ମିଳିଥିଲା। ଅନ୍ୟତମ ସ୍ପିନର ବରୁଣ ଚକ୍ରବର୍ତ୍ତୀ କିନ୍ତୁ ଆରମ୍ଭରୁ ସୂର୍ଯ୍ୟକୁମାର ଓ ତିଲକଙ୍କୁ ବୋଲିଂ କରିଥିଲେ। ତେଣୁ ପ୍ରଥମ ଟି-୨୦ର ଚୂଡ଼ାନ୍ତ ଏକାଦଶରେ ରିଷ୍ଟସ୍ପିନର କୁଲଦୀପ୍‌ଙ୍କ ଖେଳିବା ଆଶା କ୍ଷୀଣ ହୋଇଛି। ସେହିଭଳି ଯଶପ୍ରୀତ୍ ବୁମ୍‌ରାଙ୍କ ସହ ଶିବମ ଦୁବେ ନେଟ୍ସରେ ବେଶ କିଛି ସମୟ ବୋଲିଂ ଅଭ୍ୟାସ କରିଥିଲେ। ତେଣୁ ବୁମରାଙ୍କ ସହ ପାଣ୍ଡ୍ୟା ନୂଆ ବଲରେ ବୋଲିଂ ଆରମ୍ଭ କରିବା ସ୍ପଷ୍ଟ ହୋଇଛି। ଦୁବେ ତୃତୀୟ ଦ୍ରୁତ ବୋଲର ଭୂମିକା ତୁଲାଇବେ। ସେହିଭଳି ବରୁଣଙ୍କ ସହ ଅକ୍ଷର ପଟେଲ ସ୍ପିନ ବିଭାଗ ସମ୍ଭାଳିବେ। ତେବେ ୱିକେଟ୍‌କିପର ଭାବେ କିଏ ଖେଳିବେ ତାହାକୁ ନେଇ ଦ୍ୱନ୍ଦ୍ୱ ରହିଛି। ଅଷ୍ଟ୍ରେଲିଆରେ ସଞ୍ଜୁ ସାମସନଙ୍କୁ ପଛରେ ପକାଇ ଜିତେଶ ଶର୍ମାଙ୍କୁ ଦଳ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଥିଲା। ଉଭୟ ସୋମବାର ନେଟ୍ସରେ ବ୍ୟାଟିଂ କରୁଥିବାର ଦେଖିବାକୁ ମିଳିଥିଲା। ମୁଖ୍ୟ ପିଚର ସାଇଡ୍‌ରେ ରହିଥିବା ନେଟ୍ସରେ ଅଭ୍ୟାସ କରିଥିବା ଜିତେଶ ବଡ଼ ବଡ଼ ସଟ୍ ମାରି ଦର୍ଶକଙ୍କ ମନମୋହିଥିଲେ।

### 'ପ୍ରତ୍ୟେକ ପୋଜିସନରେ ବ୍ୟାଟିଂ କରିପାରିବେ ସଞ୍ଜୁ'

ସେହିଭଳି ସଞ୍ଜୁ ସାମସନଙ୍କୁ ନେଇ ସୂର୍ଯ୍ୟକୁମାର କହିଛନ୍ତି, 'ସେ ଯେତେବେଳେ ଆସିଥିଲେ ଉପର ଅର୍ଡର ବ୍ୟାଟିଂ କରିଥିଲେ। ମୁଁ ଭାବୁଛି ଓପନର୍‌ଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସବୁ ପୋଜିସନରେ ବ୍ୟାଟିଂ କରିପାରିବାର ଦକ୍ଷତା ରଖୁଥିବା ଦରକାର। ଶୁବମନ ତାଙ୍କ ପୂର୍ବରୁ ଶ୍ରୀଲଙ୍କା ସିରିଜ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ତେଣୁ ଗିଲ୍ ସେହି ପୋଜିସନ (ଓପନିଂ) ପାଇଁ ଯୋଗ୍ୟ। ସଞ୍ଜୁଙ୍କୁ ଆମେ ମଧ ସୁଯୋଗ ଦେଇଥିଲୁ। ସେ ପ୍ରତ୍ୟେକ ପୋଜିସନରେ ଖେଳିବାକୁ ଯୋଗ୍ୟ। ଏପରି ଜଣେ ଖେଳାଳି ଦଳରେ ରହିବା ଭଲ' ବୋଲି ଅଧିନାୟକ ଯାଦବ କହିଛନ୍ତି। ଫଳରେ ଆସନ୍ତାକାଲି ଗିଲ୍ ଇନିଂସ ଓପନ୍ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

### କଟକର ପ୍ରଶଂସକ ବେଶ ଉତ୍ସାହୀ; ମୁଁ ବି ବାମହାତରେ ଟସ୍ ପକାଇବି

ସେହିଭଳି କଟକରେ ପ୍ରଥମଥର ନାଲିମାଟିରେ ପିଚ୍ ପ୍ରସ୍ତୁତ ହୋଇଥିବା ନେଇ ସୂର୍ଯ୍ୟ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ସେ କହିଛନ୍ତି ପୂର୍ବରୁ ଏଠାରେ ଆମେ 'କଳା ମାଟି'ର ପିଚରେ ଖେଳିଛୁ। ବର୍ତ୍ତମାନ ସୁଦ୍ଧା ମୁଁ ଗ୍ରାଉଣ୍ଡକୁ ଯାଇନି। ପିଚ୍ ଯଦି ନାଲି ମାଟି ହୋଇଥିବ ତେବେ ଆହୁରି ଭଲ। ନାଲି ମାଟିରେ ପିଚ୍ ଫାଷ୍ଟ ରହିଥାଏ। ସେହିଭଳି ବାରବାଟୀରେ ପ୍ରଥମଥର ଖେଳିବାକୁ ଯାଉଥିବା ସୂର୍ଯ୍ୟ କହିଛନ୍ତି, 'ଏଠାରେ ମୁଁ ପୂର୍ବରୁ ଆଇପିଏଲ୍ ଓ ଘରୋଇ କ୍ରିକେଟ୍ ମ୍ୟାଚ୍ ଖେଳିଛି। ଏଠାକାର ପ୍ରଶଂସକ ବେଶ ଉତ୍ସାହୀ। ଲୋକେଶ ରାହୁଲ ତୃତୀୟ ଦିନିକିଆରେ ବାମହାତରେ ଟସ୍ ପକାଇ ଯେଉଁଭଳି ବିଜୟୀ ହୋଇଥିଲେ ମୁଁ ମଧ କାଲି ବାରବାଟୀରେ ବାମହାତରେ ଟସ୍ ପକାଇବି' ବୋଲି ମଜାରେ ସାମ୍ବାଦିକଙ୍କୁ କହିଥିଲେ ସୂର୍ଯ୍ୟକୁମାର।

**ଖେଳ ଆରମ୍ଭ : ରାତି ୭ଟା**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ଟସ୍ ନେବ ଗୁରୁତ୍ୱପୂର୍ଣ୍ଣ ଭୂମିକା

ଆସନ୍ତାକାଲି ବାରବାଟୀରେ ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ମ୍ୟାଚରେ ଟସ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଯେତେହୁ ବର୍ତ୍ତମାନ ଓଡ଼ିଶାରେ ଶୀତର ଲହରି ଜାରି ରହିଛି ତେଣୁ ମ୍ୟାଚରେ କାକର ବୋଲରଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ରାତି ୮ଟାରୁ କାକରର ପରିମାଣ ବଢ଼ିବ। 'ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟା ୩୦ରୁ ବାରବାଟୀରେ କାକର ପଡ଼ିବାର ସମ୍ଭାବନା ରହିଛି। ରାଜ୍ୟରେ ବର୍ତ୍ତମାନ ଥଣ୍ଡା ପାଗ ସାଙ୍ଗକୁ କାକର ପାଇଁ ପାଗ ଅନୁକୂଳ ରହିଛି। ରାଜ୍ୟକୁ ଏବେ ବଙ୍ଗୋପସାଗର ପଟୁ କିଛିକାଂଶରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଆସୁଥିବାରୁ ଏହା କାକର ପାଇଁ ଅନୁକୂଳ ପାଗ ସୃଷ୍ଟି କରିଛି। ମ୍ୟାଚ୍ ଦିନ ସମାନସ୍ଥିତି ଜାରି ରହିବ' ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଯଦି କାକରର ପରିମାଣ ୮ଟା ପରେ ବଢ଼ିବ ତେବେ ଏଥିରେ ଦ୍ୱିତୀୟ ଇନିଂସରେ ଫିଲ୍ଡିଂ କରୁଥିବା ଦଳ ସମସ୍ୟାର ସମ୍ମୁଖୀନ ହେବ। କାକର ଯୋଗୁ ବଲ୍ ଓଦା ହୋଇ ହାତରୁ ଖସିବ। ଫଳରେ ବଲ୍‌କୁ ଗ୍ରୀପ୍ କରିବାରେ ସ୍ପିନରଙ୍କୁ ଅସୁବିଧା ହେବ। ଏ ସବୁ କାରଣରୁ ଟସ୍ ଜିତିଲେ ପ୍ରଥମେ ଫିଲ୍ଡିଂ କରିବାକୁ ଉଭୟ ଦଳ ପସନ୍ଦ କରିବେ। ସେହିଭଳି ସୋମବାର ସାମ୍ବାଦିକ ସମ୍ମିଳନୀରେ ଅଧିନାୟକ ସୂର୍ଯ୍ୟକୁମାର କାକରକୁ ନେଇ କହିଛନ୍ତି ଯେ ଏହା ଆମ ହାତରେ ନାହିଁ। କାକର ପାଇଁ ଆମେ ସେତେଟା ବ୍ୟସ୍ତ ନାହୁଁ। ଆଇପିଏଲ୍ ସମେତ ଏକାଧିକ ଦିବା-ରାତ୍ର ମ୍ୟାଚରେ କାକରରେ କେଉଁଭଳି ଖେଳାଯିବ ଆମେ ସେଥିରେ ଅଭ୍ୟସ୍ତ ହୋଇଗଲୁଣି।

### ଦଳ ସହ ଅଭ୍ୟାସକୁ ଆସିଲେନି ପାଣ୍ଡ୍ୟା

ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ସୋମବାର ଦଳ ସହ ପ୍ରାକ୍ଟିସ କରିବାକୁ ବାରବାଟୀ ଷ୍ଟାଡିୟମକୁ ଆସି ନ ଥିଲେ। ଶନିବାରଠୁ ଭୁବନେଶ୍ୱରରେ ପହଞ୍ଚିଥିବା ପାଣ୍ଡ୍ୟା ପ୍ରଥମ ଖେଳାଳି ଭାବେ ରବିବାର ଏକାକୀ ସନ୍ଧ୍ୟାରେ ବାରବାଟୀରେ ବେଶ୍ କିଛି ସମୟ ଅଭ୍ୟାସ କରିଥିଲେ। କିନ୍ତୁ ସୋମବାର ସେ ଟିମ୍ ସହ ଅଭ୍ୟାସକୁ ନ ଆସି ବିଶ୍ରାମ ନେବାକୁ ଉଚିତ ମଣିଥିଲେ। ଫଳରେ ବାରବାଟୀରେ ଉପସ୍ଥିତ ହଜାର ହଜାର କ୍ରିକେଟ୍ ପ୍ରେମୀ ଆଜି ପାଣ୍ଡ୍ୟାଙ୍କ ଝଲକ ପାଇବାରୁ ବଞ୍ଚିତ ହୋଇଥିଲେ।

### ସମ୍ଭାବ୍ୟ ଖେଳାଳି

**ଭାରତ**: ଅଭିଷେକ ଶର୍ମା, ଶୁବମନ ଗିଲ୍, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା (ୱିକେଟ ରକ୍ଷକ), ଯଶପ୍ରୀତ୍ ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ।
**ବେଞ୍ଚ୍**: ସଞ୍ଜୁ ସାମସନ, ଅର୍ଶଦୀପ ସିଂହ, ୱାଶିଂଟନ ସୁନ୍ଦର, ହର୍ଷିତ ରାଣା।
**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାରକ୍ରମ (ଅଧିନାୟକ), କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି/ ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, ଡେଭିଡ ମିଲର, ମାର୍କୋ ଜାନସେନ, କର୍ବିନ ବୋଷ୍ଟ, କେଶବ ମହାରାଜ, ଲୁନ୍‌ଗି ଏନ୍‌ଗିଡି, ଆନରିଚ୍ ନୋର୍ଜେ। **ବେଞ୍ଚ** : ଡୋନୋଭାନ ଫେରେରା, ଜର୍ଜ ଲିଣ୍ଡେ, ଓଟ୍‌ନେଲ ବାର୍ଟମ୍ୟାନ୍, କ୍ୱେନା ମାଫକା।

## ଗିଲ୍, ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଦଳରେ ସନ୍ତୁଳନ ଆଣିଛି: ସୂର୍ଯ୍ୟ



'ହାର୍ଦ୍ଦିକ ପାଣ୍ଡ୍ୟା ଓ ଶୁବମନ ଗିଲ୍ ଉଭୟ ସୁସ୍ଥ ଫିଟ୍ ଦେଖାଯାଉଛନ୍ତି। ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ଫଳରେ ଦଳରେ ସନ୍ତୁଳନ ଆଣିଛି। ଗତ ଏସିଆ କପ୍‌ରେ ପାଣ୍ଡ୍ୟା ଯେତେବେଳେ ନୂଆ ବଲରେ ବୋଲିଂ କରିଥିଲେ ସେତେବେଳେ ଆମର ଚୂଡ଼ାନ୍ତ ଏକାଦଶ ଲାଗି ଅନେକ ବିକଳ୍ପ ଓ କମ୍ବିନେଶନ ଖୋଲା ହୋଇଯାଇଥିଲା। ପାଣ୍ଡ୍ୟାଙ୍କ ସାମିଲ ହେବା ଫଳରେ ଦଳକୁ ଏହି ସମସ୍ତ ଲାଭ ମିଳିଥାଏ। ତାଙ୍କର ଅଭିଜ୍ଞତା, ସମସ୍ତ ବଡ଼ ବଡ଼ ମ୍ୟାଚ୍ ଏବଂ ଆଇସିସି ଓ ଏସିସି ଟୁର୍ଣ୍ଣାମେଣ୍ଟରେ ସେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ମୁଁ ଭାବୁଛି ସେହି ଅଭିଜ୍ଞତା ଦଳ ପାଇଁ ବହୁତ ଉପଯୋଗୀ ହେବ। ପାଣ୍ଡ୍ୟାଙ୍କ ଉପସ୍ଥିତି ନିଶ୍ଚିତ ଭାବରେ ଦଳରେ ଏକ ଭଲ ସନ୍ତୁଳନ ରକ୍ଷା କରିବ' ବୋଲି ସୋମବାର ଅଭ୍ୟାସ ସେସନ ପୂର୍ବରୁ ଅଧିନାୟକ ସୂର୍ଯ୍ୟକୁମାର ସାମ୍ବାଦିକ ସମ୍ମିଳନୀ ଏହା କହିଛନ୍ତି।

## ଅଭିଷେକଙ୍କୁ ଅଟକାଇବା ପାଇଁ ସ୍ୱତନ୍ତ୍ର ପ୍ଲାନ କରିଛୁ: ମାରକ୍ରମ



ଟି-୨୦ ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା। ଏଥିରେ ଅନ୍ୟ ଫର୍ମାଟ୍ ତୁଳନାରେ ଭିନ୍ନ ଧରଣର ଲଢ଼େଇ ହୋଇଥାଏ। ଆମେ ରେକର୍ଡ ଉପରେ ବିଶ୍ୱାସ କରୁନୁ। କିନ୍ତୁ ଆସନ୍ତାକାଲି ଆମେ ଆମର ଶ୍ରେଷ୍ଠତ୍ୱ ଦେବୁ ଏବଂ ଖେଳର ମଜା ଉଠାଇବୁ' ବୋଲି ସୋମବାର ଅଭ୍ୟାସ ପୂର୍ବରୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ ଆଇଡେନ ମାରକ୍ରମ କହିଛନ୍ତି। ସେହିଭଳି ବିସ୍ଫୋରକ ଭାରତୀୟ ଓପନର୍ ଅଭିଷେକ ଶର୍ମାଙ୍କୁ ମାରକ୍ରମ ବେଶ୍ ପ୍ରଶଂସା କରିଛନ୍ତି। 'ଦିନିକିଆ ସିରିଜ୍‌ରେ ଫର୍ମରେ ଥିବା ଦୁଇ ଭାରତୀୟ ଖେଳାଳି ବିରାଟ କୋହଲି ଓ ରୋହିତ୍ ଶର୍ମାଙ୍କ ବିନା ଭାରତ ଟି-୨୦ ସିରିଜ ଖେଳୁଥିବାରୁ ଉଭୟଙ୍କ ଅନୁପସ୍ଥିତି ନିଶ୍ଚୟ ଅନୁଭୂତ ହେବ। ତେବେ ଅଭିଷେକ ଜଣେ ଦୁର୍ଦ୍ଧର୍ଷ ଖେଳାଳି। ଆମେ ତାଙ୍କୁ ଅଟକାଇବା ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛୁ।' ଦକ୍ଷିଣ ଆଫ୍ରିକା ଖେଳାଳିମାନେ ସନ୍ଧ୍ୟା ୫ଟାରୁ ଓ ଫ୍ଲଡ ଲାଇଟ୍‌ରେ ରାତି ସାଢ଼େ ୭ଟା ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ନେଟ୍ସରେ ଝାଳ ବୁହାଇଥିଲେ। ସେଣ୍ଟର ପିଚ୍ ନିକଟରେ ଥିବା ନେଟ୍ସରେ ଡେଭିଡ୍ ମିଲର ଓ କୋର୍ବିନ ବୋଷ୍ଟ ବଡ଼ ବଡ଼ ଛକା ମାରି ମ୍ୟାଚ୍ ପୂର୍ବରୁ ନିଜକୁ ପ୍ରସ୍ତୁତ କରିଥିଲେ। ସେହିଭଳି ଲୁନ୍‌ଗି ଏନ୍‌ଗିଡି ବାଉଣ୍ଡାରୀ ଲାଇନରେ ଉଚ୍ଚ କ୍ୟାଚ ଅଭ୍ୟାସ କରୁଥିବାର ଦେଖିବାକୁ ମିଳିଥିଲା।

## ଭାରତ ଲାଗି ତୃତୀୟଥର ଭାଗ୍ୟବାନ ହେବ କି ବାରବାଟୀ

ଭୁବନେଶ୍ୱର, ୮।୧୨ (ସମିସ) : ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ବାରବାଟୀରେ ସିରିଜ୍ ଆରମ୍ଭ ହେଉଥିବାରୁ ଓଡ଼ିଶା ଦର୍ଶକ କିଛିଟା ଅଧିକ ଉତ୍ସାହିତ ରହିବା ସ୍ୱାଭାବିକ୍। କିନ୍ତୁ ଉଭୟ ଦଳ ଏଠାରେ ପରସ୍ପର ସହ ତୃତୀୟ ଟି-୨୦ ମୁକାବିଲାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଏହି ମ୍ୟାଚ୍ ଭାରତ ଲାଗି ଲକି ସାବ୍ୟସ୍ତ ହେବ କି ଦଳ ହ୍ୟାଟ୍ରିକ୍ ପରାଜୟ ବରଣ କରିବ ତାହାକୁ ନେଇ ବେଶ ଚର୍ଚ୍ଚା ଚାଲିଛି। ପୂର୍ବରୁ ୨୦୧୫ ଓ ୨୦୨୨ରେ ଖେଳାଯାଇଥିବା ଦୁଇଟିଯାକ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପରାଜିତ ହୋଇଛି। ଏଠାରେ ଦଳକୁ ଭାଗ୍ୟଦେବୀ ସହାୟ ହେବ କି ନାହିଁ ତାହା ଆସନ୍ତାକାଲି ମ୍ୟାଚ୍ ପରେ ଜଣା ପଡ଼ିବ। ସେହିପରି ଉଭୟ ଦଳ ନୂଆ ଅଧିନାୟକ ଓ କିଛି ନୂଆ ଖେଳାଳିଙ୍କୁ ନେଇ ଏହି ସିରିଜ୍ ଖେଳିବ। ବିଶ୍ୱକପ୍ ପୂର୍ବରୁ ଏହାକୁ ମିଶାଇ ଆଉ ୧୦ଟି ମ୍ୟାଚ୍ ଖେଳାଯିବାକୁ ଥିବାରୁ ଏବେ ଉଭୟ ଚାମ୍ପିଅନ ଓ ରନର୍ସ ଅପ୍ ଦଳ ଏବେଠାରୁ ଚୂଡ଼ାନ୍ତ ପର୍ଯ୍ୟାୟ ପ୍ରସ୍ତୁତି ଆରମ୍ଭ କରିବେ ବୋଲି ଯୋଜନା ରଖିଛନ୍ତି।

### କ'ଣ ହୋଇପାରେ ରେକର୍ଡ

ଭାରତ ଏଠାରେ ଆସନ୍ତାକାଲିର ମ୍ୟାଚ୍ ଜିତିଲେ ଭାରତ ପରାଜିତ ହେବାର ଧାରା ଭାଙ୍ଗିବ। ଦଳ ଓ ଦର୍ଶକଙ୍କ ଲାଗି ସିରିଜ୍‌ର ପ୍ରଥମ ମ୍ୟାଚ୍ ବିଜୟ ବେଶ ଉତ୍ସାହ ଆଣିଥାଏ।

**ଯଶପ୍ରୀତ୍ ବୁମ୍‌ରା** : ସେହିପରି ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଯଦି ଏଠାରେ ଆଉ ଗୋଟିଏ ୱିକେଟ ନିଅନ୍ତି ତେବେ ଏହି ଫର୍ମାଟରେ ସେ ୧୦୦ତମ ୱିକେଟ ହାସଲ କରିବେ। କିନ୍ତୁ ସେ ବିଶ୍ୱର ମାତ୍ର ପଞ୍ଚମ ବୋଲର ଭାବେ ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ୩ଟି ଯାକ ଫର୍ମାଟରେ ୧୦୦ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାର ବିରଳ ରେକର୍ଡର ଅଧିକାରୀ ହେବେ।

ଏହି ଫର୍ମାଟରେ ୯୮ଟି ୱିକେଟ ନେଇଥିବା ହାର୍ଦ୍ଦିକ ପାଣ୍ଡ୍ୟା ଆଉ ଦୁଇଟି ୱିକେଟ ଅକ୍ତିଆର କଲେ ଏହି ଫର୍ମାଟର ୧୦୦ ୱିକେଟ ପୂରଣ କରିବେ।




## ଜାତୀୟ କିକ୍ ବକ୍ସିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

# ସିନିଅର ଓ ସବ୍‌ଜୁନିଅର ବିଭାଗରେ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୮।୧୨ (ସମିସ)

ଇଣ୍ଡିଆନ ଆସୋସିଏସନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେସନ (ଆଇକେଓ) ପକ୍ଷରୁ ନିଖିଳ ଓଡିଶା କିକ ବକ୍ସିଂ ଆସୋସିଏସନ ସହାୟତାରେ ଭୁବନେଶ୍ୱରଠାରେ ୪ ଦିନ ଧରି ଚାଲିଥିବା ଜାତୀୟ କିକ ବକ୍ସିଂ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ଟାଉନ ହାଉସରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ (ସିନିଅର) ଓ ଉପକନିଷ୍ଠ (ସବଜୁନିଅର) ବର୍ଗରେ ଓଡ଼ିଶା ଦଳଗତ ଚାମ୍ପିଅନ ହୋଇଥିଲା ବେଳେ କନିଷ୍ଠ (ଜୁନିୟର) ବର୍ଗରେ କେରଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିପରି କର୍ଣ୍ଣାଟକର ପରିତୋଷ ମେଘାଳୟର ରୟାଲସନ ଙ୍କୁ ପରାସ୍ତ କରି ପ୍ରଥମ ଆଇଏସ୍‌କେଏ ଜାତୀୟ ପ୍ରୋ କୁଁ ଖମେର ଟାଇଟଲ ହାସଲ କରିଛନ୍ତି। ପ୍ରୋ କିକ ବକ୍ସିଂ ୫୦ କିଲୋ ବର୍ଗରେ ଓଡ଼ିଶାର ରାହୁଲ ଘଡେଇ ଓ ୬୦ କିଲୋ ବର୍ଗରେ କେରଳର ନିହାଲ କରିମ ବେଲ୍ଟ ହାସଲ ଜରିଥିବା ନେଇ ଆୟୋଜକ କମିଟି ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଓଡ଼ିଶା ଅଲିମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି, ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ ତ୍ରିପାଠୀ, ଆଇଏକେଓ ସଭାପତି ଇଂ ପ୍ରବୋଧ ମହାନ୍ତି, ସମାଜସେବୀ ରୋଜାଲିନ ପାଟଶାଣୀ ମିଶ୍ର, ରୋଟାରୀ ଜିଲା ଗଭର୍ଣ୍ଣର ଜୟଶ୍ରୀ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଯୋଗ ଦେଇଥିଲେ।




## ମନ୍ଥର ବୋଲିଂ ଲାଗି ଭାରତ ଦଣ୍ଡିତ

ନୂଆଦିଲ୍ଲୀ, ୮।୧୨(ଏଜେନ୍ସି): ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆରେ ମନ୍ଥରଗତିରେ ବୋଲିଂ କରିଥିବା ଭାରତୀୟ ଦଳକୁ ଦଣ୍ଡ ପ୍ରଦାନ କରାଯାଇଛି। ଦକ୍ଷିଣ ଆଫ୍ରିକା ଇନିଂସରେ ବୋଲିଂ କରିଥିବା ଭାରତ ନିର୍ଦ୍ଧାରିତ ସମୟରେ ୨ ଓଭର କମ୍ ବୋଲିଂ କରିଥିଲା। ଅମ୍ପାୟାରଙ୍କ ରିପୋର୍ଟ ପାଇବା ପରେ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଖେଳାଳିମାନଙ୍କର ୧୦ ଶତକଡ଼ା ମ୍ୟାଚ୍ ଫି କାଟି ନେଇଛନ୍ତି। ଏହି ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ଜିତି ସିରିଜ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲା। ଏହି ଅର୍ଥ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କ ପାଇଁ ମଧ ଲାଗୁ ହେବ ବୋଲି ରିଚାର୍ଡସନ ସ୍ପଷ୍ଟ କରିଛନ୍ତି।

## ଆଜିଠାରୁ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୮।୧୨(ସମିସ): କଟକର ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ମଙ୍ଗଳବାରଠାରୁ ଓଡ଼ିଶା ମାଷ୍ଟର୍ସ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ତୃତୀୟ ସଂସ୍କରଣ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟକୁ ମିଳିତ ଭାବେ ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ (ବାଇ), ଓଡ଼ିଶା ବ୍ୟାଡମିଣ୍ଟନ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆୟୋଜନ କରୁଛନ୍ତି। ଆସନ୍ତା ୧୪ ତାରିଖଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ଟି ଦେଶରୁ ୫୭୮ ଜଣ ପ୍ରତିଯୋଗୀ ୫ଟି ଭିନ୍ନ ଭିନ୍ନ ବିଭାଗରେ ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ଭାରତରୁ ସର୍ବାଧିକ ୩୧୦ରୁ ୩୩୦, ମାଲେସିଆରୁ ୪୫ରୁ ୫୫, ଇଣ୍ଡୋନେସିଆରୁ ୪୦ରୁ ୫୦, ଚାଇନିଜ୍ ତାଇପେରୁ ୨୫ରୁ ୩୫ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏସିଆ, ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଆଦି ମହାଦେଶରୁ ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ଓଡ଼ିଶାରୁ ୧୩ ଜଣ ଖେଳାଳି ସମସ୍ତ ବିଭାଗରେ ଭାଗ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଆୟୁଷ ଦାଶ, ଆର୍ଯ୍ୟ ମାଝୀ, ମହିଳା ସିଙ୍ଗଲ୍ସରେ ହର୍ଷିତା ରାଉତ ଓ ଜାତୀୟ ଜୁନିଅର ଚାମ୍ପିଅନ ତନ୍‌ଭୀ ପତ୍ରୀ, ପୁରୁଷ ଡବଲ୍ସରେ ଅବିନାଶ ମହାନ୍ତି, ଆୟୂଷ ପଟ୍ଟନାୟକ, କେ. ମୁରଲୀ କ୍ରିଷ୍ଣା, ଅଭିଜିତ ମହାରାଣା, ମହିଳା ଡବଲ୍ସରେ ଋତୁପର୍ଣ୍ଣା ପଣ୍ଡା, ଶ୍ୱେତପର୍ଣ୍ଣା ପଣ୍ଡା, ହର୍ଷିତା ରାଉତ୍, ପୂର୍ବା ପ୍ରତ୍ୟାଶା ପଣ୍ଡା, ବିଶାଖା ଟପ୍ପୋ, ମିକ୍ସଡ ଡବଲ୍ସରେ ଆୟୁଷ ଦାଶ-ପୂର୍ବା ପ୍ରତ୍ୟାଶା ପଣ୍ଡା, ହର୍ଷିତା ରାଉତ-ତନ୍ମୟ କୁମାର ସାହୁ ଅଂଶଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ବୁଲଗାରିଆର ଷ୍ଟୋଏଭା ସିଷ୍ଟର୍ସ, ଇଣ୍ଡୋନେସିଆର ମହିଳା ଡବଲ୍ସ ଯୋଡି ଆପ୍ରିୟାନୀ ରାହାୟୁ-ସିତି ଫାଦିଆ, ଥାଇଲାଣ୍ଡର ଲାଲିନରାତ ଚାଇୱାନ୍, ଇଣ୍ଡୋନେସିଆର ମହମ୍ମଦ୍ ରିଆନ୍ ଆର୍ଡ୍ରିଆଣ୍ଟୋ ଅଂଶଗ୍ରହଣ କରୁଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS